READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524


ଟଙ୍କପାଣି ରୋଡ ରତ୍ନାକରବାଗ ଲେନ୍-୨ରେ ଅବସ୍ଥିତ ଡାକ୍ତର ହରିହର ସାହୁଙ୍କ ବଗିଚାରେ ଫୁଟିଛି ବିରଳ ବ୍ରହ୍ମକମଳ

ବର୍ଷ-୭ ସଂଖ୍ୟା-୩୨ ୨୧ - ୨୭ ଅଗଷ୍ଟ, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-32 21st - 27th AUGUST, 2023 BHUBANESWAR ₹ 5/- (8 Pages)

## ଡେଙ୍ଗୁ ହଟ୍‌ସ୍ପଟ ଭୁବନେଶ୍ୱର

# ବିଏମ୍‌ସି ବେଫିକର

**ଭୁବନେଶ୍ୱର :** ରାଜଧାନୀ ଭୁବନେଶ୍ୱରରେ ଡେଙ୍ଗୁ ଆତଙ୍କ। ବୃଦ୍ଧି ପାଇବାରେ ଲାଗିଛି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା। ଗତ କିଛି ଦିନ ମଧ୍ୟ ଡେଙ୍ଗୁ କାୟାବିସ୍ତାର କରି ଚାଲିଥିବା ବେଳେ ଘରେ ଘରେ ଜ୍ୱର ମାଡିଗଲାଣି। ଏପରି ପରିସ୍ଥିତି ହୋଇଛି ଯେ ଡେଙ୍ଗୁ ପାଇଁ ହଟସ୍ପଟ ପାଲଟି ଯାଇଛି ଭୁବନେଶ୍ୱର। ଭୁବନେଶ୍ୱର ମହାନଗର ନିଗମ କହୁଛି ଡ୍ରାଏ ଡେ' ପାଳନ ହେଉଛି, ଜନସାଧାରଣଙ୍କୁ ସଚେତନ ମଧ୍ୟ କରାଯାଉଛି, ନିୟମିତ ମଶା ଧୂଆଁ ଦିଆଯାଉଛି, ମଶା ତେଲ ପଡୁଛି, ବୁଦା ସଫା ହେଉଛି, ଅଳିଆ ଉଠୁଛି। ତେବେ ପ୍ରଶ୍ନ ଉଠୁଛି ଡେଙ୍ଗୁ କ'ଣ ଶୂନ୍ୟରୁ ଆସୁଛି ! ଶୂନ୍ୟରୁ ଖସିଲା ପରି ରାଜଧାନୀର ଚାରିଆଡେ ମାଡିଚାଲିଛି ଡେଙ୍ଗୁ। ପ୍ରତିଦିନ ଭୁବନେଶ୍ୱରରେ ପୁଳା ପୁଳା ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି। ସରକାରୀ ହସ୍ପିଟାଲରୁ ଆରମ୍ଭ କରି ଘରୋଇ ହସ୍ପିଟାଲ ସବୁଠି ଏବେ ଡେଙ୍ଗୁ ରୋଗୀଙ୍କ ଭିଡ। ବିଏମ୍‌ସି କର୍ମଚାରୀ ମଧ୍ୟ ଡେଙ୍ଗୁରୁ ବାଦ୍ ପଡୁନାହାନ୍ତି। ସରକାରୀ ଭାବେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା କମ ଦେଖାଯାଉଥିଲେ ବି ବାସ୍ତବ ସ୍ଥିତି



ସମ୍ପୂର୍ଣ୍ଣ ଭିନ୍ନ। ସରକାରୀ ଡାକ୍ତରଖାନାରେ ପରୀକ୍ଷା ରିପୋର୍ଟ ବିଳମ୍ବ ହେଉଥିବାରୁ ଲୋକମାନେ ଘରୋଇ ହସ୍ପିଟାଲରେ ଡେଙ୍ଗୁ ରୋଗ ପରୀକ୍ଷା କରୁଥିବାର ଅଭିଯୋଗ ହେଉଛି। ବିଏମ୍‌ସି ଏବେଠାରୁ ଯଦି ତତ୍‌ପର ନହୁଏ ତା'ହେଲେ ଆଗକୁ ଡେଙ୍ଗୁ ଭୟଙ୍କର ରୂପ ନେଇପାରେ ବୋଲି ଲୋକେ କହୁଛନ୍ତି। ଚଳିତ ବର୍ଷ ଅଧିକ ରକ୍ତ ନମୁନା ପରୀକ୍ଷା କରାଯାଇଥିବା ବେଳେ ଟିପିଆର (ଟେଷ୍ଟ ପଜିଟିଭ୍ ରେଟ୍) ମଧ୍ୟ ପୂର୍ବାପେକ୍ଷା କମ୍ ରହିଛି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଟିପିଆର ୧୧%ରହିଥିବା ବେଳେ ୨୦୨୨ରେ ୧୯ ଓ ୨୦୨୧ରେ ୨୪ % ରହିଥିଲା। ଅନ୍ୟପଟେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଡେଙ୍ଗୁ ➤ ପୃ-୬

## ନୂଆ ଗାଡି କିଣିବା ମୁଡ୍‌ରେ ନାହାନ୍ତି ସରକାର

# ଭଡ଼ା ଗାଡ଼ିକୁ ପ୍ରୋତ୍ସାହନ !

**ଭୁବନେଶ୍ୱର:** ନିକଟରେ ଅର୍ଥ ବିଭାଗ ପକ୍ଷରୁ ସରକାରୀ ଅଫିସ ଗୁଡ଼ିକରେ ସରକାରୀ କାର୍ଯ୍ୟ ପାଇଁ ଉପଯୋଗ ହେଉଥିବା ଘରୋଇ ଗାଡ଼ିକୁ ଭଡ଼ାରେ ଆଣିବା ନିମନ୍ତେ ନିର୍ଦ୍ଦେଶନାମା ଜାରି ହୋଇଛି। ଅର୍ଥ ବିଭାଗ ପକ୍ଷରୁ ୧୪ତାରିଖରେ ଜାରି ନିର୍ଦ୍ଦେଶନାମା ଅନୁସାରେ, କେତେକ ନିର୍ଦ୍ଦିଷ୍ଟ ବର୍ଗର ପଦାଧିକାରୀ (ମନ୍ତ୍ରୀ, ସଚିବ,ଜିଲ୍ଲା ମାଜିଷ୍ଟ୍ରେଟ ଓ ଜିଲ୍ଲା ଜଜ୍) ଆଦିଙ୍କୁ ସରକାରୀ ଗାଡ଼ି ଯୋଗାଇ ଦିଆଯିବ। ଅନ୍ୟ ସମସ୍ତ ଅଫିସର ଭଡ଼ାରେ ଗାଡ଼ି ଆଣି ଉପଯୋଗ




କରିପାରିବେ। ଏନେଇ ରାଜ୍ୟ ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି। ବ୍ଲକ ଠାରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ ସବୁସ୍ତରର ଅଫିସରମାନଙ୍କ ପାଇଁ ଏହି ନିୟମ ପ୍ରଯୁଜ୍ୟ। ପୁରୁଣା ଗାଡ଼ିକୁ ନଷ୍ଟ ନକରି ➤ ପୃ-୬

## ନବୀନଙ୍କ ଯୋଜନା ଦେଶର ମଡେଲ



**ଭୁବନେଶ୍ୱର :** ନବୀନଙ୍କ ଯୋଜନା ଦେଶର ମଡେଲ। ଓଡ଼ିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା କଲ୍ୟାଣ ଢାଞ୍ଚାରେ ଦେଶରେ ଆରମ୍ଭ ହେଉଛି ବିଶ୍ୱକର୍ମା ଯୋଜନା। ଅଣସଂଗଠିତ ଶ୍ରମିକଙ୍କ ପାଇଁ ଖୁବଶୀଘ୍ର ଏହି ଯୋଜନା ଲାଗୁ ହେବାକୁ ଯାଉଛି। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ କଲ୍ୟାଣ ଯୋଜନାରେ ଡେଲିଭରି ବୟ, କୁମ୍ଭାର, କମାର, ପାଇପମିସ୍ତ୍ରୀଙ୍କ ପରି ୫୦ଟି ବର୍ଗର ଅଣସଂଗଠିତ କର୍ମଚାରୀଙ୍କୁ କଲ୍ୟାଣ ବୋର୍ଡ ଯୋଜନାରେ ସାମିଲ କରିଛନ୍ତି। ଏଥିରେ ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ସହାୟତା ୪ଲକ୍ଷ ଟଙ୍କା, ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ୨ଲକ୍ଷ ଟଙ୍କା ସହାୟତା ରାଶିକୁ ବୃଦ୍ଧି କରାଯାଇଛି। ଓଡ଼ିଶାର ଅଣସଂଗଠିତ ଶ୍ରମିକ ବୋର୍ଡ ଜରିଆରେ ହିତାଧୀକାରୀଙ୍କୁ ବିଭିନ୍ନ ସହାୟତା ଯୋଗାଇ ଦେଉଛନ୍ତି ରାଜ୍ୟ ସରକାର। ➤ ପୃ-୬

## କେନ୍ଦ୍ର ଅର୍ଥକୁ ଠିକଣା ବାଟରେ ଖର୍ଚ୍ଚ କଲେ ଓଡ଼ିଶାର ବିକାଶ ହୋଇପାରିବ: ସୀତାରମଣ

**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାକୁ ପଠାଉଥିବା ଟଙ୍କାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରାଗଲେ ରାଜ୍ୟର ବିକାଶ ହୋଇପାରିବ। ଆଉ ଭାରତର ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କୁ ଗ୍ଲୋବାଲ୍ ଲିଡର ବନାଇବା ଓ ଏହା ସୁନିଶ୍ଚିତ କରିବା ପାଇଁ ଭାରତ ସରକାର ସକ୍ରିୟତାର ସହ କାର୍ଯ୍ୟ କରୁଛନ୍ତି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି। ଭୁବନେଶ୍ୱରସ୍ଥିତ ସୋଆ ବିଶ୍ୱବିଦ୍ୟାଳୟରେ ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଫ୍ ଇଣ୍ଡିଆ (ଆଇସିଏଆଇ) ପକ୍ଷରୁ ଆୟୋଜିତ ୨୦ତମ ଜାତୀୟ ଚାର୍ଟାର୍ଡ ଆକାଉଣ୍ଟା ସମ୍ମିଳନୀକୁ




ଉଦ୍‌ଘାଟନ କରି କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ଯୋଗଦେଇ କହିଛନ୍ତି ଯେ, ଭାରତର ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନେ ବିଶ୍ୱର ନେତୃତ୍ୱ ନେବା ଦିଗରେ କାମ କରୁଛନ୍ତି ଏବଂ ଏଥିପାଇଁ ସରକାର ଅନ୍ୟ ରାଷ୍ଟ୍ର ମାନଙ୍କ ସହ ମଧ୍ୟ ଯୋଗାଯୋଗ ସ୍ଥାପନ କରୁଛି। ଗତ ମେ' ମାସରେ ଆଇସିଏଆଇ ଇନଷ୍ଟିଚ୍ୟୁଟ୍ ଅଫ୍ ସିଏ ଇନ୍ ଇଂଲଣ୍ଡ ଆଣ୍ଡ ୱେଲ୍ସ (ଆଇସିଏଇଡବ୍ଲ୍ୟୁ) ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଆୟର୍ଲାଣ୍ଡ, କାନାଡା, ମାଲେସିଆ, ୟୁଏଇ, ସାଉଦି ଆରବ, କତାର, ବାହାରିନ, ଓମାନ ଏବଂ ଦକ୍ଷିଣ ଆଫ୍ରିକା ସହିତ ପାରସ୍ପରିକ ସ୍ୱୀକୃତି ଏବଂ ଏମଓୟୁକୁ ସମ୍ପୂର୍ଣ୍ଣ ରୂପେ ଉପଯୋଗ କରାଯିବା ➤ ପୃ-୬

## ସମସ୍ତଙ୍କ ପାଇଁ ଆଇନ ସମାନ : ସୁପ୍ରିମ୍‌କୋର୍ଟ



**ନୂଆଦିଲ୍ଲୀ :** ସମସ୍ତ ପ୍ରକାରର ହେଟସ୍ପିଚ୍ ପ୍ରଚଳିତ ଆଇନ ଅନୁସାରେ ବିଚାର କରାଯିବ। ଘୃଣା ସୃଷ୍ଟିକାରୀ ବୟାନ ଯେଉଁ ପକ୍ଷ ଦେଉଥିଲେ ମଧ୍ୟ ସମସ୍ତଙ୍କୁ ଗୋଟିଏ ନିକିତିରେ ମାପିବା ସପକ୍ଷରେ ସୁପ୍ରିମକୋର୍ଟ ମତ ରଖିଛନ୍ତି। ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ ଏସଭିଏନ ଭାଟିଙ୍କ ଖଣ୍ଡପୀଠ ଦେଶରେ ବଢୁଥିବା ହେଟସ୍ପିଚ୍ ସମ୍ପର୍କିତ ଆବେଦନର ଶୁଣାଣି କରୁଛନ୍ତି। ଶୁଣାଣି ସମୟରେ କେରଳରେ ଇଣ୍ଡିଆନ ୟୁନିୟନ ମୁସଲିମ ଲିଗ ତରଫରୁ ଦିଆଯାଇଥିବା ଘୃଣା ସୃଷ୍ଟିକାରୀ ବୟାନ ସମ୍ପର୍କରେ ଖଣ୍ଡପୀଠଙ୍କୁ ଅବଗତ କରାଯାଇଥିଲା। ଜଣେ ଓକିଲ କହିଥିଲେ ଯେ ଇଣ୍ଡିଆନ ୟୁନିୟନ ମୁସଲିମ ଲିଗ୍ ପକ୍ଷରୁ ରାଲି କରାଯିବା ବେଳେ ହିନ୍ଦୁଙ୍କ ମୃତ୍ୟୁ ବା ହତ୍ୟା ସଂକ୍ରାନ୍ତରେ ନାରା ଦିଆଯାଇଥିଲା। ଏହା ଶୁଣି କୋର୍ଟ କୋର୍ଟ କହିଥିଲେ ଯେ ଏ ପକ୍ଷ ହେଉ କି ସେ ପକ୍ଷ ହେଉ, ସେମାନଙ୍କ ମାମଲା ସମାନ ଭାବେ ➤ ପୃ-୬

## 'ପିପିଲି ଚାନ୍ଦୁଆ ଓଡ଼ିଶା କଳାର ପରିଚୟ'

**ପୁରୀ :** ପିପିଲିରେ ଚମକିବ ଚାନ୍ଦୁଆ ଶିଳ୍ପ। ସପ୍ତାହେ ଭିତରେ ଖୁସି ଖବର ଦେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପୁରୀ ଜିଲ୍ଲାର ରୂପାନ୍ତରଣ ପାଇଁ ଗ୍ରାଉଣ୍ଡରେ ଅନୁଧ୍ୟାନ କରି ପ୍ରତିଶ୍ରୁତି ଦେଇଛନ୍ତି ଫାଇଭ-ଟି ସଚିବ ଭିକେ ପାଣ୍ଡିଆନ। ପିପିଲି ଚାନ୍ଦୁଆ ଓଡ଼ିଶା କଳାର ପରିଚୟ। ଏହାର ବିକାଶ ପାଇଁ ଡିପିଆର ପ୍ରସ୍ତୁତ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପିପିଲି ଇନ୍ଦିରା ଗାନ୍ଧୀ ପଡ଼ିଆରେ ଲୋକଙ୍କ ସହିତ ଆଲୋଚନା କରିଛନ୍ତି ପାଣ୍ଡିଆନ୍। ଲୋକଙ୍କ ପାଖକୁ ଯାଇ ସମସ୍ୟା ଶୁଣିଛନ୍ତି। ଏହି ସମୟରେ ଫାଇଭ-ଟି ସଚିବଙ୍କୁ ରାକ୍ଷୀ ପିନ୍ଧାଇଥିଲେ ମହିଳା। ଲୋକଙ୍କଠାରୁ ଦରଖାସ୍ତ ଗ୍ରହଣ କରିବା



ସହ ଆସନ୍ତା ୭ଦିନ ଭିତରେ ଧର୍ମାନୁଷ୍ଠାନ ସମ୍ପର୍କିତ ଖୁସି ଖବର ମିଳିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦିନେ ଦୁଇଦିନ ମଧ୍ୟରେ ପିଇବା ପାଣି ସମସ୍ୟାର ସମାଧାନ କରାଯିବ। ଏହି ଅବସରରେ ମିଶନ ଶକ୍ତି ମାଆଙ୍କୁ ପ୍ରଶଂସା କରିଥିଲେ ଭିକେ ପାଣ୍ଡିଆନ। ସେହିଭଳି ବ୍ରହ୍ମଗିରି ବ୍ଲକ୍ କେରାଣ୍ଡିଆ ପଡ଼ିଆରେ ଆୟୋଜିତ ଜନଶୁଣାଣିରେ ଲୋକଙ୍କ ଦୁଃଖ ବୁଝିଲେ ଫାଇଭ-ଟି ସଚିବ। ଜନଶୁଣାଣିରେ ନିର୍ବାଚନ ମଣ୍ଡଳୀର ୧୦ ହଜାରରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଯୋଗଦେଇଥିଲେ। ମା'ମାନଙ୍କଠାରୁ ଆଶୀର୍ବାଦ ନେଇ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ୭ ଦିନ ଭିତରେ ସବୁ ମନ୍ଦିର, ମସଜିଦ, ଚର୍ଚ୍ଚ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିକାଶ ଲାଗି ମୁଖ୍ୟମନ୍ତ୍ରୀ ଘୋଷଣା କରିବେ। ସ୍ୱଚ୍ଛତାର ସହ ପ୍ରଥମ ପର୍ଯ୍ୟାୟ ଟଙ୍କା ଖର୍ଚ୍ଚ କଲେ ଆହୁରି ଅନୁଦାନ ଦିଆଯିବ ବୋଲି କହିବା ସହ ପାନୀୟ ଜଳ ସମସ୍ୟା କାଲି ସୁଦ୍ଧା ସମାଧାନ କରାଯିବ ବୋଲି ପାଣ୍ଡିଆନ କହିଛନ୍ତି। ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ପରିଦର୍ଶନ ➤ ପୃ-୬

## କପିଳେଶ୍ୱର ମନ୍ଦିରକୁ ଜାତୀୟ ସଂରକ୍ଷିତ କୀର୍ତ୍ତିରାଜିର ମାନ୍ୟତା

# ରକ୍ଷଣାବେକ୍ଷଣ କରିବ ଏଏସଆଇ

**ଭୁବନେଶ୍ୱର :** ରାଜଧାନୀ ଭୁବନେଶ୍ୱରର ପ୍ରସିଦ୍ଧ ଶୈବପୀଠ କପିଳେଶ୍ୱର ମନ୍ଦିରକୁ ଜାତୀୟ ସଂରକ୍ଷିତ କୀର୍ତ୍ତିରାଜିର ମାନ୍ୟତା ମିଳିଛି। ଏହାଫଳରେ ମନ୍ଦିରର ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ ଆଦି କାର୍ଯ୍ୟ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସଆଇ) କରିବା ସମ୍ଭବପର ହୋଇପାରିବ। କେନ୍ଦ୍ର ସଂସ୍କୃତି ବିଭାଗର ଏସଏସଆଇ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି ତଥା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଏହି ବିଜ୍ଞପ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ସ୍ଥାନୀୟ ଲୋକମାନଙ୍କ ଦାବି ଆଧାରରେ ସାଂସଦ ଶ୍ରୀମତୀ



ଷଡ଼ଙ୍ଗୀ କପିଳେଶ୍ୱର ମନ୍ଦିରକୁ ଏଏସଆଇକୁ ହସ୍ତାନ୍ତର ନିମନ୍ତେ ପ୍ରୟାସ କରିଥିଲେ। ଗତ ମେ' ୬ତାରିଖରେ ଏଏସଆଇ ପକ୍ଷରୁ ବିଧିବଦ୍ଧ ଗେଜେଟ୍ ବିଜ୍ଞପ୍ତି ଜାରି କରାଯାଇ କପିଳେଶ୍ୱର ମନ୍ଦିରକୁ ସଂରକ୍ଷିତ କୀର୍ତ୍ତିରାଜି ଭାବେ ଘୋଷଣା କରାଯିବା ନେଇ ସାଧାରଣ ଲୋକଙ୍କ ପ୍ରତିକ୍ରିୟା ଲୋଡ଼ାଯାଇଥିଲା। ୨ମାସ ମଧ୍ୟରେ ନିଜର ଆପତ୍ତି ଅଭିଯୋଗ ଦେବାକୁ ସଂସ୍କୃତି ମନ୍ତ୍ରଣାଳୟ ନିଜର ବିଜ୍ଞପ୍ତି ମାଧ୍ୟମରେ ଦର୍ଶାଇଥିଲା। ଏହି ଅବଧି ମଧ୍ୟରେ ସାଧାରଣ ଲୋକଙ୍କଠୁ କୌଣସି ଆପତ୍ତି ମିଳିନଥିଲା। ଯାହାଫଳରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଆମସାର ଆକ୍ଟ-୧୯୫୮ର ଧାରା ୪(୩) ପ୍ରାବଧାନ ଆଧାରରେ କପିଳେଶ୍ୱର ମନ୍ଦିରକୁ ଜାତୀୟ ସଂରକ୍ଷିତ କୀର୍ତ୍ତିରାଜି ଘୋଷଣା କରିଛନ୍ତି। ମନ୍ଦିରର ପରିଚାଳନା ଏବେ କପିଳେଶ୍ୱର ମନ୍ଦିର ଟ୍ରଷ୍ଟ ବୋର୍ଡ ଦ୍ୱାରା ହେଉଛି। ମନ୍ଦିରର ମୋଟ ସମ୍ପତ୍ତି ୨.୧୩୧ଏକର ହୋଇଥିବାବେଳେ ➤ ପୃ-୬

## ବକ୍ରବାଣୀ



ବିଧାନସଭା ନିଅଣ୍ଟ ହେଲାଣି
ନେତା ଥଇଥାନ କରିବା ପାଇଁ
ଭୋକିଲା ପେଟକୁ ଗୋଇଁଠା ମାରି
ବିଧାନ ପର୍ଶଦ ଗଢ଼ିବେ ସାଇଁ
ଗରୀବ ରାଇଜେ ଗରିବୀ ମାଡ଼
ଗରୀବ ଧନରେ କରନ୍ତି ଖେଳ
ଗରୀବ ଲୁହର ହବ ହିସାବ
ଆଉଚି ତାଙ୍କର ବୁଡ଼ିବା ବେଳ
ସତେକି ଦଇବ ଛାଡ଼ିଗଲାଣି
ସୈତାନ ମୁହଁରେ ଗୀତାର ବାଣୀ।

—— ଟୁଟୁ

## ଜି-୨୦ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ

# ସ୍ୱାସ୍ଥ୍ୟ ହେଉଛି ଜୀବନର ଭିତ୍ତିଭୂମି

**ନୂଆଦିଲ୍ଲୀ, (ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟର ଗାନ୍ଧୀନଗର ଠାରେ ଆୟୋଜିତ ଜି-୨୦ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ବୈଠକକୁ ଆଭାସୀ ମାଧ୍ୟମରେ ସମ୍ବୋଧନ କରିଛନ୍ତି। ଉପସ୍ଥିତ ଅତିଥିଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଦେଶର ୨.୧ ନିୟୁତ ଡାକ୍ତର, ୩.୫ ନିୟୁତ ସେବିକା, ୧.୩ ନିୟୁତ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟ ସେବକ ଓ ୧.୬ ନିୟୁତ ଫାର୍ମାସିଷ୍ଟ ଓ ଲକ୍ଷାଧିକ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଯତ୍ନ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ପକ୍ଷରୁ ସେମାନଙ୍କୁ ସ୍ୱାଗତ ଜଣାଇ ଥିଲେ। ଜାତିର ପିତାଙ୍କୁ ସ୍ମରଣ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଗାନ୍ଧିଜୀ ସ୍ୱାସ୍ଥ୍ୟକୁ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ବିବେଚନା କରୁଥିଲେ ଯେ ଏହାକୁ ନେଇ ସେ "କୀ ଟୁ ହେଲ୍ଥ" ନାମରେ ପୁସ୍ତକ ରଚନା କରିଥିଲେ। ସେ କହିଥିଲେ ଯେ ସୁସ୍ଥ ରହିବା ଅର୍ଥ ହେଲା ଜନତାଙ୍କର ମନ ଓ



ଶରୀର ସନ୍ତୁଳିତ ଓ ଖୁସୀର ସହ ରହିବା ଦରକାର। ଏହା ଅର୍ଥ ହେଉଛି ସ୍ୱାସ୍ଥ୍ୟ ହେଉଛି ଜୀବନର ଭିତ୍ତିଭୂମି। ପ୍ରଧାନମନ୍ତ୍ରୀ ମଧ୍ୟ ଏକ ସଂସ୍କୃତ ଶ୍ଳୋକ ଆବୃତ୍ତି କରିଥିଲେ- ଯାହାର ଅର୍ଥ ହେଲା ସ୍ୱାସ୍ଥ୍ୟ ହିଁ ଅମୂଲ୍ୟ ସମ୍ପଦ ଏବଂ ଉତ୍ତମ ସ୍ୱାସ୍ଥ୍ୟ ସହ ପ୍ରତ୍ୟେକ କାର୍ଯ୍ୟ ହାସଲ କରିହେବ। ପ୍ରଧାନମନ୍ତ୍ରୀ ଗୁରୁତ୍ୱର ସହ କହିଥିଲେ ଯେ କୋଭିଡ-୧୯ ଭଳି ବୈଶ୍ୱିକ ମହାମାରୀ ଆମକୁ ସବୁବେଳେ ସ୍ମରଣ କରାଇ ଦିଏ ଯେ ସ୍ୱାସ୍ଥ୍ୟ ହିଁ ଆମ ସମସ୍ତ ନିଷ୍ପତ୍ତିର ମୁଖ୍ୟ ବିଷୟ ହେବା ଆବଶ୍ୟକ। ସମୟ ମଧ୍ୟ ଆମକୁ ସଚେତନ କରି ଦେଇଛି ଯେ ସେ ଔଷଧ ହେଉ ବା ଟୀକା ଯୋଗାଣ ବା ଲୋକଙ୍କୁ ଘରକୁ ଫେରାଇ ଆଣିବା ସବୁଥିରେ ଆନ୍ତର୍ଜାତିକ ସହଯୋଗର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଭାରତ ସରକାରଙ୍କ ମାନବ ହିତୈଷୀ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ମୈତ୍ରୀ ଟୀକା ପଦକ୍ଷେପ ଜରିଆରେ ଭାରତ ଦକ୍ଷିଣ ଗୋଲାର୍ଦ୍ଧର କେତେକ ଦେଶ ସମେତ ୧୦୦ରୁ ଅଧିକ ଦେଶକୁ ୩୦୦ ନିୟୁତ କୋଭିଡ୍-୧୯ ଟୀକା ମାତ୍ରା ପ୍ରଦାନ କରିଥିଲେ। ବୈଶ୍ୱିକ ମହାମାରୀ କାଳରେ ନମନୀୟତାକୁ ଏକ ବିରାଟ ନୀତିବାଣୀ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ବୈଶ୍ୱିକ ସ୍ୱାସ୍ଥ୍ୟ ପଦ୍ଧତି ନମନୀୟ ହେବା ଉଚିତ। ଆମକୁ ନିଶ୍ଚିତ ଭାବେ ପରବର୍ତ୍ତୀ ସ୍ୱାସ୍ଥ୍ୟ ଆପାତକାଳ ନିମନ୍ତେ ଏହାର ଦୂରୀକରଣ ଓ ପରିସ୍ଥିତି ମୁକାବିଲା ନିମନ୍ତେ ପ୍ରସ୍ତୁତ ରହିବା ଆବଶ୍ୟକ। ଆଜିର ଆନ୍ତଃ ସଂଯୋଗୀକରଣ ବିଶ୍ୱରେ ଏହା ବିଶେଷ ଗୁରୁତ୍ୱପୂର୍ଣ୍ଣ। ବୈଶ୍ୱିକ ମହାମାରୀ ବିଶ୍ୱର ଗୋଟିଏ ପଟରେ ଆରମ୍ଭ ହେଲେ ସ୍ୱାସ୍ଥ୍ୟ ସମସ୍ୟା କିପରି ଦ୍ରୁତ ଭାବେ ଅନ୍ୟପଟକୁ ବ୍ୟାପିଥାଏ ତାହା ଆମେ ଅନୁଭବ କରୁଛୁ। ଭାରତରେ ଆମେ ଏକ ସାମଗ୍ରିକ ଓ ଅନ୍ତର୍ଭୁକ୍ତୀକରଣର ପାଖାପାଖି ପଦକ୍ଷେପ ନେଇଛୁ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେ କହିଥିଲେ ଯେ ଆମେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ସମ୍ପ୍ରସାରଣ କରୁଛୁ, ପାରମ୍ପରିକ ଭେଷଜ ପଦ୍ଧତିକୁ ପ୍ରୋତ୍ସାହନ ଦେଉଛୁ ଓ ସମସ୍ତଙ୍କୁ ସୁଲଭ ସ୍ୱାସ୍ଥ୍ୟ ସେବା ଯୋଗାଉଛୁ। ବିଶ୍ୱବ୍ୟାପୀ ଆନ୍ତର୍ଜାତିକ ➤ ପୃ-୬

## ଚିନ୍ତା ବଢ଼ାଇଲା ଡାଲି ଦର



**ଭୁବନେଶ୍ୱର :** ଚାଉଳ ମହଙ୍ଗା, ଗହମ ମହଙ୍ଗା, ଜିରା ମହଙ୍ଗା, ପିଆଜ ମହଙ୍ଗା। ପେଟ୍ରୋଲ ଡିଜେଲ କଥା ନକହିଲେ ଭଲ। ମହଙ୍ଗା ମାଡ଼ରେ ବେହାଲ ଖାଉଟି। ଆଉ ଏବେ ପୁଣି ବଢିଲା ଡାଲି ଦର। ୧୩୦ଟଙ୍କାରେ ବିକ୍ରି ହେଉଥିବା ଡାଲି ଏବେ ୧୪୫ ଟଙ୍କା। ସେହିପରି ୧୪୫ ଟଙ୍କାରେ ମିଳୁଥିବା ଡାଲିର ଭେରାଇଟି ଏବେ ମିଳୁଛି ୧୫୫ ଟଙ୍କାରେ। କିଲୋ ପ୍ରତି ବଢିଛି ୧୫ଟଙ୍କା। ଖାଉଟି କଣ କିଣିବ, କେମିତି ଚଳିବ ଜାଣିପାରୁନି। ବେପାରୀ ବି ମୁଣ୍ଡରେ ହାତ ଦେଲେଣି। କେନ୍ଦ୍ର ସରକାରଙ୍କ ବେଫିକର ନୀତି ଆଉ ସହି ହେଉନି। ଖୋଦ୍ ବ୍ୟବସାୟୀ ମହାସଂଘ ବି ତାଜୁବ। ୮ଦିନ ତଳେ ଡାଲିର ୩୦କେଜିଆ ➤ ପୃ-୬

# ମୟୂରଭଞ୍ଜ ଜିଲ୍ଲାରେ ବଢ଼ିବାରେ ଲାଗିଛି ଜଳଘଟେଇର ଚାହିଦା

**ବାରିପଦା,(ବିଜୁ ସିଂ) :** ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ସଂସ୍କୃତି ପରମ୍ପରା ଓ ଚଳଣିରେ ଯେପରି ସ୍ୱତନ୍ତ୍ରତା ଭରି ରହିଛି ଠିକ୍ ସେପରି ଖାଦ୍ୟପେୟରେ ମଧ୍ୟ ରହିଛି ନିଆରାପଣ। ଏଠାରେ ଖାଦ୍ୟ ରାନ୍ଧିବା ପ୍ରଣାଳୀ ବା ଶୈଳୀରେ ଭିନ୍ନତା ପରିଲକ୍ଷିତ ହୋଇଥାଏ। ଏହାମଧ୍ୟରେ ପୋଖରୀ, ନାଳ ଓ ବିଲରେ ଦେଖିବାକୁ ମିଳୁଥିବା ଏକ ପ୍ରଜାତିର ଛୋଟ ଛୋଟ ଗେଣ୍ଡା ବା ଜଳଘଟେଇ (ଏକ ପ୍ରଜାତିର ଗେଣ୍ଡା)ରୁ ପ୍ରସ୍ତୁତ ବ୍ୟଞ୍ଜନର ରହିଛି ନିଆରା ସ୍ୱାଦ। ଏଥିରୁ ପ୍ରସ୍ତୁତ ପତୁଆ ବେଶ ସ୍ୱାଦିଷ୍ଟ। ଜଳଘଟେଇ ବା ଗେଣ୍ଡାରୁ ବାହାରୁଥିବା ମାଂସରେ ପ୍ରସ୍ତୁତ ତରକାରୀରେ ସ୍ୱାଦ ସହିତ ଔଷଧୀୟ ଗୁଣ ମଧ୍ୟ ଭରପୁର ରହିଛି। ପ୍ରୋଟିନ୍ ଓ ଆଇରନ ରେ ଭରପୁର୍ ଏହି ବ୍ୟଞ୍ଜନର ଆକର୍ଷଣ ଆଦିମ କାଳରୁ ଆଜି ପର୍ଯ୍ୟନ୍ତ ରହିଆସିଛି। ଏହାକୁ ଖାଇବା ଦ୍ୱାରା ଆଣ୍ଠୁଗଣ୍ଠି ବାତ, ଆଖିର ଦୃଷ୍ଟିଶକ୍ତି ବଢିବା, ଗୋଡହାତ ବିନ୍ଧା ଓ ସ୍ମରଣ ଶକ୍ତି ବୃଦ୍ଧି ଆଦି



ସମସ୍ୟାରୁ ଉପଶମ ମିଳିଥାଏ। ତେବେ ଏହାର ଉପକରିତା ଜାଣିବା ଲୋକେ ଏହାକୁ କିଣିବା ପାଇଁ ଲମ୍ବା ଧାଡି ଲଗାଇଥିବା ବେଳେ ନ ଜାଣିବା ଲୋକେ ନାକ ଟେକି ଚାଲିଯାଇଥାନ୍ତି। ଜଳ ଘଟେଇ ବିକ୍ରି କରି ଜିଲ୍ଲାର ଅନେକ ପରିବାର ଜୀବନ ଜୀବିକା ନିର୍ବାହ କରିଥାଅନ୍ତି। ମୟୁରଭଞ୍ଜ ସମେତ ବାଲେଶ୍ୱର ଭଦ୍ରକ ଆଦି ଜିଲ୍ଲାର ଗ୍ରାମାଞ୍ଚଳରେ ଏହାର ବେଶ ଚାହିଦା ରହିଛି। ବିଶେଷ କରି ମହିଳା ମାନେ ପୋଖରୀ, ନଦୀ ଆଦି ବିଭିନ୍ନ ଜଳ ଉତ୍ସ ଭିତରୁ ବହୁ ପରିଶ୍ରମ କରି ଜଳ ଘଟେଇ ସଂଗ୍ରହ କରି ବିଭିନ୍ନ ହାଟ ବଜାରରେ ବିକ୍ରି କରିଥାଆନ୍ତି। ଜଳଘଟେଇର ଚାହିଦା ପଡ଼ୋଶୀ ଜିଲ୍ଲା ବାଲେଶ୍ୱର ଓ ଭଦ୍ରକର ସହରାଞ୍ଚଳରେ ମଧ୍ୟ କ୍ରମଶଃ ବୃଦ୍ଧିପାଉଥିବା ପରିଲକ୍ଷିତ ହେଉଛି। ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** – ମୁଣ୍ଡବିନ୍ଧା ଓ ଦାନ୍ତରେ ସମସ୍ୟା ହୋଇପାରେ। ଆୟ ସ୍ରୋତ ଖୋଲିବ। ପଦୋନ୍ନତିର ସମ୍ଭାବନା ଅଛି। ସନ୍ତାନ ସମ୍ବନ୍ଧୀୟ ଶୁଭ ସମାଚାର ମିଳିବ। ପ୍ରେମୀଙ୍କର ଝଗଡା ହୋଇପାରେ। ଦାମ୍ପତ୍ୟ ମଧୁର ରହିବ। ଶୁଭ ତାରିଖ-୨୨,୨୩,୨୪, ଭାଗ୍ୟଫଳ-୮୦%। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**ବୃଷ** – ପୁରୁଣା ରୋଗରୁ ମୁକ୍ତି ପାଇବେ। ବ୍ୟବସାୟ ଓ ଚାକିରୀ ପାଇଁ ସମୟ ଅନୁକୂଳ। ଶୁଭ ଖବର ପାଇପାରନ୍ତି। ପ୍ରେମ ସମ୍ପର୍କ ମଜବୁତ ହେବ। ଶୁଭ ତାରିଖ-୨୩,୨୪, ଭାଗ୍ୟଫଳ-୯୦%। ପ୍ରତିକାର : ଗାଇକୁ ସବୁଜ ଘାସ ଖୁଆନ୍ତୁ।

**ମିଥୁନ** – ମନ ଅଶାନ୍ତ ରହିପାରେ। ବ୍ୟବସାୟର ନୂଆ ଦିଗ ପାଇବେ। କୌଣସି ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହଯୋଗ ମିଳିବ। ଦମ୍ପତ୍ତିଙ୍କ ମଧ୍ୟରେ ଛୋଟ ଛୋଟ ମତାନ୍ତର ହୋଇପାରେ। ଶୁଭ ତାରିଖ-୨୭, ଭାଗ୍ୟଫଳ-୭୦%। ପ୍ରତିକାର : କଳଙ୍କ ଲାଗିଥିବା କଣ୍ଟାକୁ ନଦୀରେ ଭସାଇ ଦିଅନ୍ତୁ।

**କର୍କଟ** – ଆଖି ଓ ଗଳାରେ ସଂକ୍ରମଣ ହୋଇପାରେ। ସପ୍ତାହର ଦ୍ୱିତୀୟାର୍ଦ୍ଧରେ ଅର୍ଥ ଆଗମନ ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ସହଯୋଗ ମିଳିବ। କୌଣସି ତୃତୀୟ ପକ୍ଷ ପାଇଁ ଦମ୍ପତତିଙ୍କ ମଧ୍ୟରେ ଝଗଡା ଲାଗିପାରେ। ଶୁଭ ତାରିଖ-୨୫,୨୬, ଭାଗ୍ୟଫଳ-୬୦%। ପ୍ରତିକାର : ଶିବ ଚାଳିଶା ପାଠ କରନ୍ତୁ।

**ସିଂହ** – ଆଣ୍ଠୁ ଓ ଗଣ୍ଠିରେ ସମସ୍ୟା ହୋଇପାରେ। ଆୟରେ ବୃଦ୍ଧି ହେବ। ଚାହୁଁଥିବା ସ୍ଥାନକୁ ବଦଳି ହୋଇପାରେ। ପ୍ରେମ ପାଇଁ ସମୟ ଅନୁକୂଳ। ବିବାହ ପ୍ରସ୍ତାବ ଆସିପାରେ। ଶୁଭ ତାରିଖ-୨୧,୨୩,୨୫, ଭାଗ୍ୟଫଳ-୭୦%। ପ୍ରତିକାର : ପାରାଙ୍କୁ କିଛି ଖାଇବାକୁ ଦିଅନ୍ତୁ।

**କନ୍ୟା** – ରକ୍ତଚାପ ଓ ପେଟରେ ସମସ୍ୟା ହୋଇପାରେ। ଆୟ ପାଇଁ ସମୟ ଅନୁକୂଳ। ନୂଆ ଚାକିରୀ ବା ପଦୋନ୍ନତି ହୋଇପାରେ। ପ୍ରେମୀମାନେ ବିବାହ ପାଇଁ ସ୍ଥିର କରିପାରନ୍ତି। ଶୁଭ ତାରିକ-୨୨,୨୩, ଭାଗ୍ୟଫଳ-୮୦%। ପ୍ରତିକାର : ତେଲରେ ନିଜର ଛାଇ ଦେଖି ସେହି ତେଲକୁ ଦାନ କରନ୍ତୁ।

**ତୁଳା** – ଚର୍ମରୋଗ ହୋଇପାରେ। ନୂତନ ବ୍ୟବସାୟ କରିପାରନ୍ତି। ନୂଆ ଚାକିରୀ ବା ପଦୋନ୍ନତି ହୋଇପାରେ। ଜୀବନସାଥୀଙ୍କ ସହ ମଧୁର ସମୟ କଟିବ। ଶୁଭ ତାରିଖ-୨୩,୨୪, ଭାଗ୍ୟଫଳ-୮୦%। ପ୍ରତିକାର : ଦୁର୍ଗା ଚାଳିଶା ପାଠକରନ୍ତୁ।

**ବିଛା** – ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଧୈର୍ଯ୍ୟ ହରାନ୍ତୁ ନାହିଁ। ବାଣୀରେ ଲଗାମ ଦିଅନ୍ତୁ। ସନ୍ତାନ ସମ୍ବନ୍ଧୀୟ ଶୁଭ ସମାଚାର ପାଇବେ। ଶୁଭ ତାରିଖ-୨୪,୨୫,୨୬, ଭାଗ୍ୟଫଳ-୭୦%। ପ୍ରତିକାର : ହନୁମାନଙ୍କୁ ମଙ୍ଗଳବାର ଦିନ ବୁନ୍ଦିପ୍ରସାଦ ଭୋଗ ଲଗାନ୍ତୁ।

**ଧନୁ** – ଥଣ୍ଡା, ଶର୍ଦ୍ଦି ବା ଆଖିରେ ସଂକ୍ରମଣ ହୋଇପାରେ। ରୋକିଥିବା ଧନ ପ୍ରାପ୍ତି ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ବିଶେଷ ସଫଳତା ପାଇବେ। ଦମ୍ପତ୍ତିଙ୍କର ପୂର୍ବରୁ ଥିବା ମତଭେଦ ଦୂରହେବ। ଶୁଭ ତାରିଖ-୨୬, ଭାଗ୍ୟଫଳ-୭୦%। ପ୍ରତିକାର : ଛୋଟ ପିଲାଙ୍କୁ ପାଠପଢ଼ା ସାମଗ୍ରୀ ବାଣ୍ଟନ୍ତୁ।

**ମକର** – ପାଟି ବା ଦାନ୍ତରେ କଷ୍ଟହୋଇପାରେ। ବ୍ୟବସାୟ ଓ କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ। ପୁରୁଣା ଋଣ ପରିଶୋଧ କରିପାରନ୍ତି। ଜୀବନସାଥୀଙ୍କ ସହ ଭ୍ରମଣରେ ଯାଇପାରନ୍ତି। ଶୁଭ ତାରିଖ-୨୩,୨୪,୨୫, ଭାଗ୍ୟଫଳ-୮୦%। ପ୍ରତିକାର : ରାଶି ବା ଛତା ଦାନ କରନ୍ତୁ।

**କୁମ୍ଭ** – ଜ୍ୱର ବା ଥଣ୍ଡା ହୋଇପାରେ। ଆୟରେ ଅସାମାନ୍ୟ ବୃଦ୍ଧି ଘଟିବ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦୂରହେବ। ପଦୋନ୍ନତି ହୋଇପାରେ। ଜୀବନସାଥୀଙ୍କ ସହ ମଧୁର ସମୟ କଟିବ। ଶୁଭ ତାରିଖ-୨୬, ଭାଗ୍ୟଫଳ-୮୦%। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**ମୀନ** – ପୁରୁଣା ରୋଗରୁ ମୁକ୍ତି ମିଳିବ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। ପ୍ରେମରେ ସଫଳତା ପାଇବେ। ଶୁଭ ତାରିଖ-୨୨,୨୩,୨୫, ଭାଗ୍ୟଫଳ-୮୦%। ପ୍ରତିକାର : ମା' ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି

# ଦେଶରେ ଗଡିବ ୧୦ହଜାର ଇ-ବସ୍

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟ୍ ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରି ପ୍ରଦାନ କରାଯାଇଛି। ଦେଶର ୧୦୦ଟି ସହରରେ ଗଡିବ ଇ-ବସ୍। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା ସିସିଇଏମ ଏହି ଯୋଜନାକୁ ଅନୁମୋଦନ କରିଛି। ଏହି ଯୋଜନା ଅଧୀନରେ ଦେଶରେ ୧୦ ହଜାର ବିଦ୍ୟୁତ ଚାଳିତ ବସ୍ ଲଞ୍ଚ କରାଯିବ। କେନ୍ଦ୍ର କ୍ୟାବିନେଟର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ପାଇଁ ୫୭,୬୧୩ କୋଟି ଟଙ୍କା ଖର୍ଚ୍ଚ ହେବ। ୫୭,୬୧୩ କୋଟି ଟଙ୍କା ମଧ୍ୟରୁ ୨୦,୦୦୦ କୋଟି ଟଙ୍କା କେନ୍ଦ୍ର ସରକାର ପ୍ରଦାନ କରିବେ। ବାକି ରାଜ୍ୟ ସରକାରଙ୍କୁ ଦେବାକୁ ପଡ଼ିବ। କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି ଯେ ଏହି ଯୋଜନାରେ ୩ ଲକ୍ଷ ଏବଂ ତଦୁର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ସହରଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯିବ। ଏହି ଯୋଜନା ଅଧୀନରେ ପବ୍ଲିକ୍ ପ୍ରାଇଭେଟ ପାର୍ଟନରସିପ୍ (ପିପିପି) ମଡେଲରେ ୧୦୦୦୦

### ବିଶ୍ୱକର୍ମା ଯୋଜନାରେ ୫% ସୁଧରେ ମିଳିବ ୧ ଲକ୍ଷ ଟଙ୍କା

ଇ-ବସ୍ ସହିତ ସିଟି ବସ୍ ଚଳାଯିବ। ଏଥିପାଇଁ ସହରର ଭିତ୍ତିଭୂମିକୁ ଗ୍ରୀନ ଅର୍ବାନ ମୋବିଲିଟି କାର୍ଯ୍ୟକ୍ରମରେ ବିକଶିତ କରାଯିବ। ୧୦ ବର୍ଷ ପାଇଁ ଏହି ଇ-ବସ୍‌ରେ ସହାୟତା ମିଳିବ ବୋଲି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ସୂଚନା ଦେଇଛନ୍ତି। ଅନ୍ୟପଟେ କେନ୍ଦ୍ର କ୍ୟାବିନେଟ୍ ଆଜି ବିଶ୍ୱକର୍ମା ଯୋଜନାକୁ ମଞ୍ଜୁରି ପ୍ରଦାନ କରାଯାଇଛି। କେନ୍ଦ୍ରର ଏହି ନୂଆ ଯୋଜନାରେ କୌଳିକ ବୃତ୍ତି କରୁଥିବା ଲୋକେ ଉପକୃତ ହେବେ। ଏହା ଦ୍ୱାରା



ହିତାଧିକାରୀଙ୍କୁ ୧ଲକ୍ଷ ଯାଏଁ ଋଣ ମିଳିବାର ଯୋଜନା ରହିଛି। ବିଶେଷ କରି ସୁନାରୀ, ବୁଣାକାର, ରାଜମିସ୍ତ୍ରୀ, ବାରିକ ଏବଂ ଅନ୍ୟ କୁଶଳୀ କାରିଗରଙ୍କ ପାଇଁ ଆରମ୍ଭ ହେବାକୁ ଯାଉଛି ଏହି ଯୋଜନା। ଏହା ସେମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବ। ଯୋଜନା ଅଧୀନରେ ବୃତ୍ତିଗତ ବ୍ୟବସାୟୀଙ୍କୁ ସର୍ବାଧିକ ୫% ସୁଧରେ ୧ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯିବ। ସ୍ୱାଧୀନତା ଦିବସରେ ଦେଶବାସୀଙ୍କୁ ସମ୍ବୋଧନ କରି ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱକର୍ମା ଯୋଜନା ଲାଗୁ କରାଯିବ ବୋଲି କହିଥିଲେ। ଆସନ୍ତା ବିଶ୍ୱକର୍ମା ଜୟନ୍ତୀଠାରୁ 'ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା' ଆରମ୍ଭ ହେବ। ଏହି ଯୋଜନା ପାଇଁ ୧୩ ହଜାର କୋଟିର ବ୍ୟୟ ଅଟକଳ କରାଯାଇଛି। କେନ୍ଦ୍ର କ୍ୟାବିନେଟରେ ଏହି ବିଶ୍ୱକର୍ମା ଯୋଜନାକୁ ମଞ୍ଜୁରି ପ୍ରଦାନ କରାଯିବା ପରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇ କହିଛନ୍ତି ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ୩୦ ଲକ୍ଷ କୌଳିକ ବୃତ୍ତିଧାରୀ ଓ ସେମାନଙ୍କ ପରିବାରକୁ ଫାଇଦା ଦେବ। ଏହି ଯୋଜନା ଅଧୀନରେ ୫ ବର୍ଷ ପାଇଁ ୧୩ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ପ୍ରଥମ ଦଫାରେ ୧୮ଟି କୌଳିକ ବୃତ୍ତିଧାରୀ ଏହି ଯୋଜନାରେ ଲାଭବାନ ହେବେ। ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଅଧୀନରେ କୌଳିକ ବୃତ୍ତିଧାରୀଙ୍କୁ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ପ୍ରମାଣପତ୍ର, ପରିଚୟପତ୍ର, ପ୍ରଥମ ଦଫାରେ ୧ ଲକ୍ଷ ଟଙ୍କା ଓ ଦ୍ୱିତୀୟ ଦଫାରେ ୨ ଲକ୍ଷ ଟଙ୍କାର ଋଣ ଦିଆଯିବ। ଏଥିପାଇଁ ମାତ୍ର ୫% ସୁଧ ଦେବାକୁ ହେବ। ଏହି ଯୋଜନାରେ ଦକ୍ଷତାର ବିକାଶ, ଟୁଲକିଟ ଇନସେନଟିଭ, ଡିଜିଟାଲ ନେଣଦେଣ ପାଇଁ ଇନସେନଟିଭ ଓ ମାର୍କେଟିଂ ସହାୟତା ମଧ୍ୟ ପ୍ରଦାନ କରାଯିବ।

# ଚନ୍ଦ୍ରରେ ବଢୁଛି ଭିଡ଼, ଉପୁଜିପାରେ ଟ୍ରାଫିକ୍ ଜାମ୍ ସ୍ଥିତି

**ନୂଆଦିଲ୍ଲୀ:** ଆସନ୍ତା ସପ୍ତାହ ଇସ୍ରୋ ପାଇଁ ହେବ ସ୍ମରଣୀୟ। କାହିଁକି ନା ଆସନ୍ତା ସପ୍ତାହରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବ ଚନ୍ଦ୍ରଯାନ-୩। ତେବେ ଚନ୍ଦ୍ରରେ କେବଳ ଭାରତର ମିଶନ୍ ନୁହେଁ, ଅନେକ ମିଶନ ପୂର୍ବରୁ ଅଛି ଏବଂ ଅନେକ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାକୁ ଯାଉଛି। ସମସ୍ତେ ଏବେ ଚନ୍ଦ୍ର ମୁହାଁ ହୋଇଛନ୍ତି। ସେଥିପାଇଁ ଚନ୍ଦ୍ରରେ ଏବେ ଉପୁଜିଛି ଟ୍ରାଫିକ୍ ଜାମ୍ ସ୍ଥିତି। ଭାରତ ଯେମିତି ଚନ୍ଦ୍ରଯାନ ପଠାଇଛି ସେମିତି ଅନ୍ୟ ଦେଶ ବି ସେମାନଙ୍କ ଚନ୍ଦ୍ର ଅଭିଯାନ ଜାରି ରଖିଛନ୍ତି। ଚନ୍ଦ୍ରର କକ୍ଷପଥରେ ଅନ୍ୟ ଦେଶର ଅନେକ ମିଶନ ଅଛି ଯାହା ଶୀଘ୍ର ଚନ୍ଦ୍ରରେ ଲ୍ୟାଣ୍ଡିଂ କରିବାକୁ ଯାଉଛି। ଏକ ରିପୋର୍ଟ ଅନୁସାରେ, ଚନ୍ଦ୍ର କକ୍ଷ ପଥରେ ଏବେ ୬ଟି ସକ୍ରିୟ ମିଶନ



ରହିଛି। ଆମେରିକା, ରୁଷିଆ, ଚୀନ୍, ଭାରତ ଓ କୋରିଆ ଭଳି ଦେଶ ଚନ୍ଦ୍ରରେ ସେମାନଙ୍କର ଅଭିଯାନ ଜାରି ରଖିଛନ୍ତି। ଚନ୍ଦ୍ରଯାନ ସମେତ ଚନ୍ଦ୍ର କକ୍ଷରେ ନାସାର ଲୁନାର ରିକନିସାନ୍ସ ଅର୍ବିଟାର, ନାସାର ଆର୍ଟେମିସ୍ ଅନ୍ତର୍ଗତ ଆଉ ଦୁଇ ମିଶନ, କୋରିଆ ପାଥଫାଇଣ୍ଡର ଲୁନାର ଅର୍ବିଟାର ଏବଂ ନାସା କ୍ୟାପଷ୍ଟୋନ୍ ମିଶନ ରହିଛି। ନାସାର ଲୁନାର ରିକନିସାନ୍ସ ଅର୍ବିଟରକୁ ୨୦୦୯ ମସିହାରେ ଚନ୍ଦ୍ରକୁ ଉତକ୍ଷେପଣ କରାଯାଇଥିଲା। ଏହା ମାଧ୍ୟମରେ ଚନ୍ଦ୍ର ପୃଷ୍ଠକୁ ମାପିବାକୁ ଚେଷ୍ଟା କରାଯାଉଛି। ନାସା ଆର୍ଟେମିସର ପି-୧ ଓ ପି-୨ ମିଶନ ଜୁନ୍ ୨୦୨୨ରୁ ଚନ୍ଦ୍ର କକ୍ଷରେ ଅଛନ୍ତି। ନାସାର କ୍ୟାପଷ୍ଟୋନ୍ ଏନଆରଏଚ୍ ମଧ୍ୟ ଚନ୍ଦ୍ର କକ୍ଷରେ ଅଛି। ଏହାରି ମଧ୍ୟରେ ଋଷ ମଧ୍ୟ ପୁଣି ତା'ର ଚନ୍ଦ୍ର ଅଭିଯାନ ଆରମ୍ଭ କରିଛି। ଚନ୍ଦ୍ରକୁ ପଠାଇଛି ଲୁନା-୨୫। ଯାହା ଅଗଷ୍ଟ ୧୬ରେ ଚନ୍ଦ୍ର ପୃଷ୍ଠରେ ପ୍ରବେଶ କରିଥିବା କୁହାଯାଉଛି। ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବ ଲୁନା-୨୫। ଚନ୍ଦ୍ର କକ୍ଷରେ ଭିଡ଼ ବଢୁଥିବାରୁ ପରସ୍ପର ମଧ୍ୟରେ ଧକ୍କା ଖାଇବାର ଆଶଙ୍କା ରହିଛି। ମହାକାଶ ଯାନ ଯେଭଳି ପରସ୍ପର ମଧ୍ୟରେ ଧକ୍କା ନଖାଇବ ତାହା ଏବେ ବଡ଼ ଚ୍ୟାଲେଞ୍ଜ। ଏଭଳି ସମସ୍ୟାର ସମ୍ମୁଖୀନ ହୋଇଥିଲା ଚନ୍ଦ୍ରଯାନ-୨। ୨୦୧୯ ଜୁଲାଇ ୩୧ରେ ଚନ୍ଦ୍ର କକ୍ଷରେ ପ୍ରବେଶ କରିଥିବା ଚନ୍ଦ୍ରଯାନ-୨ ଅର୍ବିଟର ୩ ଥର ଅନ୍ୟ ମହାକାଶ ଯାନ ସହ ଧକ୍କା ହେବାରୁ ବର୍ତ୍ତିଥିଲା। ଚନ୍ଦ୍ର କକ୍ଷରେ ବଢୁଥିବା ଟ୍ରାଫିକ ସମସ୍ୟା ଇସ୍ରୋ ପାଇଁ ବଡ଼ ଚ୍ୟାଲେଞ୍ଜ। କେବଳ ବର୍ତ୍ତମାନ ପାଇଁ ନୁହେଁ, ବରଂ ଭବିଷ୍ୟତକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରିଛି ଇସ୍ରୋ। ମହାକାଶ ଯାନ ଗୁଡ଼ିକ କିଭଳି ପରସ୍ପର ମଧ୍ୟରେ ଧକ୍କା ନଖାଇବ, ସେଥିପାଇଁ ମଡ୍ୟୁଲରେ ମ୍ୟାନୁଭର କରାଯାଇ ଥାଏ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି।

## 'ଭାରତର ସବୁ ମୁସଲମାନ ପୂର୍ବରୁ ହିନ୍ଦୁ ଥିଲେ'



**ଶ୍ରୀନଗର :** କଂଗ୍ରେସରୁ ଅଲଗା ହୋଇ ଡେମୋକ୍ରେଟିଭ୍ ପ୍ରୋଗ୍ରେସିଭ୍ ଆଜାଦ୍ ପାର୍ଟି ଗଠନ କରିଥିବା ଜାମ୍ମୁ କାଶ୍ମୀରର ପୂର୍ବ ମୁଖ୍ୟମନ୍ତ୍ରୀ ଗୁଲାମ ନବୀ ଆଜାଦଙ୍କ ବଡ଼ ବୟାନ। ହିନ୍ଦୁ ଧର୍ମ ଇସଲାମଠାରୁ ବହୁ ପୁରୁଣା। ଭାରତର ସବୁ ମୁସଲମାନ ପୂର୍ବରୁ ହିନ୍ଦୁ ଥିଲେ। ମୋଗଲ ଆସିବା ପରେ ହିଁ ହିନ୍ଦୁଙ୍କ ଧର୍ମ ପରିବର୍ତ୍ତନ କରାଯାଇଛି ବୋଲି କହିଛନ୍ତି ଗୁଲାମ ନବୀ ଆଜାଦ। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏହି ଭିଡିଓ ହେଉଛି ଡୋଡା ଜିଲ୍ଲାର। ଅଗଷ୍ଟ ୯ରେ ଡୋଡା ଜିଲ୍ଲାରେ ଗୁଲାମ ନବୀ ଆଜାଦ ଦେଇଥିବା ଭାଷଣରେ କହିଛନ୍ତି କି ଇସଲାମ ଧର୍ମ ୧୫୦୦ ବର୍ଷ ପୂର୍ବେ ଜନ୍ମ ହୋଇଥିଲା। ଭାରତର ମୁସଲମାନ ମୂଳତଃ ହିନ୍ଦୁ ଥିଲେ, ଯେଉଁମାନେ ପରେ ମୁସଲମାନ ଧର୍ମ ଗ୍ରହଣ କରିଥିଲେ। ସେ ଆହୁରି କହିଛନ୍ତି କି ୬୦୦ ବର୍ଷ ପୂର୍ବେ କାଶ୍ମୀରରେ କେବଳ କାଶ୍ମୀରୀ ପଣ୍ଡିତ ଥିଲେ। ଏହା ପରେ ଅନେକ ଲୋକ ମୁସଲମାନ ଧର୍ମ ଗ୍ରହଣ କରି ମୁସଲମାନ ହେଲେ। ଏହି ସମୟରେ ଆଜାଦ ଲୋକମାନଙ୍କୁ ଭାଇଚାରା, ଶାନ୍ତି ଓ ଏକତା ବଜାୟ ରଖିବାକୁ ଅନୁରୋଧ କରି କହିଥିଲେ କି ଧର୍ମ ରାଜନୀତିରେ ମିଶ୍ରିତ ହେବା ଉଚିତ୍ ନୁହେଁ। ଲୋକମାନେ ଧର୍ମ ନାଁରେ ଭୋଟ ଦେବା ଉଚିତ୍ ନୁହେଁ। ଯିଏ ରାଜନୀତିରେ ଧର୍ମକୁ ସମର୍ଥନ କରେ ସେ ଦୁର୍ବଳ। ଯିଏ ନିଜ ଉପରେ ବିଶ୍ୱାସ କରେ ସେ ଧର୍ମର ସମର୍ଥନ ଗ୍ରହଣ କରିବ ନାହିଁ ବୋଲି କହିଛନ୍ତି ଗୁଲାମ ନବୀ ଆଜାଦ।

### କଡା ହେଲା ସିମ୍ କାର୍ଡ ନିୟମ

## ଡିଲରଙ୍କ ଲାଗି ପୋଲିସ ଯାଞ୍ଚ ଓ ବାୟୋମେଟ୍ରିକ ଭେରିଫିକେସନ ବାଧ୍ୟତାମୂଳକ

**ନୂଆଦିଲ୍ଲୀ :** ସିମ୍ କାର୍ଡ ଡିଲରଙ୍କ ଲାଗି ପୋଲିସ ଯାଞ୍ଚ ଓ ବାୟୋମେଟ୍ରିକ ଭେରିଫିକେସନ ହେଲା ବାଧ୍ୟତାମୂଳକ। ଏହା ସହ ବଲ୍କ କନେକସନ ଲାଗି



ରହିଥିବା ବ୍ୟବସ୍ଥା ହୋଇଛି ଉଚ୍ଛେଦ। ନିୟମ ଉଲ୍ଲଂଘନ କରୁଥିବ ଡିଲରଙ୍କ ଉପରେ ୧୦ ଲକ୍ଷ ଟଙ୍କା ଜୋରିମନା ଲାଗିବ। ଏନେଇ ସୂଚନା ଦେଇଛନ୍ତି କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ମନ୍ତ୍ରୀ କହିଛନ୍ତି- ପଏଣ୍ଟ-ଅଫ-ସେଲ ଡିଲରଙ୍କ ଲାଗି ପଞ୍ଜିକରଣ ହୋଇଛି ବାଧ୍ୟତାମୂଳକ। କେନ୍ଦ୍ର ସରକାର ୫୨ ଲକ୍ଷ ମୋବାଇଲ କନେକ୍ସନକୁ ଡିସକନେକ୍ଟ କରିଛନ୍ତି। ଦେଶର ୬୭ ହଜାର ଡିଲରଙ୍କୁ ବ୍ଲାକଲିଷ୍ଟ କରାଯାଇଛି। ଗତ ମେ ମାସଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ସିମ୍ କାର୍ଡ ହୋଲଡରମାନଙ୍କ ବିରୋଧରେ ୩ ଶହ ଏଫଆଇଆର ରୁଜୁ କରାଯାଇଛି। ବିଭିନ୍ନ ଜାଲିଆତି କାର୍ଯ୍ୟକଳାପରେ ଜଡିତ ଥିବା ୬୬ ହଜାର ଆକାଉଣ୍ଟକୁ ହ୍ୱାଟ୍ସଆପ ବ୍ଲକ୍ କରିଛି। ମନ୍ତ୍ରୀ କହିଛନ୍ତି- ୧୦ ଲକ୍ଷ ସିମ୍ ଡିଲର ଅଛନ୍ତି ଏବଂ ପୋଲିସ ଯାଞ୍ଚ ଲାଗି ସେମାନଙ୍କୁ ଅଧିକ ସମୟ ଦିଆଯାଇଛି। ଏହା ସହ ସିମ୍ ହସ୍ତାନ୍ତର ସମୟରେ ବିଜନେସଗୁଡିକର କେୱାଇସି ଓ ବ୍ୟକ୍ତିବିଶେଷଙ୍କ କେୱାଇସି ଦାଖଲ ହେବ।

## ଚାଉଳ ପରେ ଗହମକୁ ନେଇ ବଢୁଛି କେନ୍ଦ୍ର ସରକାରଙ୍କ ଚିନ୍ତା

**ନୂଆଦିଲ୍ଲୀ :** ଦେଶରେ ମୁଦ୍ରାସ୍ଫୀତି କମିବାର ନାମ ଧରୁନାହିଁ। ନିକଟରେ ପନିପରିବାର ଉଚ୍ଚ ଦରକୁ ନେଇ ସାରା ଦେଶରେ ଖାଉଟିଙ୍କ ଅସନ୍ତୋଷ ଚରମସୀମାରେ ପହଞ୍ଚିଛି। ଅପରପକ୍ଷେ ତେଲ ଡାଲି ଏବଂ ଚାଉଳ ପରେ ଏବେ ଗହମ ଦରକୁ ନେଇ କେନ୍ଦ୍ର ସରକାରଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଚଳିତ ଋତୁରେ ଉତ୍ପାଦନ କମ୍ ରହିଥିବାରୁ ଦେଶରେ ଗହମ ମୂଲ୍ୟ ବଢ଼ିବାରେ ଲାଗିଛି। ଏଥିଯୋଗୁ ଗହମ ଦର ୬ ମାସର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଗହମ ଦର ବଢ଼ିଲେ ବଜାରରେ ଅଟା ମହଙ୍ଗା ହେବ। ଏଭଳି ପରିସ୍ଥିତିରେ ଚାଉଳ ସହ ମହଙ୍ଗା ଅଟା ଯେଭଳି ଆସନ୍ତା ନିର୍ବାଚନରେ ଭୋଟରଙ୍କ ପାଇଁ ପ୍ରସଙ୍ଗ ପାଲଟି ନ ଯାଏ ସେହି ଭୟ ଏବେ କେନ୍ଦ୍ର ସରକାରଙ୍କୁ ଘାରିବାରେ ଲାଗିଛି। ତେଣୁ ଘରୋଇ ବଜାରରେ ଦର ବୃଦ୍ଧିକୁ ରୋକିବା ଲାଗି କେନ୍ଦ୍ର ସରକାର ଏବେ ଗହମ ଆମଦାନୀ କରିବା ଉପରେ ବିଚାର କରୁଛନ୍ତି। ଏମିତିକି ଆମଦାନୀ ଉପରେ ଲାଗିଥିବା ୪୦% ଆମଦାନୀ ଶୁଳ୍କକୁ ହଟାଇ ଦେଇପାରନ୍ତି। ଯଦିବା ବର୍ଷ ତମାମ୍ କେନ୍ଦ୍ର ସରକାର ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ସବୁ ପ୍ରକାର ଉଦ୍ୟମ କରୁଛନ୍ତି, ଏହା ସତ୍ତ୍ୱେ ବଜାରରେ ସାମଗ୍ରୀ ମୂଲ୍ୟ ହ୍ରାସ ପରିବର୍ତ୍ତେ ବୃଦ୍ଧି ପାଉଛି। ନିକଟରେ ସରକାର ଅଣ-ବାସମତି ଚାଉଳ ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇବା ପରେ ମଧ୍ୟ ଦେଶରେ ଚାଉଳ ମହଙ୍ଗା ହୋଇଛି। ଘରୋଇ ବଜାରରେ ଚାଉଳ ମୂଲ୍ୟ ୧୨ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ବର୍ତ୍ତମାନ ଗତ ୬ ମାସ ମଧ୍ୟରେ ଗହମ ମୂଲ୍ୟ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ତେବେ ଗହମର ମୂଲ୍ୟ ବୃଦ୍ଧି ରୋକିବାକୁ କେନ୍ଦ୍ର ସରକାର ଖୋଲା ବଜାରକୁ ୫୦ ଲକ୍ଷ ମେଟ୍ରିକ୍ ଟନ୍ ଗହମ ଏବଂ ୨୫ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଛାଡିବାକୁ ଯୋଜନା କରିଛନ୍ତି। ଏଥିରେ ବିଶେଷ କଥା ହେଉଛି ସରକାର ଇ-ନିଲାମ ମାଧ୍ୟମରେ ଖୋଲା ବଜାରରେ ଚାଉଳ ଏବଂ ଗହମ ବିକ୍ରି କରିବେ। ସରକାର ଆଶା କରୁଛନ୍ତି ଯେ ଏହି ପଦକ୍ଷେପ ଜରିଆରେ ବଜାରରେ ଚାଉଳ ଏବଂ ଗହମର ଉପଲବ୍ଧତା ବୃଦ୍ଧି ପାଇବ, ଯେଉଁଥିପାଇଁ ମୂଲ୍ୟ ହ୍ରାସ ହୋଇପାରେ। ଏହା ସହିତ ଦେଶରେ ଗହମର ଅଭାବକୁ ଦୂର କରିବା ପାଇଁ ସରକାର ଋଷରୁ ଗହମ ଆମଦାନୀ ପାଇଁ ଯୋଜନା କରୁଥିବା ଜଣାପଡିଛି। ଋଷରୁ ଗହମ ଆମଦାନି କରିବା ପାଇଁ ସରକାରଙ୍କ ଯୋଜନା ହେଉଛି ଗରିବମାନଙ୍କ ଉପରେ ମୁଦ୍ରାସ୍ଫୀତିର ପ୍ରଭାବକୁ ହ୍ରାସ କରିବା। ଯଦିଓ ଗହମ ଅଭାବକୁ ଦୂର କରିବା ପାଇଁ ଭାରତକୁ ମାତ୍ର ୩ ନିୟୁତରୁ ୪ ନିୟୁତ ମେଟ୍ରିକ୍ ଟନ୍ ଗହମ ଆବଶ୍ୟକ, ତଥାପି ଭାରତ ଋଷରୁ ୮ ମିଲିୟନରୁ ୯ ମିଲିୟନ ଟନ୍ ଗହମ ଆମଦାନୀ କରିବାକୁ ଚିନ୍ତା କରୁଥିବା ଜଣାପଡିଛି। ଗତ ସପ୍ତାହରେ ଗହମର ପାଇକାରୀ ମୂଲ୍ୟରେ ୬.୨ ପ୍ରତିଶତ ବୃଦ୍ଧି ରେକର୍ଡ କରାଯାଇଛି। ଗହମ କ୍ୱିଣ୍ଟାଲ ପିଛା ୨୪୮୦ ରୁ ୨୬୩୩ ଟଙ୍କାକୁ ବୃଦ୍ଧି ପାଇଛି। ଏଥିସହ ସରକାରଙ୍କ ସମ୍ମୁଖରେ ଏବେ ବଡ ଚିନ୍ତାର ବିଷୟ ହେଉଛି ଯେ ଚଳିତବର୍ଷ ଗହମ ଉତ୍ପାଦନ ୧୧୨.୭୪ ନିୟୁତ ମେଟ୍ରିକ୍ ଟନ୍ ରହିପାରେ। ଏହା ଅନୁମାନଠାରୁ କମ୍। ଏଭଳି ପରିସ୍ଥିତିରେ ସରକାର ଆଶଙ୍କା କରୁଛନ୍ତି ଯେ ଯୋଗାଣ ପ୍ରଭାବିତ ହେତୁ ଖୁଚୁରା ବଜାରରେ ଗହମର ମୂଲ୍ୟ ଅନିୟନ୍ତ୍ରିତ ହୋଇପାରେ। ଯଦି ମୂଲ୍ୟ ବୃଦ୍ଧି ହୁଏ, ତେବେ ଏହା ଆଗାମୀ ଲୋକସଭା ନିର୍ବାଚନ ଉପରେ ମଧ୍ୟ ଏହାର ସିଧାସଳଖ ପ୍ରଭାବ ପଡ଼ିବ। କାରଣ ଗରିବଠାରୁ ଧନୀ ଯାଏ ସବୁ ଶ୍ରେଣୀର ଲୋକେ ରୁଟି ଖାଇଥାନ୍ତି। ଏଥିଯୋଗୁ ଯଦି ଅଟା ମହଙ୍ଗା ହୁଏ, ତେବେ ସାଧାରଣ ଭୋଟରଙ୍କ ଅସନ୍ତୋଷ ବଢ଼ିବ। ଏପରିକି ବଜାରରେ ମୂଲ୍ୟ ବୃଦ୍ଧି ରୋକିବାକୁ ସରକାର ଗହମ ଉପରେ ପୂର୍ବରୁ ଲଗାଇଥିବା ୪୦% ଆମଦାନୀ ଶୁଳ୍କ ହଟାଇ ଦେଇପାରନ୍ତି।

# ମହିଳାଙ୍କ ପାଇଁ ବଦଳିବ ଅଦାଲତର ଭାଷା

**ନୂଆଦିଲ୍ଲୀ :** ଅଦାଲତର ରାୟରେ ମହିଳାମାନଙ୍କ ପ୍ରତି ପ୍ରଚଳିତ ହୋଇଆସିଥିବା କେତେକ ଶବ୍ଦର ବ୍ୟବହାର ଉପରେ ରୋକ୍ ଲାଗିବ। ଅଦାଲତରେ ଅଜାଣତରେ ଲିଙ୍ଗଗତ ଭେଦଭାବକୁ ପ୍ରୋତ୍ସାହିତ ନ କରିବା ପାଇଁ ବିଚାରପତିମାନଙ୍କୁ ସଚେତନ କରିବା ଲାଗି ସୁପ୍ରିମ୍‌କୋର୍ଟ ପକ୍ଷରୁ ପ୍ରକାଶିତ ହୋଇଛି 'ହ୍ୟାଣ୍ଡବୁକ୍ ଅନ୍ କମ୍ବ୍ୟାଟିଂ ଜେଣ୍ଡର ଷ୍ଟିରିଓଟାଇପ୍ସ'। ମହିଳାମାନଙ୍କ ପ୍ରତି ବ୍ୟବହାର ହେଉଥିବା 'ପ୍ରଷ୍ଟିଚ୍ୟୁଟ୍', 'ହୁକର', 'ମିଷ୍ଟ୍ରେସ୍', 'ସ୍ଲଟ୍' ପରି ପ୍ରାୟ ୪୦ଟି ଶବ୍ଦକୁ ବାଦ୍ ଦେବାକୁ ପରାମର୍ଶ ଦିଆଯାଇଛି। ଏଥିସହ ଅନେକ ପ୍ରଚଳିତ ଶବ୍ଦକୁ ବଦଳାଇ ନୂଆ ପ୍ରତିଶବ୍ଦ ପ୍ରଣୟନ ହୋଇଛି। ପ୍ରଧାନ ବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ 'ହ୍ୟାଣ୍ଡବୁକ୍ ଅନ୍ କମ୍ବ୍ୟାଟିଂ ଜେଣ୍ଡର ଷ୍ଟିରିଓଟାଇପ୍ସ'ର ଶୁଭାରମ୍ଭ କରିଛନ୍ତି। ଅତୀତର ଅଦାଲତ ରାୟରେ ବ୍ୟବହୃତ କଠୋର ଶବ୍ଦଗୁଡ଼ିକୁ ଦର୍ଶାଇ ସେ କହିଛନ୍ତି, ଏହି ଶବ୍ଦଗୁଡ଼ିକ ଅନୁପଯୁକ୍ତ ଏବଂ ଅଦାଲତର ରାୟରେ ମହିଳାଙ୍କ ପାଇଁ ବ୍ୟବହୃତ ହୋଇଛି। ଏହି ପୁସ୍ତକର ଉଦ୍ଦେଶ୍ୟ ସେହି ରାୟଗୁଡ଼ିକୁ ସମାଲୋଚନା କରିବା କିମ୍ବା ସେମାନଙ୍କ ଉପରେ ସନ୍ଦେହ କରିବା ନୁହେଁ। ଏହା କେବଳ ଲିଙ୍ଗଗତ ଧାରଣାକୁ କିପରି ଅଜାଣତରେ ବଜାୟ ରଖାଯାଇଥାଏ ତାହା ଦର୍ଶାଇବା ପାଇଁ ଉଦ୍ଦିଷ୍ଟ। ନ୍ୟାୟିକ ନିଷ୍ପତ୍ତି ନେବାରେ ପ୍ରଚଳିତ ଢ଼ାଞ୍ଚା କିପରି ପ୍ରଭାବ ପକାଇପାରେ ତାହା ବର୍ଣ୍ଣନା କରି ପୁସ୍ତକରେ କୁହାଯାଇଛି, ଯେକୌଣସି ବ୍ୟକ୍ତିଙ୍କ ପରି ଜଣେ ବିଚାରପତି ମଧ୍ୟ ଅଜାଣତରେ ଧାରଣାର ବଶବର୍ତ୍ତୀ ହୋଇଥାଆନ୍ତି। ଯଦି ଜଣେ ବିଚାରପତି ମାମଲାର ବିଚାର କରିବା ସମୟରେ କିମ୍ବା ରାୟ ଲେଖିବା ସମୟରେ ବ୍ୟକ୍ତି କିମ୍ବା ଗୋଷ୍ଠୀ ବିଷୟରେ ପୂର୍ବଧାରଣା ଉପରେ ନିର୍ଭର କରନ୍ତି, ତେବେ ଏହାର କ୍ଷତି ବହୁତ ଅଧିକ ହୋଇପାରେ। ଏପରିକି ଯେତେବେଳେ ବିଚାରପତିମାନେ ଆଇନଗତ ଭାବେ ସଠିକ୍ ଫଳାଫଳରେ



ପହଞ୍ଚନ୍ତି, ସେତେବେଳେ ଲିଙ୍ଗଗତ ଧାରଣାକୁ ପ୍ରୋତ୍ସାହିତ କରୁଥିବା ଯୁକ୍ତି ବା ଭାଷାର ବ୍ୟବହାର ଅଦାଲତ ସମ୍ମୁଖରେ ବ୍ୟକ୍ତିବିଶେଷଙ୍କ ଅନନ୍ୟ ବୈଶିଷ୍ଟ୍ୟ, ସ୍ୱାଧୀନତା ଏବଂ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିଥାଏ ବୋଲି ପ୍ରଧାନ ବିଚାରପତି କହିଛନ୍ତି। ପ୍ରଚଳିତ ବିକଳ୍ପ ତାଲିକାରେ କୁହାଯାଇଛି ଯେ ଅଦାଲତର ରାୟରେ 'ଫାଗଟ' କିମ୍ବା 'ପତିତ ମହିଳା' କିମ୍ବା 'ହର୍ଲୋଟ ଭଳି ଶବ୍ଦକୁ ହଟାଇବା ଆବଶ୍ୟକ। ବରଂ ଏକ୍ଷେତ୍ରରେ, ବିଚାରପତିମାନେ ସମ୍ପୃକ୍ତ ବ୍ୟକ୍ତିଙ୍କ ଯୌନ ଆଭିମୁଖ୍ୟକୁ ସଠିକ୍ ଭାବରେ ବର୍ଣ୍ଣନା କରିବା ଉଚିତ୍- ସମଲିଙ୍ଗୀ କିମ୍ବା ଦ୍ୱିଲିଙ୍ଗୀ, ମହିଳାଙ୍କ କ୍ଷେତ୍ରରେ ବ୍ୟବହାର କରିବା ଏବଂ 'ପତିତ ମହିଳା' ଏବଂ 'ହର୍ଲୋଟ' ଭଳି ଶବ୍ଦ ଠାରୁ ଦୂରେଇ ରହିବା ଉଚିତ୍। ସେହିଭଳି 'କର୍ତ୍ତବ୍ୟନିଷ୍ଠ ପତ୍ନୀ' ଓ 'ଆଜ୍ଞାବାନ ପତ୍ନୀ' ଭଳି ଶବ୍ଦରୁ ଦୂରେଇ ରହିବା ଉଚିତ ବୋଲି ହ୍ୟାଣ୍ଡବୁକ୍‌ରେ ଉଲ୍ଲେଖ କରାଯାଇଛି। ଯୌନ ନିର୍ଯାତନା କିମ୍ବା ଦୁଷ୍କର୍ମ ମାମଲାରେ 'ରାଭିସଡ୍' ଭଳି ଶବ୍ଦର ବ୍ୟବହାରକୁ ମଧ୍ୟ ହ୍ୟାଣ୍ଡବୁକ୍ରେ ଲାଲ୍ ପତାକା ଦେଖାଯାଇଛି। ମହିଳାମାନେ ଅତ୍ୟଧିକ ଭାବପ୍ରବଣ ଏବଂ ନିର୍ଣ୍ଣାୟକ ହେବା, ଅବିବାହିତ ମହିଳାମାନେ ନିଷ୍ପତ୍ତି ନେବାରେ ଅସମର୍ଥ ହେବା ଏବଂ ସମସ୍ତ ମହିଳା ସନ୍ତାନ ଜନ୍ମ କରିବାକୁ ଚାହୁଥିବା ଭଳି ମହିଳାଙ୍କ ସହ ଜଡ଼ିତ ଅନେକ ଧାରଣାକୁ ମଧ୍ୟ ଏହି ହ୍ୟାଣ୍ଡବୁକ୍‌ରେ ଆଲୋଚନା କରାଯାଇଛି। ସୁପ୍ରିମ୍‌କୋର୍ଟ ୱେବସାଇଟରେ ଅପଲୋଡ୍ ହୋଇଥିବା ଏହି ହ୍ୟାଣ୍ଡବୁକରେ କୁହାଯାଇଛି ଯେ, ଭାରତୀୟ ନ୍ୟାୟପାଳିକାକୁ ସେମାନଙ୍କ ନିଷ୍ପତ୍ତିରେ ମହିଳାଙ୍କ ବିରୋଧରେ ଷ୍ଟେରିଓଟାଇପ୍ ଏବଂ ଷ୍ଟେରିଓଟାଇପ୍-କାର୍ଯ୍ୟକାରୀ ଭାଷାର ବ୍ୟବହାରକୁ ଚିହ୍ନଟ କରିବା ଏବଂ ହ୍ରାସ କରିବାରେ ସାହାଯ୍ୟ କରିବା ଏହି ଶବ୍ଦକୋଷର ଉଦ୍ଦେଶ୍ୟ।

### ଏଣିକି ରାୟରେ ରହିବନି 'ଦେହଜୀବୀ', 'ଅବିବାହିତ ମା' ଏବଂ 'ବ୍ୟଭିଚାରିଣୀ' ଭଳି ଶବ୍ଦ

ଅନ୍‌ଲାଇନ୍ ଫିଡ୍ ବ୍ୟାକ୍

# ଅଧ୍ୟାପକଙ୍କ ପାଠପଢ଼ାରେ ଛାତ୍ରଛାତ୍ରୀ ଅସନ୍ତୁଷ୍ଟ



**ଭୁବନେଶ୍ୱର :** ଅଧ୍ୟାପକଙ୍କ ପାଠପଢ଼ାରେ ସନ୍ତୁଷ୍ଟ ନାହାନ୍ତି ଛାତ୍ରଛାତ୍ରୀ। ଅନ୍‌ଲାଇନ୍ ଫିଡ୍ ବ୍ୟାକ୍ ବ୍ୟବସ୍ଥାରେ ଉଚ୍ଚଶିକ୍ଷା ବିଭାଗ ପାଖରେ ପହଞ୍ଚିଛି ଏହି ଅଭିଯୋଗ। ଛାତ୍ରଛାତ୍ରୀଙ୍କ ଠାରୁ ଏହିଭଳି ମାଳ ମାଳ ଅଭିଯୋଗ ପାଇବା ପରେ ସମ୍ପୃକ୍ତ କଲେଜଗୁଡିକୁ ରିପୋର୍ଟ ମାଗିଛି ଉଚ୍ଚ ଶିକ୍ଷା ବିଭାଗ। ୧୦ ଦିନ ଭିତରେ ରିପୋର୍ଟ ଦେବାକୁ କୁହାଯାଇଛି। ବିଜେବି, ମହର୍ଷି ଓ ଏସ୍ସିଏସ୍ ଭଳି ଅଗ୍ରଣୀ ଡିଗ୍ରୀ କଲେଜ ଅଛନ୍ତି ଏହି ତାଲିକାରେ। ପାଠପଢ଼ା ଓ ଅଧ୍ୟାପକଙ୍କ ବ୍ୟବହାର ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅନଲାଇନ ଫିଡ୍ ବ୍ୟାକ୍ ବ୍ୟବସ୍ଥା ରହିଛି। ଯେଉଁଥିରେ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ କଲେଜର ଅଧ୍ୟାପକଙ୍କ ସମ୍ପର୍କିତ କିଛି ପ୍ରଶ୍ନ ପଚରା ଯାଇଛି। ଅଧ୍ୟାପକମାନେ ୭ ଘଣ୍ଟା କାଳ କଲେଜରେ ରହୁଛନ୍ତି କି ବୋଲି ପଚରାଯାଇଥିବା ପ୍ରଶ୍ନରେ ଅଧିକାଂଶ ପିଲା 'ନା' ବୋଲି ଉତ୍ତର ଦେଇଛନ୍ତି। ସେହିପରି ଅଧ୍ୟାପକ ମାନେ ମଦ୍ୟପାନ କରି କଲେଜ ଆସୁଛନ୍ତି କି ବୋଲି ପଚରା ଯାଇଥିବା ପ୍ରଶ୍ନରେ କିଛି ଛାତ୍ରଛାତ୍ରୀଙ୍କ ଉତ୍ତର 'ହଁ' ରହିଛି। ଏହାକୁ ନେଇ ଚିନ୍ତା ପ୍ରକଟ କରିଛି ଉଚ୍ଚଶିକ୍ଷା ବିଭାଗ। ଉଚ୍ଚ ଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, ପିଲାଙ୍କ ଫିଡ୍ ବ୍ୟାକ୍‌କୁ ଆଧାର କରି ଗୁଣାତ୍ମକ ଶିକ୍ଷା ଲାଗି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଏକ ଚିଠି ସାମ୍ନାକୁ ଆସିଛି, ଯାହାକୁ ରେଜିଷ୍ଟ୍ରାର ସମସ୍ତ ଅଧ୍ୟାପକ ଓ ଅନ୍ୟ କର୍ମଚାରୀଙ୍କୁ ପଠାଇଛନ୍ତି। ତାଙ୍କ ଚିଠି ଅନୁଯାୟୀ, ଏହି ବିଶ୍ୱବିଦ୍ୟାଳୟର ଅଧ୍ୟାପକଙ୍କ ଠାରୁ ଆରମ୍ଭ କରି ଅନ୍ୟ କର୍ମଚାରୀ କେହି ଠିକ୍ ସମୟରେ ଆସୁନାହାନ୍ତି। ସେଥିପାଇଁ ସକାଳ ୧୦ଟା ସୁଦ୍ଧା ବାୟୋମେଟ୍ରିକ ଉପସ୍ଥାନ ଦେବାକୁ ଦିଆଯାଇଛି କଡ଼ା ନିର୍ଦ୍ଦେଶ। ବିଳମ୍ବରେ ଆସିଲେ କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦିଆଯାଇଛି। ରମାଦେବୀ ଅବସ୍ଥା ସାରା ରାଜ୍ୟର ଶିକ୍ଷାନୁଷ୍ଠାନରେ। ଏଠାରେ ପ୍ରଶ୍ନ ଉଠୁଛି ମୋଟା ଅଙ୍କର ଦରମା ନେଇ କେମିତି ଅଧ୍ୟାପକମାନେ ଖିଲାପ କରିବାକୁ ସାହସ ଜୁଟାଉଛନ୍ତି ? ବାୟୋମେଟ୍ରିକ ବ୍ୟବସ୍ଥା ଥିଲେ ବି କାହିଁକି କଡାକଡ଼ି ଭାବେ ପାଳନ କରାଯାଉନି ? ପିଲାଙ୍କ ମୂଲ୍ୟାୟନରେ ଅଧ୍ୟାପକ ମାନେ ସୁଧୁରିବେ ତ ?

ମେଟ୍ରୋ ଟ୍ରେନ୍ ପ୍ରକଳ୍ପ

# ପ୍ରଥମ ପର୍ଯ୍ୟାୟରେ ଚାଲିବ ବିମାନବନ୍ଦରରୁ ତ୍ରିଶୂଳିଆ

**ଭୁବନେଶ୍ୱର :** ଖୁବ୍‌ଶୀଘ୍ର ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ଗଡିବ ମେଟ୍ରୋ ଟ୍ରେନ୍। ଭୁବନେଶ୍ୱର ମେଟ୍ରୋ ଟ୍ରେନ ପ୍ରକଳ୍ପ ପାଇଁ (ପୂର୍ଣ୍ଣାଙ୍ଗ ପ୍ରକଳ୍ପ ରିପୋର୍ଟ) ଡିପିଆର ପ୍ରସ୍ତୁତି ଶେଷ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଦିଲ୍ଲୀ ମେଟ୍ରୋ ରେଳ ନିଗମ (ଡିଏମଆରସି)କୁ ଦାୟିତ୍ୱ ଦିଆଯାଇଥିଲା। ଦିଲ୍ଲୀ ମେଟ୍ରୋ ରେଳ ନିଗମ ଭୁବନେଶ୍ୱରରେ ଟ୍ରାଫିକ ସର୍ଭେ, ଜିଓ ଟେକନିକାଲ ଇନଭେଷ୍ଟିଗେସନ, ଟୋପୋଗ୍ରାଫିକ ସର୍ଭେ, ପରିବେଶ ଓ ସାମାଜିକ ପ୍ରଭାବ ଆକଳନ ଆଦି ପରେ ପୂର୍ଣ୍ଣାଙ୍ଗ ପ୍ରକଳ୍ପ ରିପୋର୍ଟ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନାଙ୍କ ନିକଟରେ ଦାଖଲ କରିଛି। ଦିଲ୍ଲୀ ମେଟ୍ରୋ ରେଳ ନିଗମ ପ୍ରସ୍ତୁତ କରିଥିବା ଡିପିଆର ଅନୁସାରେ ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ମେଟ୍ରୋ ଟ୍ରେନ ମୋଟ ୨୬କିମି ପର୍ଯ୍ୟନ୍ତ ଚାଲିବ ଏବଂ ଏଥିରେ ୨୦ଟି ଷ୍ଟେସନ ରହିବ। ପ୍ରଥମ ପର୍ଯ୍ୟାୟରେ ମେଟ୍ରୋ ଲାଇନ୍ ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ଆରମ୍ଭ ହୋଇ ତ୍ରିଶୂଳିଆ ଯାଏ ନିର୍ମାଣ ହେବ। ଏହି ୨୬ କିଲୋମିଟର ମଧ୍ୟର ୨୦ଟି ଷ୍ଟେସନ ରହିବ। ମେଟ୍ରୋ ଟ୍ରେନ ବିଜୁ ପଟ୍ଟନାୟକ ବିମାନ ବନ୍ଦର ନିକଟରୁ ବାହାରି କ୍ୟାପିଟାଲ ହସ୍ପିଟାଲ, ଶିଶୁ ଭବନ ଛକ, ବାପୁଜୀ ନଗର, ଭୁବନେଶ୍ୱର ରେଳଷ୍ଟେସନ, ରାମମନ୍ଦିର ଛକ, ବାଣୀବିହାର, ଆଚାର୍ଯ୍ୟ ବିହାର ଛକ, ଜୟଦେବ ବିହାର ଛକ, ଜାଭିୟର ଛକ, ରେଳ ସଦନ, ଡିଷ୍ଟ୍ରିକ୍ଟ ସେଣ୍ଟର, ଡମଣା ଛକ, ପଟିଆ ଛକ, କିଟ ଛକ, ନନ୍ଦନ ବିହାର, ରଘୁନାଥପୁର, ନନ୍ଦନକାନନ ପ୍ରାଣୀ ଉଦ୍ୟାନ, ଫୁଲପୋଖରୀ ଓ କଟକର ତ୍ରିଶୁଳିଆ ଛକ ପର୍ଯ୍ୟନ୍ତ ଚଳାଚଳ କରିବ। ସୂଚନାଯୋଗ୍ୟ ପରିବହନ କ୍ଷେତ୍ରରେ ରୂପାନ୍ତରଣ ଆଣିବା ଲକ୍ଷ୍ୟରେ ରାଜ୍ୟ ସରକାର ଓଡ଼ିଶାରେ ମେଟ୍ରୋ ସେବା ଆରମ୍ଭ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଡ୍ରିମ୍ ପ୍ରୋଜେକ୍ଟ ଭାବେ ଏହାକୁ ଗ୍ରହଣ କରାଯାଉଥିବା ବେଳେ ଅଳ୍ପ ଦିନ ମଧ୍ୟରେ ପ୍ରକଳ୍ପ କାମ ଶେଷ କରି ଓଡ଼ିଶା ମାଇଲଖୁଣ୍ଟ ସ୍ଥାପନ କରିବାକୁ ଯୋଜନା କରିଛି। ଚଳିତ ବର୍ଷ ଉତ୍କଳ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମେଟ୍ରୋ ଟ୍ରେନ୍ ପ୍ରକଳ୍ପକୁ ଅନୁମୋଦନ କରିବା ପରଠାରୁ ଦ୍ରୁତ ଗତିରେ ଏନେଇ କାମ ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ଅଧୀନରେ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ କଟକ ତ୍ରିଶୁଳିଆ ମଧ୍ୟରେ ପ୍ରଥମେ ମେଟ୍ରୋ ଟ୍ରେନ୍ ଚଳାଚଳ କରିବାକୁ ଥିବା ବେଳେ ପରେ ଦ୍ୱିତୀୟ ପର୍ଯ୍ୟାୟରେ କଟକ ସହର, ପୁରୀ ଓ ଖୋର୍ଦ୍ଧା ପର୍ଯ୍ୟନ୍ତ ଏହାକୁ ସମ୍ପ୍ରସାରଣ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ୫-ଟି ଉପକ୍ରମ ଅଧୀନରେ ରାଜ୍ୟ ସରକାର ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପ ହାତକୁ ନେଇଛନ୍ତି। ମେଟ୍ରୋ ଟ୍ରେନ୍ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ସମସ୍ତ ଖର୍ଚ୍ଚ ବହନ କରିବେ। ପର୍ଯ୍ୟଟନ, ଆର୍ଥିକ ଓ ସାମାଜିକ ଦୃଷ୍ଟି କୋଣରୁ ମେଟ୍ରୋ ଟ୍ରେନ୍ ପ୍ରକଳ୍ପ ରାଜ୍ୟ ପାଇଁ ସମୃଦ୍ଧିର ପଥ ଉନ୍ମୁକ୍ତ କରିବ ବୋଲି ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ସହର ସମନ୍ୱୟ କମିଟିରେ ପରିବହନ ବିଭାଗ, ୱାଟକୋ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍, ବିଏସ୍‌ଏନ୍‌ଏଲ, ଶକ୍ତି ବିଭାଗ, ଗେଲ୍, ପୂର୍ତ୍ତ ବିଭାଗ, ଜଳ ସମ୍ପଦ ବିଭାଗ, ବିଡିଏ, ଏନ୍‌ଏଚ୍‌ଏଆଇ, କୁଟ୍, ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଦ୍ୟା, ଇଡ୍‌କୋ, ବିଏମସି ଓ କମିସନରେଟ ପୁଲିସର ବରିଷ୍ଠ ଅଧିକାରକାରୀମାନେ ସାମିଲ ଅଛନ୍ତି। ଏହି ବିଭାଗଗୁଡ଼ିକ ଜଣେ ଜଣେ ସ୍ୱତନ୍ତ୍ର ଅଧିକାରୀଙ୍କୁ ଏହି କମିଟି ପାଇଁ ନିଯୁକ୍ତ କରିଛନ୍ତି ଓ ଏମାନେ ଆଗକୁ ଏହି ପ୍ରକଳ୍ପ ସମ୍ପର୍କିତ ସମସ୍ତ କାର୍ଯ୍ୟରେ ସହାୟତା ପ୍ରଦାନ କରିବେ ବୋଲି ନିଷ୍ପତ୍ତି ହୋଇଛି। ଚଳିତ ଅଗଷ୍ଟ ୩ତାରିଖରେ ରାଜ୍ୟ ସରକାର ଭୁବନେଶ୍ୱର ମେଟ୍ରୋ ରେଳ ନିଗମ (ବିଏମଆରସିଏଲ) ସ୍ଥାପନ ନେଇ ବିଜ୍ଞପ୍ତି ଜାରି କରିବା ସହ ଏହାର ସିଇଓ ଓ ଜେନେରାଲ ମ୍ୟାନେଜର(ପ୍ରଶାସନ) ନିଯୁକ୍ତି ମଧ୍ୟ ଦେଇଥିଲେ।

୨୦୪୭ ସୁଦ୍ଧା ଦେଶରୁ ସିକିଲ୍ ସେଲ୍ ରୋଗ ମୂଳୋତ୍ପାଟନ ଲକ୍ଷ୍ୟ



**ଭୁବନେଶ୍ୱର :** ୨୦୪୭ ସୁଦ୍ଧା ଦେଶରୁ ସିକିଲ୍ ସେଲ୍ ରୋଗ ମୂଳୋତ୍ପାଟନ ହେବ। ସେଥିପାଇଁ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତି କରାଯାଇଛି। ୨୫ ବର୍ଷ ବୟସ ଯାଏଁ ସମସ୍ତଙ୍କର ହେବ ସିକିଲ ସେଲ ପରୀକ୍ଷା। ରକ୍ତ ନିରାପତ୍ତା ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ଜାରି ହେବ ସିକିଲ ସେଲ କାର୍ଡ। ବିବାହ ପ୍ରସ୍ତାବ ବେଳେ ସିକିଲ୍ ସେଲ୍ କାର୍ଡ ମ୍ୟାଚ କରାଯିବାକୁ ପରାମର୍ଶ ଦିଆଯିବ। ଯେଉଁମାନଙ୍କର ସିକିଲ୍ ସେଲ ଥିବ, ସେମାନଙ୍କୁ ଅନ୍ୟ ସିକିଲ୍ ସେଲ ପଜିଟିଭ ଥିବା ବ୍ୟକ୍ତିଙ୍କୁ ବିବାହ ନକରିବାକୁ କୁହାଯିବ। ଫଳରେ ପରବର୍ତ୍ତୀ ପୀଢ଼ିଙ୍କୁ ସିକିଲ ସେଲ୍ ମୁକ୍ତ ରଖାଯାଇପାରିବ। ରାଜ୍ୟର ପଶ୍ଚିମ ଓ ଦକ୍ଷିଣାଞ୍ଚଳର ୨୦ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଲାଗି କେନ୍ଦ୍ର ସୁପାରିଶ କରିଥିବା ବେଳେ ରାଜ୍ୟରେ ଏହାକୁ ସବୁ ଜିଲ୍ଲାରେ କାର୍ଯ୍ୟକାରୀ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏବେ ଟେଷ୍ଟିଂ କିଟ୍ ଓ କାର୍ଡ କିଣା ପାଇଁ ଟେଣ୍ଡର ସରିଛି। ଟେଷ୍ଟିଂ କିଟ୍ ଓ କାର୍ଡ ଆସିବା ପରେ ଅଙ୍ଗନୱାଡ଼ି କେନ୍ଦ୍ର, ସ୍କୁଲ, କଲେଜରେ କ୍ୟାମ୍ପ କରି କରାଯିବ ସିକିଲ ସେଲ ପରୀକ୍ଷା। ଚଳିତ ବର୍ଷ ରାଜ୍ୟରେ ୧୫ରୁ ୨୦ ଲକ୍ଷ ଲୋକଙ୍କର ସିକିଲ ସେଲ୍ ପରୀକ୍ଷା କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଡାକ୍ତର ମିଶ୍ର କହିଛନ୍ତି।

୭ ରେଳ ମଲ୍ଟି-ଟ୍ରାକିଂ ପ୍ରକଳ୍ପକୁ ମଞ୍ଜୁରି

# ନିର୍ଗୁଣ୍ଡି-ବାରଙ୍ଗ ଓ ଖୋର୍ଦ୍ଧା ରୋଡ୍-ବିଜୟନଗରମ୍ ରେଳପଥ ୩ ଲାଇନ ବିଶିଷ୍ଟ ହେବ




**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି (ସିସିଇଏ) ରେଳ ମନ୍ତ୍ରଣାଳୟର ପ୍ରାୟ ୩୨,୫୦୦ କୋଟି ଟଙ୍କା ବ୍ୟୟ ଅଟକଳର ୭ଟି ପ୍ରକଳ୍ପକୁ ଅନୁମୋଦନ କରିଛି। ଏଥିପାଇଁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଅନୁଦାନ ଯୋଗାଇ ଦେବେ। ମଲ୍ଟି ଟ୍ରାକିଂ ବା ରେଳଧାରଣାର ସଂଖ୍ୟା ବୃଦ୍ଧି ସଂକ୍ରାନ୍ତ ପ୍ରସ୍ତାବଗୁଡିକ ଭାରତୀୟ ରେଳବାଇର ବ୍ୟସ୍ତବହୁଳ ସେକ୍ସନଗୁଡିକରେ ଅତି ଆବଶ୍ୟକ ଭିତ୍ତିଭୂମି ବିକାଶ ପ୍ରଦାନ କରି ପରିଚାଳନାକୁ ସହଜ କରିବ ଏବଂ ଭିଡ଼ ହ୍ରାସ କରିବ। ଉତ୍ତରପ୍ରଦେଶ, ବିହାର, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ, ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ୩୫ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ପ୍ରକଳ୍ପଗୁଡ଼ିକ ଭାରତୀୟ ରେଳର ବର୍ତ୍ତମାନର ନେଟୱର୍କକୁ ୨୩୩୯ କିଲୋମିଟର ବୃଦ୍ଧି କରିବ। ରାଜ୍ୟବାସୀଙ୍କୁ ୭.୦୬ କୋଟି ମାନବ ଦିବସର ନିଯୁକ୍ତି ପ୍ରଦାନ କରିବ। ଏହି ପ୍ରକଳ୍ପଗୁଡ଼ିକ ହେଉଛି ଗୋରଖପୁର-କ୍ୟାଣ୍ଟ-ବାଲ୍ମିକୀ ନଗର ବର୍ତ୍ତମାନର ଲାଇନର ଦୋହରୀକରଣ। ସୋନ ନଗର-ଅଣ୍ଡାଲ ମଲ୍ଟି ଟ୍ରାକିଂ ପ୍ରକଳ୍ପ ରେଳଧାରଣାର ସଂଖ୍ୟା ବୃଦ୍ଧି। ନିର୍ଗୁଣ୍ଡି-ବାରଙ୍ଗ ଓ ଖୋର୍ଦ୍ଧା ରୋଡ୍-ବିଜୟନଗରମ୍ ୩ ଲାଇନ ବିଶିଷ୍ଟ କରିବା। ମୁଦଖେଡ଼-ମେଡଚାଲ ଏବଂ ମହବୁବନଗର-ଧୋନେ ବର୍ତ୍ତମାନର ଲାଇନର ଦୋହରୀକରଣ। ଗୁଣ୍ଟୁର-ବିବିନଗର ବର୍ତ୍ତମାନର ଲାଇନର ଦୋହରୀକରଣ। ଚୋପାନ-ଚୁନୁର ବର୍ତ୍ତମାନର ଲାଇନର ଦୋହରୀକରଣ। ସମାଖିଆଲି-ଗାନ୍ଧୀଧା ଚାରି ଲାଇନ୍ ନିର୍ମାଣ। ଖାଦ୍ୟଶସ୍ୟ, ସାର, କୋଇଲା, ସିମେଣ୍ଟ, ଫ୍ଲାଇ-ଆଶ, ଲୁହା ଓ ପ୍ରସ୍ତୁତ ଇସ୍ପାତ, କ୍ଲିଙ୍କର, ଅଶୋଧିତ ତୈଳ, ଚୁନା ପଥର, ଖାଇବା ତେଲ ଇତ୍ୟାଦି ବିଭିନ୍ନ ସାମଗ୍ରୀ ପରିବହନ ପାଇଁ ଏଗୁଡ଼ିକ ଅତ୍ୟାବଶ୍ୟକ ମାର୍ଗ। କ୍ଷମତା ବୃଦ୍ଧି କାର୍ଯ୍ୟ ଫଳରେ ୨୦୦ ଏମଟିପିଏ (ବାର୍ଷିକ ନିୟୁତ ଟନ୍) ପରିମାଣର ଅତିରିକ୍ତ ମାଲ ପରିବହନ ହେବ। ରେଳବାଇ ପରିବେଶ ଅନୁକୂଳ ଏବଂ ଶକ୍ତି ଦକ୍ଷ ପରିବହନ ମାଧ୍ୟମ ହୋଇଥିବାରୁ ଏହା ଉଭୟ ଜଳବାୟୁ ଲକ୍ଷ୍ୟ ହାସଲ ଏବଂ ଦେଶର ଲଜିଷ୍ଟିକ୍ ଖର୍ଚ୍ଚ ହ୍ରାସ କରିବାରେ ସହାୟକ ହେବ। ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀଙ୍କ ନୂଆ ଭାରତର ସଂକଳ୍ପ ଅନୁଯାୟୀ ଯାହା ଏହି ଅଞ୍ଚଳରେ ବହୁମୁଖୀ କାର୍ଯ୍ୟ କରୁଥିବା ଶ୍ରମଶକ୍ତି ସୃଷ୍ଟି କରି ଏହି ଅଞ୍ଚଳର ଲୋକଙ୍କୁ "ଆତ୍ମନିର୍ଭରଶୀଳ" କରିବ ଏବଂ ସେମାନଙ୍କ ନିଯୁକ୍ତି ସ୍ୱରୋଜଗାର ସୁଯୋଗ ବୃଦ୍ଧି କରିବ।

## ଫେବୃଆରୀ ୧୪ରୁ +୨ ପରୀକ୍ଷା



**ଭୁବନେଶ୍ୱର :** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ), ଓଡ଼ିଶା ଦ୍ୱାରା ପରିଚାଳିତ ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ପରୀକ୍ଷା ୨୦୨୪ ଫେବ୍ରୁଆରି ୧୪ରୁ ଆରମ୍ଭ ହେବ। ଏହି ପରୀକ୍ଷା ମାର୍ଚ୍ଚ ୧୩ ଯାଏଁ ଜାରି ରହିବ। ଏପ୍ରିଲ ଶେଷ କିମ୍ବା ମେ' ମାସ ପ୍ରଥମ ସପ୍ତାହରେ ପରୀକ୍ଷା ଫଳ ପ୍ରକାଶ ପାଇବ। ବୋର୍ଡ ପରୀକ୍ଷା ପାଇଁ ଆସନ୍ତା ନଭେମ୍ବର ୧୦ରୁ ୨୫ ମଧ୍ୟରେ ଫର୍ମ ଫିଲଅପ୍ କରାଯିବ। ଜାନୁଆରି ପ୍ରଥମ ସପ୍ତାହରେ ପ୍ରାକ୍ଟିକାଲ ପରୀକ୍ଷା ହେବ ବୋଲି ସିଏଚ୍‌ଏସ୍ ପକ୍ଷରୁ ବୁଧବାର ପ୍ରକାଶିତ ଏକାଡେମିକ କ୍ୟାଲେଣ୍ଡରରେ ଉଲ୍ଲେଖ ରହିଛି। ପିଲାମାନଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସିଏଚ୍‌ଏସ୍‌ଇ ପକ୍ଷରୁ ଚଳିତ ବର୍ଷ ଆଗୁଆ ପରୀକ୍ଷା କରାଯାଉଛି। ଏକାଡେମିକ୍ କ୍ୟାଲେଣ୍ଡର ଅନୁସାରେ ଅନିୟମିତ ଛାତ୍ରଛାତ୍ରୀ ଅନ୍‌ଲାଇନ୍ ମାଧ୍ୟମରେ ସେପ୍ଟେମ୍ବର ୧୫ରୁ ୩୦ ତାରିଖ ମଧ୍ୟରେ ଫର୍ମ ଫିଲଅପ୍ କରିବେ। କିନ୍ତୁ ନିୟମିତ ପିଲାମାନେ ନଭେମ୍ବର ୧୦ରୁ ୨୫ ତାରିଖ ମଧ୍ୟରେ ଏହି କାମ କରିବେ। ବୋର୍ଡ ପରୀକ୍ଷାର ଗୋଟିଏ ମାସ ପୂର୍ବରୁ ପରୀକ୍ଷା ସୂଚୀ ପ୍ରକାଶ ପାଇବ। ଡିସେମ୍ବର ୨୫ ତାରିଖ ସୁଦ୍ଧା ପିଲାମାନେ ଅନ୍‌ଲାଇନ୍‌ରେ ଆଡମିଟ୍ କାର୍ଡ ପାଇପାରିବେ। ଥିଓରି ପରୀକ୍ଷା ୨୦୨୪ ଫେବ୍ରୁଆରି ୧୪ରୁ ମାର୍ଚ୍ଚ ୧୩ ତାରିଖ ମଧ୍ୟରେ ହେବ। ୨୦୨୪ ଏପ୍ରିଲ ଶେଷ ସପ୍ତାହ ଅଥବା ମେ' ପ୍ରଥମ ସପ୍ତାହରେ ପରୀକ୍ଷା ଫଳ ପ୍ରକାଶ ପାଇବ।

## ମାଧ୍ୟମିକ ଶିକ୍ଷକ ନିଯୁକ୍ତି ଲାଗି ସେପ୍ଟେମ୍ବର ୧୫ରେ ମେନ୍ ପରୀକ୍ଷା

**ଭୁବନେଶ୍ୱର :** ସେପ୍ଟେମ୍ବର ୧୫ରୁ ୨୫ ତାରିଖ ମଧ୍ୟରେ ୭,୫୪୦ ମାଧ୍ୟମିକ ଶିକ୍ଷକ ନିଯୁକ୍ତି ପାଇଁ ମେନ୍ ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ଓଡ଼ିଶା କର୍ମଚାରୀ ଚୟନ ଆୟୋଗ(ଓଏସଏସସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୫ ତାରିଖରେ ଟିଜିଟି କଳା ବିଭାଗର ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ୨୧ରେ ସଂସ୍କୃତ, ୨୨ରେ ହିନ୍ଦୀ, ତେଲୁଗୁ, ଉର୍ଦ୍ଦୁ ଏବଂ ଟିଜିଟି ବିଜ୍ଞାନ(ସିବିଜେଡ୍) ଆଶାୟୀ ଶିକ୍ଷକଙ୍କ ଦକ୍ଷତା ପରୀକ୍ଷା ଅନୁଷ୍ଠିତ ହେବ। ସେହିପରି ୨୫ରେ ଟିଜିଟି ବିଜ୍ଞାନ(ପିସିଏମ) ଓ ପିଇଟି ଶିକ୍ଷକଙ୍କ ଦକ୍ଷତା ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷାର ୫ଦିନ ପୂର୍ବରୁ ଅନଲାଇନରେ ଆଶାୟୀଙ୍କ ଆଡମିଟକାର୍ଡ଼ ଉପଲବ୍ଧ ହେବାକୁ ଥିବାବେଳେ ପରୀକ୍ଷା ସମ୍ପର୍କିତ ସମସ୍ତ ତଥ୍ୟ ଆଶାୟୀ ଓଏସଏସସି ୱେବସାଇଟ୍ ମାଇଧ୍ୟମରେ ପାଇ ପାରିବେ।

ନବୀନଙ୍କ ଦାବିକୁ କେନ୍ଦ୍ରର ଅଣଦେଖା

# ଏଯାଏଁ ସମ୍ବିଧାନର ମୁଖବନ୍ଧରେ ସ୍ଥାନ ପାଇଲାନି ଅହିଂସା

**ଭୁବନେଶ୍ୱର:** ଯୁଗେ ଯୁଗେ ଅମର ଅହିଂସାର ପୂଜାରୀ ମହାତ୍ମା ଗନ୍ଧୀ। ୫ବର୍ଷ ପୂରିବାକୁ ଯାଉଛି। ହେଲେ ଜାତିର ପିତା ମହାତ୍ମା ଗାନ୍ଧିଙ୍କ ଏହି ମହାମନ୍ତ୍ରକୁ ସମ୍ବିଧାନର ମୁଖବନ୍ଧରେ ମିଳିଲାନି ସ୍ଥାନ। ପୂରଣ ହେଲାନି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦାବି। ଗାନ୍ଧୀଙ୍କ ସରଳ ଜୀବନ ଯାପନ ବିଶ୍ୱକୁ ଚମକାଇ ଦେଇଛି। ସମାନ ଭାବେ ଦୀର୍ଘ ବର୍ଷ ଧରି କ୍ଷମତା ଓ ଶାସନରେ ଥାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରଳ ଜୀବନଶୈଳୀ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। କୋଟିଏ ଦସ୍ତଖତ ସମ୍ବଳିତ ଓଡ଼ିଶାର ଆବେଗକୁ କେନ୍ଦ୍ର ସରକାର ଅଣଦେଖା କରିଚାଲିଛନ୍ତି। ଆଣ୍ଠୁ ଉପରକୁ ଲୁଗା, ଫୁଙ୍ଗୁଳା ଦେହ। ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଓଡ଼ିଶା ଖୋଲିଥିଲା ମହାତ୍ମାଙ୍କ ଆଖି। ଓଡ଼ିଶାର ଦାରିଦ୍ର୍ୟତା ଦେଖି ବିଗଳିତ ହୋଇଥିଲା ମହାତ୍ମାଙ୍କ ହୃଦୟ। ପୂର୍ଣ୍ଣ କୁର୍ତ୍ତା ପାଇଜାମା ଛାଡ଼ି ଫୁଙ୍ଗୁଳା ଦେହରେ ମହାତ୍ମା ପିନ୍ଧିଥିଲେ ଆଣ୍ଠୁ ଲୁଚୁନଥିବା ଲୁଗା। ବାପୁଙ୍କ ମନ୍ତ୍ରରେ ଅଭିମନ୍ତ୍ରିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୨୦୦୦ମସିହାରୁ ଶାସନ ଗାଦିରେ ରହି ବି ଆପଣାଇଛନ୍ତି ସରଳ ଜୀବନଯାପନ। ଗାନ୍ଧୀଜୀଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଅବସରରେ ୨୦୧୮ରୁ ସମ୍ବିଧାନର ମୁଖବନ୍ଧରେ ମହାତ୍ମାଙ୍କ ଅହିଂସାକୁ ସ୍ଥାନିତ କରିବାକୁ ଦାବି ହେଉଛି। ଦାବିକୁ ପୂରିବ ୫ବର୍ଷ, ହେଲେ ପୂରଣ ହୋଇନି ମୁଖ୍ୟମନ୍ତ୍ରୀଙ୍କ ଦାବି। କୋଟିଏ ଦସ୍ତଖତ ସମ୍ବଳିତ ଓଡ଼ିଶାର ଦାବିପତ୍ରକୁ କୋଣଠେସା କରି ପକାଇ ଦେଇଛି କେନ୍ଦ୍ର। ମହାତ୍ମାଙ୍କ ଅବର୍ତ୍ତମାନରେ ଗାନ୍ଧୀଙ୍କ ବିଚାରଧାରା ଆଜି ବି ପ୍ରାସଙ୍ଗିକତା ରଖୁଛି। କ୍ଷମତାର ଅଳିନ୍ଦ ଭିତରେ ରହି ବି ମୁଖ୍ୟମନ୍ତ୍ରୀ ପାଳନ କରୁଛନ୍ତି ଅହିଂସା, ଅସ୍ତେୟ ସମେତ ଗାନ୍ଧୀଜୀଙ୍କ ଏକାଦଶ ମହାମନ୍ତ୍ରକୁ। ଲୋକଙ୍କ ସେବାକୁ ଜୀବନର ବ୍ରତ ଭାବେ ପାଳନ କରିଆସୁଛନ୍ତି ନବୀନ।। ମୁଖ୍ୟମନ୍ତ୍ରୀଙ୍କ ଶାସନରେ ଗଭୀର ଭାବେ ପ୍ରତିଫଳିତ ହୋଇଛି ମହାତ୍ମା ଗାନ୍ଧୀଙ୍କ ବିଚାରଧାରା। ସେଥିପାଇଁ ରାଜ୍ୟ ପ୍ରଶାସନର ଆଳୟ ଲୋକସେବା ଭବନର ମୁଖ୍ୟ ପ୍ରବେଶରେ ଗାନ୍ଧୀଙ୍କ ପରଶମଣିକୁ ସ୍ଥାନିତ କରିଛନ୍ତି ମୁଖ୍ୟମନ୍ତ୍ରୀ। ଦେଶ ଓ ରାଜ୍ୟ ଏବେ ପ୍ରଗତି ପଥରେ ଆଗେଇ ଚାଲିଛି। ସ୍ୱାଧୀନତାର ୭୭ତମ ଦିବସ ଆଜି ଦେଶ ପାଳନ କରୁଛି। କିନ୍ତୁ ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ମହାପୁରୁଷଙ୍କ ଚିନ୍ତା ଓ ଚେତନା ଯୁଗେ ଯୁଗେ ଅମର। ଏବେର କେନ୍ଦ୍ର ସରକାର ଗାନ୍ଧୀଙ୍କ ସ୍ୱଚ୍ଛ ଭାରତ ଅଭିଯାନକୁ ଆଗେଇ ନେଇଛନ୍ତି ସତ। ହେଲେ ମହାତ୍ମାଙ୍କ ଅମୂଲ୍ୟ ନିଧି ବୋଲାଉଥିବା ଅହିଂସାକୁ ସମ୍ବିଧାନରେ ସ୍ଥାନ ଦେବା ପାଇଁ କାହିଁକି ପଦକ୍ଷେପ ନେଉନାହନ୍ତି ବୋଲି ପ୍ରଶ୍ନ କରିଛନ୍ତି ବୈଜ୍ଞାନିକ ଓ ବୁଦ୍ଧିଜୀବୀ। ତ୍ରିରଙ୍ଗାକୁ ସମ୍ମାନ ଦେଇ କେନ୍ଦ୍ର ସରକାର ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଚଳାଇଛନ୍ତି। ଏହି ତ୍ରିରଙ୍ଗାକୁ ବ୍ରିଟିଶ କବଳରୁ ମୁକ୍ତ କରିବାରେ ଯିଏ ମୁଖ୍ୟ ବିନ୍ଧାଣି ଥିଲେ, ତାଙ୍କ ବିଚାରକୁ ସମ୍ବିଧାନରେ ସ୍ଥାନ ଦେବାରେ କାହିଁକି ଏତେ କାର୍ପଣ୍ୟ ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ।

ମ୍ୟାଲେରିଆ, ଡେଙ୍ଗୁ ଓ ଜାପାନୀ ଜ୍ୱର ମୃତ୍ୟୁର ସମୀକ୍ଷା ହେବ

# ଗଠନ ହେଲା ଜିଲ୍ଲା ଓ ରାଜ୍ୟସ୍ତରୀୟ କମିଟି



**ଭୁବନେଶ୍ୱର :** ଏଣିକି ରାଜ୍ୟରେ କୌଣସି ବ୍ୟକ୍ତି ମ୍ୟାଲେରିଆ, ଡେଙ୍ଗୁ କିମ୍ବା ଜାପାନୀ ଜ୍ୱରରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଲେ ତାହାର ଅଡିଟ୍ କରାଯିବ। ସେହିପରି ଏହି ମୃତ୍ୟୁର କାରଣ ସ୍ପଷ୍ଟ କରିବା ଲାଗି ମହାମାରୀ ବିଜ୍ଞାନ ଅନୁସନ୍ଧାନ କରାଯିବ। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଉପରୋକ୍ତ ତିନି ରୋଗକୁ ରାଜ୍ୟ ସରକାର ବିଜ୍ଞପିତ ରୋଗ ଭାବେ ଘୋଷଣା କରିଛନ୍ତି। ମ୍ୟାଲେରିଆ, ଡେଙ୍ଗୁ ଏବଂ ଜାପାନୀ ଜ୍ୱରର ସମୂଳ ବିଲୋପ ଲକ୍ଷ୍ୟ ନେଇ ରାଜ୍ୟ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି। ତେବେ ମୃତ୍ୟୁର ସଠିକ୍ କାରଣ ଜାଣିବା ଏଥିପାଇଁ ଜରୁରୀ ହେବ। ଏହାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଜି ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ ମୃତ୍ୟୁର ଅଡିଟ୍ ପାଇଁ ଜିଲ୍ଲା ସ୍ତରରେ ଏକ କମିଟି ଗଠନ କରାଯିବ। ଏଥିରେ ସମ୍ପୃକ୍ତ ସିଡିଏମ୍‌ଓ/ପିଏଚ୍‌ଓ ମୁଖ୍ୟ ରହିବେ ଏବଂ ଜିଲ୍ଲା ହସ୍ପିଟାଲ/ସବ୍ ଡିଭିଜନ ହସ୍ପିଟାଲ/ସିଏଚ୍ସି ଅଧିକ୍ଷକ, ଏଡିପିଏଚ୍‌ଓ, ବିଶେଷଜ୍ଞ ଡାକ୍ତର (ମେଡିସିନ୍/ ଶିଶୁ/ ଆଇସିୟୁ ଅଧିକାରୀ) ସଦସ୍ୟ ନିଯୁକ୍ତ ହେବେ। ସେହିପରି ମହାନଗର ନିଗମ ଅଞ୍ଚଳ କମିଟିରେ ସିଡିଏମ୍ ଏବଂ ପିଏଚ୍‌ଓ, ଏଡିପିଏଚ୍‌ଓ ଏବଂ ବିଷୟବସ୍ତୁ ସମ୍ପର୍କିତ ବିଶେଷଜ୍ଞ ଡାକ୍ତର ସଦସ୍ୟ ରହିବେ। ଅପରପକ୍ଷେ ମୃତ୍ୟୁର ଏପିଡେମିଓଲୋଜିକାଲ ଅନୁସନ୍ଧାନ ପାଇଁ ଗଠିତ କମିଟିରେ ଏଡିପିଏଚ୍‌ଓ (ଭିବିଡି), ଏପିଡେମିଓଲୋଜିଷ୍ଟ, ଭିବିଡି ବିଶେଷଜ୍ଞ, ମାଇକ୍ରୋବାୟୋଲୋଜିଷ୍ଟ, ସିଏଚ୍‌ସିର ଭାରପ୍ରାପ୍ତ ଅଧିକାରୀ ରହିବେ। ତଦନ୍ତ ଆରମ୍ଭ କରିବାର ୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବା ଜରୁରୀ ହେବ। ଏଥିସହ ରିପୋର୍ଟରେ ସାମ୍ପ୍ରତିକ ସ୍ଥିତି ଏବଂ ସମସ୍ୟା ସମାଧାନ ପାଇଁ ପ୍ରସ୍ତାବ ଦିଆଯିବ। ଅପରପକ୍ଷେ ବିଭାଗ ପକ୍ଷରୁ ଏକ ରାଜ୍ୟସ୍ତରୀୟ କମିଟି ମଧ୍ୟ ଗଠନ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ (ଜନସ୍ୱାସ୍ଥ୍ୟ)ଙ୍କ ଅଧ୍ୟକ୍ଷତାରେ ଗଠିତ ରାଜ୍ୟସ୍ତରୀୟ କମିଟି ନିୟମିତ ଭାବେ ସ୍ଥିତିର ସମୀକ୍ଷା କରିବେ। ଏହି କମିଟିରେ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ, ଡିଏମ୍‌ଇଟି, ନର୍ସିଂ ନିର୍ଦ୍ଦେଶକ, ରକ୍ତ ସୁରକ୍ଷା ନିର୍ଦ୍ଦେଶକ, ବିଭାଗର ଯୁଗ୍ମ ସଚିବ (ଯୋଜନା)ଙ୍କ ସମେତ ମେଡିକାଲ କଲେଜର ମେଡିସିନ୍, ଶିଶୁରୋଗ ଏବଂ ଏସ୍ପିଏମ୍ ବିଶେଷଜ୍ଞ ସଦସ୍ୟ ରହିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁସାରେ ଉପରୋକ୍ତ ରୋଗରେ ବହୁ ଲୋକଙ୍କ ପ୍ରାଣ ଯାଉଛି। ତେଣୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏହାର ମୁକାବିଲା ପାଇଁ ନିଦାନ, ଚିକିତ୍ସା ଠାରୁ ଆରମ୍ଭ କରି ଅନେକ ବ୍ୟବସ୍ଥା କରିଛନ୍ତି। ହେଲେ ରୋଗର ପ୍ରଭାବୀ ମୁକାବିଲା ପାଇଁ ବିସ୍ତୃତ ତଥ୍ୟର ଆବଶ୍ୟକତା ରହିଛି। ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସେବାକୁ ନେଇ ବିଭାଗ ଅଡିଟ୍ ବ୍ୟବସ୍ଥା କରିଛି। ତେବେ ଉକ୍ତ ତିନି ରୋଗ ପାଇଁ ଅଡିଟ୍ ସହିତ ବୈଜ୍ଞାନିକ ପଦ୍ଧତିରେ ପରୀକ୍ଷା ନୀରିକ୍ଷା କରିବାର ଆବଶ୍ୟକତା ଅଛି।

## ଶ୍ରୀମନ୍ଦିର ନାଟମଣ୍ଡପ ବିମ୍‌ର ତୁରନ୍ତ ମରାମତି ଆବଶ୍ୟକ



**ଭୁବନେଶ୍ୱର :** ଶ୍ରୀମନ୍ଦିର ନାଟମଣ୍ଡପ ବିମ୍‌ର ତୁରନ୍ତ ମରାମତି ଆବଶ୍ୟକ। ନାଟମଣ୍ଡପର ଏହି ମୁଖ୍ୟ ବିମଟି ଉଭୟ ପାର୍ଶ୍ୱରୁ କାଣ୍ଟି ଲିଭର ଭାବେ କାର୍ଯ୍ୟକରୁଛି। ଏହି ବିମରେ କୌଣସି ଦୁର୍ଘଟଣା ଘଟିଲେ ଏହା ପ୍ରଳୟଙ୍କରୀ ହୋଇପାରେ ବୋଲି ଶ୍ରୀମନ୍ଦିର ମାମଲାରେ ଅମିକସକ୍ୟୁରୀ ଇଂଜିନିୟର ଏନ୍.କେ ମହାନ୍ତି ଚେତାଇ ଦେଇଛନ୍ତି। ସୋମବାର ଶ୍ରୀମନ୍ଦିର ଜଗମୋହନ ଓ ନାଟମଣ୍ଡପ ମରାମତି ସମ୍ପର୍କିତ ମାମଲାରେ ଅମିକସକ୍ୟୁରୀ ଏନ.କେ ମହାନ୍ତି ଦାଖଲ କରିଥିବା ରିପୋର୍ଟରେ ଏହା ଉଲ୍ଲେଖ କରିଛନ୍ତି। ଆମିକସ୍‌କ୍ୟୁରୀ ନିଜ ରିପୋର୍ଟରେ ଦର୍ଶାଇଛନ୍ତି, ନାଟମଣ୍ଡପ ଛାତରୁ ବର୍ଷାଜଳ ନିଷ୍କାସନ ଓ ପାଣି ଝରିବା ବାବଦରେ ପର୍ଯ୍ୟାପ୍ତ କାମ ହୋଇଛି। ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଏଏସ୍‌ଆଇ ଏହାକୁ ଶେଷ କରିବ। ସେପଟେ ଜଗମୋହନର ପ୍ରଥମ ଓ ଦ୍ୱିତୀୟ ପିଢ଼ା ସ୍ତରରେ ଫାଟ ରହିଛି। ଏଥିରେ ଲାଗିଥିବା ଲୁହା ବିମ୍ ଗୁଡିକର ଅବକ୍ଷୟ। ଚୂନ ପ୍ଲାଷ୍ଟର ଛାଡିବା ଓ ପଥର ଘୁଂଚିବା କାରଣରୁ ଏହା ଘଟିଛି। ଜଗମୋହନର ପୂର୍ବ ଓ ଦକ୍ଷିଣ-ପୂର୍ବ ପଟରେ ଥିବା ଏହି ଫାଟ ଗୁଡିକ ନାଟମଣ୍ଡପ ଛାତରୁ ଦେଖାଯାଉଛି ବୋଲି ସେ ରିପୋର୍ଟରେ କହିଛନ୍ତି। ରିପୋର୍ଟରେ ଆହୁରି କୁହାଯାଇଛି, ମରାମତି କାମ ଆରମ୍ଭ ହୋଇଛି। ତେବେ ଆଖିଦୁର୍ଶିଆ କାମ ହୋଇନାହିଁ। ଏସବୁକୁ ଦୃଷ୍ଟିରେ ରଖି ହାଇକୋର୍ଟ ପ୍ରତି ୨ରୁ ୩ ମାସରେ ଥରେ ମରାମତି କାମର ସମୀକ୍ଷା କଲେ ଏହା ତ୍ୱରାନ୍ୱିତ ହୋଇପାରିବ ବୋଲି ସେ ଦର୍ଶାଇଛନ୍ତି। ଆସନ୍ତା ସେପ୍ଟେମ୍ବର ୧୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୧ - ୨୭ ଅଗଷ୍ଟ, ୨୦୨୩

# କର୍ମ ସହ ଭାଗ୍ୟ ଲୋଡା

ସମୟ କାହାକୁ ଅପେକ୍ଷା କରେନାହିଁ ସତ ହେଲେ ସମୟ ସହ ତାଳ ଦେଇ ଚାଲିବା କଣ ଏତେ ସହଜ! ଅନେକ ଆଶା ଓ ଆଶଙ୍କା ମଧ୍ୟ ଦେଇ ଗତି କରୁଥିବା ଜୀବନରେ କେତେ କମା ରହିଛି ତାହା ପ୍ରତିଟି ଘଟଣାକୁ ତର୍ଜମା କଲେ ବୁଝିହୁଏ। କିନ୍ତୁ ବୁଝିବା ଲୋକର ଧୈର୍ଯ୍ୟ ଉପରେ ହିଁ ଏହା ନିର୍ଭର କରେ। ମଣିଷ ଯାହା ଭାବିଥାଏ ବା ଚିନ୍ତା କରେ ସେ ସବୁଯେ ଫଳପ୍ରଦ ହୋଇଯାଏ ତାହା ଭାବିବା ଭୁଲ। ନିଜର ନିଷ୍ଠାପର ସାଧନା ହୁଏତ ମଣିଷକୁ ସଫଳତା ଦେଇପାରେ। ହେଲେ ପ୍ରତ୍ୟେକ ସଫଳତା ପଛରେ କେବଳ ନିଷ୍ଠା ନଥାଏ। ଭାଗ୍ୟ ମଧ୍ୟ ମଣିଷକୁ ଉଚ୍ଚତର ସୋପାନକୁ ନେଇଥାଏ। ଏହାର ଅନେକ ଉଦାହରଣ ସମାଜରେ ରହିଛି। ଯେଉଁ ନିଷ୍ଠା ଦ୍ୱାରା ଜଣେ ବ୍ୟକ୍ତି ସଫଳତା ପାଇଥାଏ ସେଭଳି ଅସଂଖ୍ୟ ବ୍ୟକ୍ତି ଥିଲେ ମଧ୍ୟ ସଫଳତା ସମସ୍ତଙ୍କୁ ମିଳିନଥାଏ। ଏହାର ଅନେକ କାରଣ ଥାଇପାରେ ମାତ୍ର ସମସ୍ତେ ସଫଳ ବ୍ୟକ୍ତିତ୍ୱ ନୁହନ୍ତି। ଧରିନିଅନ୍ତୁ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କଥା, କିଭଳି ବିପୁଳ ଭୋଟ ହାତେଇ ବାରମ୍ବାର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଚାଲିଛନ୍ତି। ତାଙ୍କର ଏଯାଏ କେହି ପ୍ରତିଦ୍ୱନ୍ଦୀ ଓଡ଼ିଶାରେ ଅଛନ୍ତି ବୋଲି ବିଶ୍ୱାସ କରିହେଉନାହିଁ। ତାଙ୍କର ଉଦାହରଣ ଦେଶରେ ବିରଳ। ଏଥର ଆସିବା ରାଜନୀତିରେ ତାଙ୍କର ନିଷ୍ଠା ଓ ସାଧନା କଥା। ଓଡିଶା ରାଜନୀତିକ ଇତିହାସରେ ତାଙ୍କ ଆବିର୍ଭାବ ହେବା ଯେମିତି ଅଚାନକ ହୋଇଥିଲା ତାହା ସମସ୍ତଙ୍କୁ ଚକିତ କରିଛି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ପରେ ରାଜ୍ୟ ରାଜନୀତିରେ ତାଙ୍କର ପ୍ରବେଶ ଘଟିଥିଲା। ସେତେବେଳେ ଓଡ଼ିଶାର ରାଜନୀତି ପାଣିପାଗ ବିଷୟରେ ନବୀନବାବୁ ଆଦୌ ଅବଗତ ନଥିଲେ। ଯେଉଁମାନେ ନବୀନଙ୍କୁ ଆଣି ବିଜୁଙ୍କ ଉତ୍ତରାଧିକାରୀ କରି ଜନତା ଦଳ ବଦଳରେ ବିଜୁ ଜନତା ଦଳ ଭଳି ଏକ ଆଞ୍ଚଳିକ ଦଳ ଗଢି ଏହାର ମୁଖିଆ ଭାବେ ସେଇ ବିଜୁଙ୍କ ଦାୟାଦଙ୍କୁ ହିଁ ବାଛିଲେ। ଆଜି ଦେଖନ୍ତୁ ନବୀନବାବୁ କେଉଁଠି ଓ

ସମ୍ପାଦକୀୟ



ତାରକ ମହାନ୍ତି

ତାଙ୍କୁ ଆଣି ଗାଦିରେ ବସେଇଥିବା ନେତା କେଉଁଠି! ଏଥିରେ କଣ କେବଳ ସାଧନା ବା ନିଷ୍ଠା ରହିଥିବା କଥା କହିହେବ କି! ବିଜୟ ମହାପାତ୍ର, ଦିଲ୍ଲୀପ ରାୟ, ପଞ୍ଚାନନ କାନୁନଗୋ, ଶ୍ରୀକାନ୍ତ ଜେନାଙ୍କ ଭଳି ଅନେକ ପୋଖତ ରାଜନେତା ଆଜି ନବୀନଙ୍କ ସମକକ୍ଷ ହୋଇପାରୁଛନ୍ତି କି? ଏମାନଙ୍କ ରାଜନୀତିକ ଅଭିଜ୍ଞତା ଓ ରାଜ୍ୟ ଲୋକଙ୍କ ସହ ପରିଚିତି ଥାଇ ସୁଦ୍ଧା ରାଜନୀତିରେ ଏମାନେ କିଭଳି ଗୌଣ ହୋଇଗଲେ ତାହା ଚିନ୍ତା କଲେ ଆଶ୍ଚର୍ଯ୍ୟ ଲାଗିବା ସ୍ୱାଭାବିକ। ନେତୃତ୍ୱ ନେବାର ସମସ୍ତ ଦକ୍ଷତା ଥିବା ସତ୍ତ୍ୱେ ନବୀନଙ୍କ ଭଳି ଏଭଳି ନେତାମାନେ ସଫଳ କି? ସେମିତି ସମୟ କାହାକୁ କେତେବେଳେ କେଉଁଠି ପହଞ୍ଚାଇ ଦିଏ ତାହା ଆଗରୁ କେହି କଳ୍ପନା କରିନଥାନ୍ତି। କର୍ତ୍ତବ୍ୟ କରିଚାଲିଲେ ତାହାରି ମଧ୍ୟରେ କେତେବେଳେ ଭାଗ୍ୟୋଦୟ ହୋଇଯାଏ ତାହା ବୁଝି ହୁଏନି। ଅନେକ ଲୋକ ଟଙ୍କା ଉପାର୍ଜନ କରି ମଧ୍ୟ ଏହାର ସଦୁପଯୋଗ କରିନପାରି ପଛରେ କେବଳ ଅନୁତାପ କରନ୍ତି। ଆଉ କେତେକ ସଠିକ ମାର୍ଗରେ ଯାଇ ନିଜର ସ୍ୱଳ୍ପ ସଂଚୟକୁ ମଧ୍ୟ ବଡ଼ କାର୍ଯ୍ୟରେ ଲଗାଇ ପୁଞ୍ଜିପତି ହୋଇପାରନ୍ତି। ତେଣୁ ବିଧିର ବିଧାନ ବଡ଼ ବିଚିତ୍ର। ଅନେକ ଲୋକଙ୍କ ଉଦାହରଣ ଦେଖିଲେ ଜଣାପଡେ କିଛି ଲୋକ ସମାଜର ତଳ ସ୍ତରରୁ ଯାଇ ମଧ୍ୟ ନିଜର ଲକ୍ଷ୍ୟ ହାସଲ କରିପାରିଛନ୍ତି। ଜଣେ ଛୋଟ ବ୍ୟବସାୟୀ କିଭଳି ବଡ଼ ବ୍ୟବସାୟୀରେ ପରିଣତ ତାହାର ଅସଂଖ୍ୟ ନଜିର ଦେଖିବାକୁ ମିଳେ। ହେଲେ ତନ୍ମଧ୍ୟରେ କେତେକ ଅସାଧୁ ଉପାୟରେ ଉପାର୍ଜନ କରୁଥିଲା ବେଳେ ଅନେକ ସାଧୁତା ଦେଖାଇ ଲୋକଙ୍କ ବିଶ୍ୱାସ ଭାଜନ ହୋଇପାରନ୍ତି। ତେଣୁ ସମସ୍ତଙ୍କୁ ସମାନ ନିକିତିରେ ତଉଲ କରାଯିବା ଅନୁଚିତ। ଜଣେ କୁଶଳୀ ଶ୍ରମିକ ମଧ୍ୟ ନିଜର ନିଷ୍ଠା ବଳରେ ଉପରକୁ ଉଠିପାରିବ। ତଥାପି ସମୟ ଆଗରେ ସମସ୍ତେ ଅସହାୟ ହୋଇପଡନ୍ତି। ଋଣ କରି ଘିଅ ଖାଉଥିବା ବ୍ୟକ୍ତି ଜୀବନରେ ସାମୟିକ ସୁଖ ଉପଭୋଗ କରି ପରେ ଅନେକ କଷ୍ଟ ପାଏ। ତେଣୁ ନିଜ ଜୀବନର ସଠିକ ମାର୍ଗ ଖୋଜି ପାଇବା ସବୁଠୁ ମହତ୍ୱପୂର୍ଣ୍ଣ।

# ରାଜନୈତିକ ସ୍ଥିରତାରେ ଆର୍ଥିକ ବିକାଶ



ସୌମେନ୍ଦ୍ର ଜେନା

ଭାରତର ଅର୍ଥନୀତିକୁ ଆଗେଇନେବାରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ବଡ ଭୂମିକା ରହିଛି। ଏହାର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ 'ଗଭର୍ଣ୍ଣର ଅଫ୍ ଦି ଇୟର' ଆନ୍ତର୍ଜାତିକ ପୁରସ୍କାର ପାଇଛନ୍ତି। କୋରୋନା କାଳରେ ଆମେରିକାର ୬୨୦ ବିଲିଅନ ଡଲାର ଅର୍ଥ ଡୁବିଗଲା ବେଳେ ଭାରତର ବ୍ୟାଙ୍କ ବ୍ୟବସ୍ଥା ସୁଦୃଢ ହୋଇଛି। ଏଚ୍‌ଡିଏଫ୍‌ସି ଭଳି ବ୍ୟାଙ୍କ ୪ର୍ଥ ବଡ ବ୍ୟାଙ୍କର ମାନ୍ୟତା ଲାଭ କରିଛି। ମୋର୍ଗାନ ଷ୍ଟାନ୍‌ଲେର ରିପୋର୍ଟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱକୁ ପ୍ରଶଂସା କରାଯାଇ ମାତ୍ର ୧୦ ବର୍ଷରେ ଭାରତ ନିଜ ଆର୍ଥିକ ସ୍ଥିତିକୁ ବଦଳାଇବାକୁ ସକ୍ଷମ ହୋଇଥିବା କଥା କୁହାଯାଇଛି। ଦେଶରେ କର୍ପୋରେଟ ଟିକସ ହାର ହ୍ରାସ କରିବା, ନିବେଶ ବୃଦ୍ଧି, ଜିଏସ୍‌ଟି ସଂଗ୍ରହରେ ରେକର୍ଡ, ଯୋଗାଣରେ ବୃଦ୍ଧି, ଅନ୍‌ଲାଇନ ଦେଣନେଣ ବୃଦ୍ଧି, ଦେବାଳିଆ ଆଇନରେ ସଂଶୋଧନ ଯୋଗୁ ଭାରତର ଅର୍ଥନୀତି ସଶକ୍ତ ହୋଇଥିବା କୁହାଯାଉଛି। ସିସ୍‌କୋ ଗ୍ଲୋବାଲର ଚେଆରମେନ ଭାରତର ବିକାଶ ହାରରେ ସନ୍ତୁଷ୍ଟ ହୋଇ କହିଛନ୍ତି, "ପୃଥିବୀରେ ୫ଜିକୁ ଅତି କମ୍ ସମୟରେ ବ୍ୟାପକ କରିଥିବା ଦେଶ ବିଶ୍ୱ ପାଇଁ ପୁଞ୍ଜିନିବେଶର ଏକ ଭଲ ବାତାବରଣ ସୃଷ୍ଟି କରିଛି।" ଯେଉଁଥିପାଇଁ ଭାରତର ରିଲାଏନ୍ସ କମ୍ପାନୀ ଆମେରିକାରେ ୫ଜିର ପ୍ରସାର ପାଇଁ ଆବଶ୍ୟକ ଉପକରଣ ଯୋଗାଇବାକୁ ଅର୍ଡର ପାଇଛି। ୟୁପିଆଇ ବ୍ୟବସ୍ଥାକୁ ଭୁଟାନ, ନେପାଳ, ସିଙ୍ଗାପୁର, ଓମାନ, ଫ୍ରାନ୍ସ, ୟୁଏଇ, ମାଲେସିଆ ଆଦି ଗ୍ରହଣ କରି ସାରିଥିବା ସମୟରେ ଭିଏତନାମ, ଥାଇଲାଣ୍ଡ, ଫିଲିପାଇନ୍ସ, ବ୍ରିଟେନ, ନେଦରଲାଣ୍ଡ, ବେଲଜିୟମ, ସ୍ୱିଜରଲାଣ୍ଡ, ଲକ୍ସେମ୍ବର୍ଗ ଆଦି ରାଷ୍ଟ୍ର ଆଗାମୀ ଦିନରେ ଗ୍ରହଣ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହା ହେଲେ ଭାରତର ଟଙ୍କା ବିଶ୍ୱସ୍ତରୀୟ ମୁଦ୍ରାର ମାନ୍ୟତା ଲାଭ କରିବ।

ସତ କହିବାକୁ ଗଲେ ଆର୍ଥିକ ବିକାଶରେ ଧାରାବାହିକ ସଂସ୍କାର ପ୍ରତି ଦୃଷ୍ଟି ଦେବା ଜରୁରୀ ହୋଇଥାଏ। ଅର୍ଥନୀତିରେ କୌଣସି ନୀତି ସ୍ଥାୟୀ ନୁହେଁ। ସମୟର ଆବଶ୍ୟକତା ଅନୁଯାୟୀ ସେଥିରେ ପରିବର୍ତ୍ତନ ଦରକାର। ମନେକରାଯାଉ ଗତ ଏପ୍ରିଲ ୨୦୨୩ରେ ଜିଏସ୍‌ଟି ସଂଗ୍ରହ ୧ଲକ୍ଷ ୮୭ହଜାର କୋଟି ଥିଲା। କିନ୍ତୁ ସେହି ସମୟରେ ୧୨୫୦୦ ଜାଲି କମ୍ପାନୀ ଦ୍ୱାରା ୨୫୦୦୦କୋଟି ଟିକସ ଫେରସ୍ତ ଦାବିକୁ ମଧ୍ୟ ସରକାର ଏବେ ଧରିଛନ୍ତି। ବ୍ୟବସ୍ଥାର ଦୁର୍ବଳତା ଦେଖି ନିୟମରେ ପରିବର୍ତ୍ତନ କରିବା ସହ ଏବେ ବାଇଓମେଟ୍ରିକ ପଦ୍ଧତିକୁ କମ୍ପାନୀ ରେଜିଷ୍ଟ୍ରେସନରେ ବାଧ୍ୟତାମୂଳକ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେଣ୍ଟ୍ରାଲ ବୋର୍ଡ ଅଫ୍ ଇଣ୍ଡାଇରେକ୍ଟ ଟାକ୍ସ ଏଣ୍ଡ କଷ୍ଟମ୍ସର (ସିବିଆଇସି) ଅଧ୍ୟକ୍ଷ ବିବେକ ଜୋହରୀ କହିଛନ୍ତି ଯେ, ପାନ୍ ଆଧାର ଚିହ୍ନଟକରଣ ପ୍ରକ୍ରିୟାକୁ କମ୍ପାନୀ ରେଜିଷ୍ଟ୍ରେସନ ସମୟରେ କଠୋର କରାଯିବ। ଯାହାଫଳରେ ଜାଲିଆତି କରୁଥିବା କମ୍ପାନୀଙ୍କୁ ଧରିବାକୁ ସହଜ ହେବ। ଯେମିତି ପେଶାଦାର ଋଣଠକ ବ୍ୟାଙ୍କରୁ ଋଣ ନେଇ ସୁଝିନଥାନ୍ତି। ଗୋଟିକ ପରେ ଗୋଟିଏ ବ୍ୟାଙ୍କକୁ ଚୁନ ଲଗାଇ ବୁଲୁଥାନ୍ତି। ସେଭଳି ବ୍ୟକ୍ତି ଏବଂ ସଂସ୍ଥାଠାରୁ ୬୦ଲକ୍ଷ ୬୦ହଜାର କୋଟିର ଖରାପ ଋଣକୁ ସରକାର ଆଦାୟ କରିବାକୁ ଏବେ ସକ୍ଷମ ହୋଇଛନ୍ତି। ଅନେକଗୁଡିଏ ବ୍ୟାଙ୍କ ଅନାବଶ୍ୟକ ସଂଖ୍ୟାରେ ଶାଖା ଖୋଲି କାର୍ଯ୍ୟ କରିବା ଦ୍ୱାରା ବ୍ୟାଙ୍କଗୁଡିକ କ୍ଷତିରେ ଚାଲୁଥିଲେ। ସରକାର ସେଥିପାଇଁ ବ୍ୟାଙ୍କଗୁଡିକର ମିଶ୍ରଣ କରିବାକୁ ପଦକ୍ଷେପ ନେବାଦ୍ୱାରା ଦେଶର ବ୍ୟାଙ୍କିଙ୍ଗ ବ୍ୟବସ୍ଥା ମଜଭୁତ ହେଲା। ମିଳିତ ବ୍ୟାଙ୍କଗୁଡିକର ନିଜସ୍ୱ ପୁଞ୍ଜି ଅଧିକ ହେଲା। ଅନାବଶ୍ୟକ ଶାଖା ଓ କର୍ମଚାରୀଙ୍କ ସଂଖ୍ୟା ହ୍ରାସ କରିବା, ଅନ୍‌ଲାଇନ୍ ଦେଣନେଣକୁ ପ୍ରୋତ୍ସାହନ ଦିଆଯିବା ପରେ ଏଟିଏମ୍‌ରେ ଭିଡ ହ୍ରାସ ପାଇବା ପରିଲକ୍ଷିତ ହୋଇଛି। ସେପ୍ଟେମ୍ବର ୨୦୨୨ ବେଳକୁ ଦେଶର ବାଣିଜ୍ୟିକ ବ୍ୟାଙ୍କଗୁଡିକର ମୋଟ ଅନାଦେୟ ଋଣ ପରିମାଣ ଗତ ସାତବର୍ଷରେ ସବୁଠୁ କମ୍ ପାଞ୍ଚ ପ୍ରତିଶତକୁ ହ୍ରାସ ପାଇଥିଲା।

ପ୍ରଶାସନିକ ପରିଚାଳନାରେ ଅଦରକାରୀ ହୋଇପଡିଥିବା ପ୍ରାୟ ୧୫୦୦ ପୁରୁଣା ଆଇନକୁ ଇତି ମଧ୍ୟରେ ହଟାଯାଇଛି। ବ୍ୟବସାୟକୁ ସହଜ କରିବା ପାଇଁ ୩୯୫୫୬ ଅଯଥା ଅଭିଯୋଗକୁ ଦୂର କରାଯାଇଛି। ଅଞ୍ଜେଲ ଟିକସକୁ ରଦ୍ଦ କରାଯାଇଛି। କର୍ପୋରେଟ ଟିକସ ଛାଡକୁ ୧୫ରୁ ୨୫ ପ୍ରତିଶତକୁ (ନୂଆ କମ୍ପାନୀ ପାଇଁ) ବୃଦ୍ଧି କରାଯାଇଛି। କମ୍ପାନୀମାନଙ୍କ ସେବା ପାଇଁ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାକୁ ଚାଲୁ କରାଯାଇଛି। ବ୍ୟବସାୟ ଆରମ୍ଭ କରିବାକୁ ପୂର୍ବରୁ ଦରକାର ହେଉଥିବା ୧୪ଟି ସ୍ୱୀକୃତିକୁ ୩କୁ ଖସାଇ ଦିଆଯାଇଛି। ୨୦୧୪ରେ ବ୍ୟବସାୟ ସୁବିଧା ସ୍ଥିତିକୁ ନେଇ ଭାରତର ସ୍ଥାନ ପୃଥିବୀରେ ୧୪୨ ଥିଲାବେଳେ ୨୦୧୯କୁ ୬୩ରେ ପହଞ୍ଚିଥିଲା। ଗୋଟିଏ ବର୍ଷରେ ୧.୬୭ଲକ୍ଷ ନୂଆ କମ୍ପାନୀ ପଞ୍ଜିକୃତ ହେବା ବର୍ତ୍ତମାନ ପାଇଁ ସର୍ବାଧିକ ବୋଲି କୁହାଯାଉଛି। ଶ୍ରମିକ କଲ୍ୟାଣ ପାଇଁ ୪ଟି ନୂଆ ଶ୍ରମ ଆଇନକୁ ଲାଗୁ କରାଯାଇଛି। ୨୦୨୨-୨୩ରେ ବସ୍ତୁ ରପ୍ତାନୀ ୪୪୮ ବିଲିଅନ ଡଲାର ହୋଇଛି। ୨୦୧୪ପରଠାରୁ ଦେଶରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ୩୦୦ଗୁଣ ବୃଦ୍ଧିପାଇଛି। ଆମେରିକା ଓ ଚୀନ ପରେ ଭାରତ ତୃତୀୟ ଷ୍ଟାର୍ଟଅପ୍ ବ୍ୟବସ୍ଥା ହୋଇଛି। ୨୦୧୫-୧୬ରେ ଭାରତର ୬୩୨୬ ପ୍ୟାଟେଣ୍ଟ ଥିଲା ବେଳେ ୨୦୨୨-୨୩କୁ ତାହା ୩୪୧୫୩କୁ ବୃଦ୍ଧିପାଇଛି। ୨୦୧୪ରେ ଭାରତରେ ୟୁନିକର୍ଣ୍ଣ ସଂଖ୍ୟା ୪ ଥିଲାବେଳେ ୨୦୨୩ ବେଳକୁ ତାହା ୧୦୦ଅତିକ୍ରମ କରିଛି। ଏହିସବୁ ସଫଳତା ଯୋଗୁ ଭାରତରେ ଜାନୁଆରୀ ୨୦୨୦ରେ ଯେଉଁ ବେରୋଜଗାରୀଙ୍କ ସଂଖ୍ୟା ୭.୨ ପ୍ରତିଶତ ରହିଥିଲା ତାହା ଜାନୁଆରୀ ୨୦୨୩କୁ ୬.୫ ପ୍ରତିଶତକୁ ହ୍ରାସ ପାଇଛି। ଏମ୍‌ଏସ୍‌ଏମ୍‌ଇଗୁଡିକୁ ପ୍ରଦତ୍ତ ୧.୮ଲକ୍ଷ କୋଟିର ସହାୟତା ୧.୫ କୋଟି ଚାକିରୀକୁ ସୁରକ୍ଷିତ ରଖିଛି, ୬ କୋଟି ଲୋକଙ୍କ ଜୀବିକାକୁ ବଞ୍ଚାଇଛି।

ଦେଶର ଢାଞ୍ଚାଗତ ବିକାଶ ଅର୍ଥନୀତିକୁ ଦ୍ରୁତତର କରିଛି। ୨୦୨୧-୨୩ରେ ଆଇପିଓ ମାଧ୍ୟମରେ ୧୬୦୦୦୦ ସମ୍ବଳ ସଂଗ୍ରହ କରାଯାଇଛି। ୨୦୧୪ରେ ଦେଶରେ ୯୧୨୮୭କିମି ଜାତୀୟ ରାଜପଥ ଥିଲା ଯାହା ୨୦୨୨-୨୩ବେଳକୁ ୧୪୫୧୫୫କିମି ହୋଇଛି। ଆତ୍ମନିର୍ଭର ଭାରତ ପ୍ୟାକେଜରେ କୋରୋନା କାଳରେ ୨୭.୧ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ପିଏଲ୍‌ଆଇ ସ୍କିମ୍‌ରେ ୬୦ଲକ୍ଷ ଅଧିକ ରୋଜଗାର ଆଗାମୀ ୫ ବର୍ଷରେ ସୃଷ୍ଟି ହେବାକୁ ଯାଉଛି। ଦେଶରେ ପରିବହନର ବିକାଶ ପାଇଁ ୪୦୦ ବନ୍ଦେ ଭାରତ ଟ୍ରେନ ଚଳାଚଳ ପାଇଁ ଲକ୍ଷ୍ୟ ରଖାଯାଇଛି। ୨୦୧୪ରେ ୨୪୮କି.ମି ମେଟ୍ରୋ ଧାରଣାକୁ ୨୦୨୩ବେଳକୁ ୮୬୦ କିମିକୁ ବୃଦ୍ଧି କରାଯାଇଛି। ଦେଶର ୯୯ ପ୍ରତିଶତ ଗ୍ରାମକୁ ସଡକ ସଂଯୋଗ କରାଯାଇଛି। ୨୦୧୪ ତୁଳନାରେ ୨୦୨୩ରେ ସଡକ ପରିବହନ ବଜେଟ ୫୦୦ ପ୍ରତିଶତ ବୃଦ୍ଧି କରାଯାଇଛି। ୪୦ବର୍ଷ ଧରି ପଡିରହିଥିବା ଉତ୍ତରପ୍ରଦେଶର .ସରଯୁ ନହର ଜଳସେଚନ କେନାଲକୁ ଚାଲୁ କରାଯାଇଛି। ୨୦ବର୍ଷ ଧରି ଚାଲିଥିବା କୋଶୀ ସେତୁର ନିର୍ମାଣକୁ ଶେଷ କରାଯାଇଛି। ୫୦ବର୍ଷ ଧରି ଗଢୁଥିବା କେରଳର କୋଲ୍ଲମ ବାଇପାସ୍ ପ୍ରକଳ୍ପକୁ ଶେଷ କରାଯାଇଛି। ୨୦ବର୍ଷ ଧରି ପଡିରହିଥିବା ବୋଗିବିଲ ରେଳ- ସଡକ ସେତୁକୁ ଖୋଲାଯାଇଛି। ୨୦୦୦ରୁ ପଡିରହିଥିବା ଅଟଳ ଟନେଲକୁ ଚାଲୁ କରାଯାଇଛି। ୨୦୦୬ରୁ ପଡିରହିଥିବା ଦିଲ୍ଲୀର ପୂର୍ବ-ପଶ୍ଚିମ ଏକ୍ସପ୍ରେସ ସଡକକୁ ଶେଷ କରାଯାଇଛି। ୨୦୧୪ରେ ଦେଶରେ ୭୪ଟି ବିମାନବନ୍ଦର ଥିଲା ଯାହା ୨୦୨୩ବେଳକୁ ୧୪୮ରେ ପହଞ୍ଚିଛି। ଚେନାବ ନଦୀ ଉପରେ ପ୍ୟାରିସର ଇଫେଲ ଟାୱାରଠାରୁ ଉଚ୍ଚ ରେଳସେତୁର ନିର୍ମାଣ ହୋଇଛି। ଦେଶରେ ଥିବା ୧୨୧କୋଟି ମୋବାଇଲ ଗ୍ରାହକଙ୍କ ମଧ୍ୟରୁ ୭୯କୋଟି ସ୍ମାର୍ଟଫୋନ ବ୍ୟବହାରକାରୀ ହୋଇଛନ୍ତି। ଜିବି ଡାଟାର ମୂଲ୍ୟ ୯.୯୪ ଟଙ୍କାକୁ ହ୍ରାସ କରାଯାଇଛି। ଦେଶର ୧.୯୮ଲକ୍ଷ ଗ୍ରାମ ପଞ୍ଚାୟତକୁ ଓପ୍‌ଟିକ୍ ଫାଇବର ସହ ସଂଯୋଗ କରାଯାଇଛି। ଜନସେବା କେନ୍ଦ୍ର ୫୪୭୦୦୦ ଖୋଲାଯାଇଛି। ଭାରତ ନେଟ୍‌ରେ ୬.୨୦ଲକ୍ଷ କିମି ଅପ୍‌ଟିକାଲ ଫାଇବର ବିଛାଯାଇଛି।

ବିଦେଶରେ ଭାରତୀୟ କଫ୍ ସିରପ୍ ଯୋଗୁ ମୃତ୍ୟୁ ହେଉଥିବା ଅଭିଯୋଗ ଗତ କିଛି ମାସ ହେବ ଆମେ ବ୍ଲୁମ୍‌ବର୍ଗଠାରୁ ଶୁଣି ଆସିଛୁ। ଏହି ଅଭିଯୋଗ ସତ୍ତ୍ୱେ ଭାରତ ୨୭ ବିଲିଅନ ଡଲାର ମୂଲ୍ୟର ଔଷଧ ବିଦେଶକୁ ରପ୍ତାନୀ କରିବାକୁ ସକ୍ଷମ ହୋଇଛି। ଆମେରିକାର ଔଷଧ ବଜାରରେ ଭାରତୀୟ ଔଷଧର ଚାହିଦା ଖୁବ୍ ଅଧିକ ବୃଦ୍ଧି ପାଇଛି। ଗତବର୍ଷ ୩.୨୫ ପ୍ରତିଶତ ଔଷଧ ରପ୍ତାନୀ ବୃଦ୍ଧି ପାଇଁ ୨୫.୪ ବିଲିଅନରେ ପହଞ୍ଚିଥିଲା ଯାହା ୬.୩ ପ୍ରତିଶତ ବୃଦ୍ଧି ପାଇଁ ଚଳିତବର୍ଷ ୨୭ ବିଲିଅନକୁ ଛୁଇଁଛି। ଭାରତର ଔଷଧ ରପ୍ତାନୀର ୩୦ ପ୍ରତିଶତ କେବଳ ଆମେରିକା ଗ୍ରହଣ କରିଥାଏ। ବିଦେଶରେ ହେଉଥିବା ଅଭିଯୋଗର ସମାଧାନ ପାଇଁ ଫାର୍ମେକ୍ସିଲର ପ୍ରତିନିଧି ଗାମ୍ବିଆ, ଉଜ୍‌ବେକିସ୍ଥାନ, ନାଇଜେରିଆ, ଇଜିପ୍ଟ, ରୁଷିଆକୁ ଗସ୍ତ କରି ଭାରତୀୟ ଔଷଧର ଗୁଣବ। ସଂପର୍କରେ ଆଲୋଚନା କରିଛନ୍ତି। କେବଳ ଗାମ୍ବିଆକୁ ଛାଡିଦେଲେ ଆମେରିକା ସମେତ ବ୍ରିଟେନ, ଦକ୍ଷିଣ ଆଫ୍ରିକା, ବ୍ରାଜିଲ ଆଦି ରାଷ୍ଟ୍ର କେବେ ପୁନର୍ବାର ପରୀକ୍ଷା ପାଇଁ କହିନାହାନ୍ତି। ଅଳ୍ପ ମୂଲ୍ୟରେ ଗୁଣାତ୍ମକ ଔଷଧ ଯୋଗାଣ କରି ଗତ ୨୦ବର୍ଷ ହେବ ଭାରତ ପୃଥିବୀରେ ଔଷଧ ରପ୍ତାନୀକାରୀ ରାଷ୍ଟ୍ର ମଧ୍ୟରେ ଆଗୁଆ ରହିଆସିଛି। କିନ୍ତୁ ପୃଥିବୀରେ ଭାରତର ଔଷଧକୁ ବଦନାମ କରିବାକୁ ଆମେରିକାର ବ୍ଲୁମ୍‌ବର୍ଗପରି ସଂସ୍ଥା ସେମାନଙ୍କ ଷଡଯନ୍ତ୍ର ଜାରି ରଖିଛନ୍ତି। କାରଣ ଏ କ୍ଷେତ୍ରରେ ଭାରତର ପ୍ରତିଷ୍ଠା ସେମାନଙ୍କ ପାଇଁ ଗାତ୍ରଦାହର କାରଣ ହୋଇଛି। କୃଷି କ୍ଷେତ୍ରରେ ଭାରତ ବ୍ୟବହୃତ ରସାୟନ ଉତ୍ପାଦନ ଓ ରପ୍ତାନୀ କ୍ଷେତ୍ରରେ ଏବେ ଦ୍ୱିତୀୟ ରାଷ୍ଟ୍ରର ମାନ୍ୟତା ଲାଭ କରିଛି। ୨୦୨୨ରେ ୫.୫ ବିଲିଅନ ଡଲାର ମୂଲ୍ୟର ରସାୟନ ଭାରତ ବିଦେଶକୁ ରପ୍ତାନୀ କରିଛି। ଆମେରିକା ୫.୪ ବିଲିଅନ ଡଲାର ମୂଲ୍ୟର ରପ୍ତାନୀ କରି ତୃତୀୟ ସ୍ଥାନରେ ରହିଛି। ଫ୍ରାନ୍ସ ୪.୪ ବିଲିଅନ ଡଲାର ଏବଂ ଜର୍ମାନୀ ୩.୧୯ ବିଲିଅନ ଡଲାର ମୂଲ୍ୟର ରସାୟନ ବିକ୍ରୀ କରିଛନ୍ତି। ବିଗତ ୧୦୦ ବର୍ଷ ଧରି ଆମେରିକା, ବ୍ରିଟେନ ଓ ଫ୍ରାନ୍ସ ଏ କ୍ଷେତ୍ରରେ ଆଗୁଆ ରହିଆସିଥିଲେ ମଧ୍ୟ ଭାରତ ଏବେ ରସାୟନ ଉତ୍ପାଦନରେ ନିଜକୁ ସକ୍ଷମ କରିଛି। ଚୀନ ୧୧.୧ ବିଲିଅନ ରପ୍ତାନୀ ସହ ପ୍ରଥମ ସ୍ଥାନରେ ରହିଛି।

ଭାରତର ଅର୍ଥନୀତି ଯେ ଆଜି ଭଲ ବାଟରେ ଚାଲିଛ ତାହା ଉପରୋକ୍ତ ଆଲୋଚନାକୁ ଦୃଷ୍ଟିରେ ରଖି କହିହେବ। ବିବିଧ କ୍ଷେତ୍ରରେ ଭାରତର ବିକାଶ ଯେପରି ଜାରି ରହିଛି ତାହା ଏହିପରି ଚାଲୁରହିଲେ ୨୦୨୭ ପୂର୍ବରୁ ଭାରତ ୩ୟ ବୃହତ୍ ଅର୍ଥନୀତିରେ ପରିଣତ ହେବାକୁ ସକ୍ଷମ ହେବ। ୨୦୭୫ ସୁଦ୍ଧା ଭାରତର ଅର୍ଥନୀତି ଆମେରିକାର ଅର୍ଥନୀତିକୁ ଅତିକ୍ରମ କରିଯିବ ବୋଲି ଏବେଠାରୁ ମତପ୍ରକାଶ ପାଇଲାଣି। ତେବେ ଆଗାମୀ ଦିନରେ ରାଜନୈତିକ ସ୍ଥିରତା ଏଥିପାଇଁ ଆବଶ୍ୟକ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ତ୍ରିରଙ୍ଗା ପତାକା: ଜାତୀୟ ଏକତା ଓ ଐତିହ୍ୟର ପ୍ରତୀକ



ଶ୍ରୀବତ୍ସ ନାୟକ

ପ୍ରତ୍ୟେକ ରାଷ୍ଟ୍ରର ପ୍ରତିନିଧିତ୍ୱ କରିବାକୁ ଏକ ପତାକା ଅଛି। ସେହିପରି ପୃଥିବୀର ବୃହତ୍ତମ ସର୍ବଧର୍ମ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତର ଜାତୀୟ ପତାକା, 'ତ୍ରିରଙ୍ଗା ପତାକା' ଯାହା ଭାରତକୁ ପ୍ରତିନିଧିତ୍ୱ କରେ। ଏହା ଆମକୁ ସ୍ୱାଧୀନତା, ସ୍ୱାବଲମ୍ବନ, ସମାନତା, ସ୍ୱାଧୀନତା, ସାର୍ବଭୌମତ୍ୱ, ସମ୍ମାନ, ସ୍ୱଦେଶୀର ସନ୍ଦେଶ ଦେଇଆସିଛି। ଏହି ପତାକା କେବଳ ସାଧାରଣ କପଡ଼ା ନିର୍ମିତ ନୁହେଁ। ଏହା ହେଉଛି ଏକ ଜାତିର ପ୍ରତୀକ ଯାହା ସ୍ୱାଧୀନତା ଏବଂ ସାର୍ବଭମତ୍ୱ ପାଇଁ ଛିଡା ହୋଇଛି। ଆମର ପତାକା, 'ତିରଙ୍ଗା' କେବଳ ଆମର ଗର୍ବ କିମ୍ବା ରାଜନୈତିକ ଚିନ୍ତାଧାରାର ପ୍ରତିନିଧିତ୍ୱ ନୁହେଁ ବରଂ ସମ୍ପୂର୍ଣ୍ଣ ଭାରତକୁ ପ୍ରତିନିଧିତ୍ୱ କରୁଥିବା ଏକ ସଂକେତ। ସେ ଧର୍ମ ନିରପେକ୍ଷତାରେ ବାର୍ତ୍ତା ବହ। ଆମ ରାଷ୍ଟ୍ରର ଆତ୍ମା। ଆମ ଜାତୀୟ ଗରିମାର ଗାଥା। ଭାରତର ଅସ୍ମିତା, ଅଭିମାନ ଓ ସ୍ୱାଭିମାନ। ଏକ ମୁକ୍ତ ରାଷ୍ଟ୍ର ଭାବରେ ଆମର ଏକତା, ଐତିହ୍ୟ ଏବଂ ଆକାଂକ୍ଷାର ପ୍ରତୀକ ଅଟେ। ଆମ ତ୍ରିରଙ୍ଗା ପାଇଁ ଏହିଭଳି ଯେତେ କହିଲେ ମଧ୍ୟ କମ୍ ପଡ଼ିଯିବ। ପତାକା ହେଉଛି ଏକ ଜାତିର ଇତିହାସ। ଆମର ଜାତୀୟ ପତାକାର ଏକ ଦୀର୍ଘ ଐତିହାସିକ ଯାତ୍ରା ଥିଲା ଯାହା ମାଧ୍ୟମରେ ଏହା ବର୍ତ୍ତମାନର ରୂପରେ ପରିଣତ ହୋଇଛି।

ଭାରତର ସ୍ୱାଧୀନତା ସଂଗ୍ରାମର ପ୍ରାରମ୍ଭିକ ପର୍ଯ୍ୟାୟରେ, ଭାରତୀୟଙ୍କ ପ୍ରତିନିଧିତ୍ୱ କରିବାକୁ କୌଣସି ପତାକା ନଥିଲା। ପତାକାର ଧାରଣା ପ୍ରଥମେ ବଙ୍ଗଳା ବିଭାଜନ ସମୟରେ ଉଭା ହୋଇଥିଲା। ବିଭାଜନ ଏବଂ ନିୟମର ବ୍ରିଟିଶ ରାଜନୈତିକ ତତ୍ତ୍ୱକୁ କାର୍ଯ୍ୟକାରୀ କରିବା ପାଇଁ ୧୯ ଜୁଲାଇ ୧୯୦୫ ରେ ବଙ୍ଗଳା ବିଭାଜନ ଘୋଷିତ ହୋଇଥିଲା। ଭାରତୀୟ ଜାତୀୟ ଆକାଂକ୍ଷାକୁ ଦୁର୍ବଳ କରିବା ପାଇଁ ବଙ୍ଗୀୟମାନେ ଏହି ସାମ୍ପ୍ରଦାୟିକ ଷଡଯନ୍ତ୍ରକୁ ତୀବ୍ର ବିରୋଧ କରିଥିଲେ। ସମଗ୍ର ଦେଶରେ ଭାରତୀୟ ନେତା ତଥା ଜାତୀୟତାବାଦୀମାନେ ମଧ୍ୟ ବଙ୍ଗଳା କାରଣକୁ ସମର୍ଥନ କରିଥିଲେ ଏବଂ ଖୁବ୍ ଶୀଘ୍ର ଏହି ବିରୋଧ ଏକ ମୂଳ ରୂପ ନେଇଥିଲା। ଏହି ପ୍ରତିବାଦ ମଧ୍ୟରେ ରିପନ୍ କଲେଜର ସଚ୍ଚିନ୍ଦ୍ର ପ୍ରସାଦ ବୋଷ ନାମକ ଜଣେ ଯୁବ ଛାତ୍ର, ହେମଚନ୍ଦ୍ର ଦାସ କାନୁନଗୋ ନାମକ ଅନ୍ୟ ଏକ ବଙ୍ଗୀୟଙ୍କ ସହିତ ମିଳିତ ହୋଇ ସମାନ ଓସାରର ତିନିଟି ଭୂସମାନ୍ତର ବ୍ୟାଣ୍ଡ ସହିତ କମଳା, ହଳଦିଆ ଏବଂ ସବୁଜ ରଙ୍ଗର ପତାକା ପ୍ରସ୍ତୁତ କରିଥିଲେ ଏବଂ ସେଥିରେ ଦେବନଗରୀ ଭାଷାରେ ବଙ୍କିମ ଚନ୍ଦ୍ରଙ୍କ ବନ୍ଦେ ମାତରଂ ଲେଖିଥିଲେ। କଲିକତା ପତାକା ନାମରେ ଜଣାଶୁଣା ଏହି ପତାକା ପ୍ରଥମଥର ପାଇଁ ଭାରତୀୟ ମାନଙ୍କୁ ପତାକା ତଳେ ଏକତ୍ର କରିଥିଲା ଏବଂ ପରବର୍ତ୍ତୀ ସମୟରେ ଅର୍ଥାତ ୧୯୧୧ ମସିହାରେ ବଙ୍ଗଳା ପୁନର୍ବାର ମିଳିତ ହୋଇ ବିଭାଜନକୁ ଓଲଟାଇଲା ଫଳରେ ଧୀରେ ଧୀରେ କଲିକତା ପତାକା ସର୍ବସାଧାରଣ ସ୍ମୃତିରୁ ଲିଭାଗଲା। ଭାରତ ରାଷ୍ଟ୍ରକୁ ନିଜର ପତାକା ଯୋଗାଇବା ପାଇଁ ଦ୍ୱିତୀୟ ପ୍ରୟାସ ୧୯୦୭ ମସିହାରେ ଜର୍ମାନୀରେ କରାଯାଇଥିଲା। ହେମଚନ୍ଦ୍ର ଦାସ କାନୁନଗୋ ନିର୍ବାସିତ ଋଷ ବିପ୍ଳବୀଙ୍କଠାରୁ ବୋମା ସଂଗ୍ରହ କରିବାର କୌଶଳ ଶିଖିବାକୁ ପ୍ୟାରିସ ଯାଇଥିଲେ। ସେଠାରେ ରହିବା ସମୟରେ ସେ ଜର୍ମାନୀରେ ଦ୍ୱିତୀୟ ସମାଜବାଦୀ କଂଗ୍ରେସରେ ଯୋଗଦେବାକୁ ଯାଉଥିବା ମ୍ୟାଡାମ ଭିକାଜୀ କାମାଙ୍କୁ ଭେଟିଥିଲେ। ମ୍ୟାଡାମ୍ କାମା ଏବଂ ହେମଚନ୍ଦ୍ର ଦାସ ମିଳିତ ଭାବରେ କଲିକତା ପତାକା ସଂଶୋଧନ କରିଥିଲେ ଏବଂ ସମାନ ପ୍ରସ୍ଥର ତିନୋଟି ଭୂସମାନ୍ତର ବ୍ୟାଣ୍ଡ ସହିତ ସବୁଜ, ହଳଦିଆ ଏବଂ ନାଲି ରଙ୍ଗର ଏକ ନୂତନ ପତାକା ଡିଜାଇନ୍ କରିଥିଲେ। ରଙ୍ଗଗୁଡ଼ିକ ଯଥାକ୍ରମେ ଇସଲାମ, ହିନ୍ଦୁ ଧର୍ମ ଏବଂ ବୌଦ୍ଧ ଧର୍ମକୁ ପ୍ରତିପାଦିତ କରେ। ପତାକାରେ ଥିବା ଆଠଟି ପଦ୍ମ ବ୍ରିଟିଶ ଭାରତର ଆଠଟି ପ୍ରଦେଶକୁ ପ୍ରତିନିଧିତ୍ୱ କରୁଥିଲା। ଅଗଷ୍ଟ ୨୨,୧୯୦୭ ମସିହାରେ ବ୍ରିଟିଶମାନେ ଭାରତରେ ଦୁର୍ଭିକ୍ଷର ଅବ୍ୟବସ୍ଥାକୁ ବର୍ଣ୍ଣନା କରିଥିଲେ ଏବଂ ବ୍ରିଟିଶ ନିୟମରୁ ମାନବିକ ଅଧିକାର, ସମାନତା ଏବଂ ସ୍ୱାଧୀନତା ପାଇଁ ଆବେଦନ କରିଥିଲେ। ସେହି ସ୍ଥାନରେ ମ୍ୟାଡାମ କାମା ମଧ୍ୟ ଭାରତୀୟଙ୍କ ପାଇଁ ପତାକା ଉତ୍ତୋଳନ କରି ତାକୁ ଭାରତର ସ୍ୱାଧୀନତା ପତାକା ର ଆଖ୍ୟା ଦେଇଥିଲେ। ୧୯୧୭ ମସିହାରେ ଗୃହ ନିୟମ ଆନ୍ଦୋଳନ ଶିଖରରେ ଥିଲା। ଏହି ଆନ୍ଦୋଳନର ନେତା ବାଲ ଗଙ୍ଗାଧର ତିଲକ ଏବଂ ଆନି ବେସାନ୍ତଙ୍କୁ ବ୍ରିଟିଶମାନେ ଗିରଫ କରିଥିଲେ। ଆନି ବେସାନ୍ତଙ୍କୁ ଓଟିର ବିର୍ଲା ହାଉସରେ ତିନି ମାସରୁ ଅଧିକ ସମୟ ଧରି ଗିରଫ କରାଯାଇଥିଲା। ଗୃହ ଗିରଫ ସମୟରେ ବେସାନ୍ତ ଏକ ଜାତୀୟ ପତାକା ପରିକଳ୍ପନା କରି ଏହାକୁ ବିର୍ଲା ହାଉସ୍ ପରିସରରେ ଉତ୍ତୋଳନ କରିଥିଲେ କିନ୍ତୁ ଅନିବେସାନ୍ତଙ୍କ ପତାକାରେ ଜ୍ୟାକ୍‌ର ପ୍ରତିଛବି ଥିବାରୁ ପରବର୍ତ୍ତୀ ସମୟରେ ଭାରତୀୟ ମାନେ ଏହି ପତାକାକୁ ଗ୍ରହଣ କରିନଥିଲେ। ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଦକ୍ଷିଣ ଆଫ୍ରିକାରେ ରହିବା ସମୟରେ ପିଙ୍ଗାଲୀ ଭେଙ୍କୟା ନାମକ ଭାରତୀୟ ଯୁବକ ପ୍ରଥମେ ଭାରତୀୟଙ୍କ ପାଇଁ ଜାତୀୟ ପତାକାର ଆବଶ୍ୟକତା ଅନୁଭବ କରିଥିଲେ। ସେଠୁ ଫେରିବା ପରେ ସେ କୋଲକାତାରେ କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିଲେ ଏବଂ କଂଗ୍ରେସ ଅଧିବେଶନରେ ବ୍ରିଟିଶ ଜାତୀୟ ପତାକା ଉତ୍ତୋଳନ କରିବାର ଧାରଣାକୁ ବିରୋଧ କରି ପରବର୍ତ୍ତୀ ସମୟରେ ପିଙ୍ଗାଲି ଏକ ଭାରତୀୟ ଜାତୀୟ ପତାକା ଉପରେ କାମ କରିବା ଆରମ୍ଭ କରିଥିଲେ। ଭାରତୀୟ ସଂସ୍କୃତି, ଐତିହ୍ୟ ଏବଂ ଇତିହାସ କୁ ଆଧାର କରି ପ୍ରାୟ ୨୫ ଟି ବିଭିନ୍ନ ଡ୍ରାଫ୍ଟ ପତାକା ଡିଜାଇନ୍ କରିଥିଲେ। ୧୯୨୧ ମସିହାରେ ବିଜୟୱାଡା ଠାରେ ଏ.ଆଇ.ସି.ସି ଅଧିବେଶନରେ ଯୋଗ ଦେଇ ମହାତ୍ମା ଗାନ୍ଧୀଙ୍କୁ

ଭାରତୀୟ ପତାକାର ଡ୍ରାଫ୍ଟ ଗୁଡ଼ିକ ଦେଖାଇଥିଲେ। ସବୁଜ ଏବଂ ନାଲି ରଙ୍ଗ ଦେଶରେ ହିନ୍ଦୁ-ମୁସଲମାନ ଏକତାର ପ୍ରତିନିଧିତ୍ୱ କରିବ ବୋଲି ଅନୁଭବ କରି ପିଙ୍ଗୟା ତନ୍ମଧ୍ୟରୁ ସବୁଜ ଓ ନାଲି ବ୍ୟାଣ୍ଡ ସହିତ ଚରଖା ଥିବା ପତାକାଟିକୁ ଗ୍ରହଣ କରିବାକୁ ମହାତ୍ମା ଗାନ୍ଧୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ମହାତ୍ମା ଗାନ୍ଧୀ ଦେଶର ଅନ୍ୟ ଧର୍ମ ଏବଂ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରିବାକୁ ମନେ କରି ସବୁଜ ଓ ନାଲି ସହ ଧଳା ବ୍ୟାଣ୍ଡ ଯୋଡିବାକୁ ପରାମର୍ଶ ଦେଇଥିଲେ। ଏହି ପତାକା ଭାରତୀୟ ସ୍ୱାଧୀନତା ସଂଗ୍ରାମ ଯଥା ଲବଣ ସତ୍ୟାଗ୍ରହ, ଲାହୋର କଂଗ୍ରେସ ଅଧିବେଶନ, ଭାରତ ଛାଡ଼ ଆନ୍ଦୋଳନରେ ଭାରତର ପ୍ରତୀକ ସ୍ୱରୂପ ବ୍ୟବହୃତ ହୋଇଥିଲା। ୧୯୩୧ର କଂଗ୍ରେସ ଅଧିବେଶନରେ ଗଠିତ ହୋଇଥିବା କମିଟିର ସୁପାରିଶ କ୍ରମେ ପତାକାର ସାମାନ୍ୟତମ ପରିବର୍ତ୍ତନ ଘଟି ଏହାର ରଙ୍ଗ କେଶରୀ, ଧଳା ଓ ସବୁଜ ହୋଇଥିଲା। ତେବେ ଏହି ପତାକାଟି କଂଗ୍ରେସ ଦଳର ସରକାରୀ ପତାକା ସଦୃଶ ହୋଇଥିବାରୁ, ଏକ ରାଜନୈତିକ ଦଳର ପତାକା କିପରି ଏକ ମୁକ୍ତ, ସାର୍ବଭୌମ ଦେଶର ପତାକା ହେବ ବୋଲି ସାଧାରଣରେ ଏକ ଧାରଣା ସୃଷ୍ଟି ହେଲା। ସେହି ସମୟରେ ସବୁଠାରୁ ଶକ୍ତିଶାଳୀ ରାଜନୈତିକ ବ୍ୟକ୍ତି ପଣ୍ଡିତ ନେହେରୁ ମଧ୍ୟ ବିରୋଧୀଙ୍କ ସହ ସହମତ ହୋଇଥିଲେ ଏବଂ ସେ ଯୁବ ଅମଲାତନ୍ତ୍ରଙ୍କୁ ସ୍ୱାଧୀନତା ସଂଗ୍ରାମୀ ବଦରୁଦ୍ଦିନ ତାୟାବଜୀଙ୍କୁ ଯଥାଶୀଘ୍ର ଏକ ନୂତନ ଜାତୀୟ ପତାକା ଖୋଜିବା ଦାୟିତ୍ୱ ଦେଇଥିଲେ।

ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦଙ୍କ ଅଧ୍ୟକ୍ଷତାରେ ଏକ ପତାକା କମିଟି ମଧ୍ୟ ଗଠନ କରାଯାଇଥିଲା। କମିଟି ସମସ୍ତ ପ୍ରତିଷ୍ଠିତ କଳା ବିଦ୍ୟାଳୟ, ଡିଜାଇନର୍ ଏବଂ କଳାକାରଙ୍କ ଠାରୁ ଡିଜାଇନ୍ ଆମନ୍ତ୍ରଣ କରିଥିଲା। ବହୁ ଲୋକ ସେମାନଙ୍କର ଡ୍ରାଫ୍ଟ ଡିଜାଇନ୍ ଦାଖଲ କରିଥିଲେ, କିନ୍ତୁ କମିଟି କୋଣସି ଦ୍ୱାରା ପ୍ରଭାବିତ ହୋଇନଥିଲା। ପରିଶେଷରେ, ପିଙ୍ଗାଲି ଭଙ୍କାୟା ଦ୍ୱାରା ଡିଜାଇନ୍ ହୋଇଥିବା ବିଦ୍ୟମାନ ପତାକାକୁ ସଂଶୋଧନ କରିବାକୁ କମିଟି ନିଷ୍ପତ୍ତି ନେଇଥିଲା।

ଯଦିଓ ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ସ୍ୱାଧୀନତା ପାଇଁ ବିଭିନ୍ନ ଜନ ଆନ୍ଦୋଳନରେ ମହାତ୍ମା ଗାନ୍ଧୀଙ୍କ ଚରଖ ଥିବା ପତାକା ବ୍ୟବହୃତ ହୋଇଥିଲା କିନ୍ତୁ ପତାକା ର ମଧ୍ୟଭାଗରେ ଅଶୋକ ଚକ୍ର କୁ ସ୍ଥାନିତ କରି ୧୯୪୭ ମସିହା ଜୁଲାଇ ମାସ ୨୨ ତାରିଖରେ ତ୍ରିରଙ୍ଗା ପତାକାକୁ ଜାତୀୟ ପତାକା ର ମାନ୍ୟତା ଦିଆ ଯାଇଥିଲା। ୧୯୪୭ ମସିହା ଅଗଷ୍ଟ ମାସ ୧୪ ତାରିଖର ଅର୍ଦ୍ଧ ରାତ୍ରରେ ଭାରତକୁ ଏକ ସ୍ୱାଧୀନ ଦେଶ ବୋଲି ଘୋଷଣା କରାଯାଇ ସମ୍ବିଧାନ ସଭାକୁ ପ୍ରଥମ ଜାତୀୟ ପତାକା ଉପହାର ଦିଆଗଲା। ଅଗଷ୍ଟ ୧୫ ତାରିଖ ସକାଳେ ଦେଖାଗଲା ମୁକ୍ତ ଭାରତର ସ୍ନିଗ୍ଧ ବାୟୁ ପରାଶରେ ଜାତୀୟ ପତାକା ଫରଫର ହୋଇ ଉଡୁଛି। ଜାତୀୟ ପତାକାର ଶୀର୍ଷ ଭାଗରେ ନାରଙ୍ଗୀ, ମଧ୍ୟ ଭାଗରେ ଧଳା, ନିମ୍ନ ଭାଗରେ ସବୁଜ ରଙ୍ଗ ଏବଂ ମଧ୍ୟଭାଗରେ ଅଶୋକଙ୍କ ସାରନାଥ ଠାରେ ଥିବା ଧର୍ମ ଚକ୍ରକୁ ଆମର ଜାତୀୟ ପତାକାରେ ସ୍ଥାନିତ କରାଯାଇଥିଲା। ପତାକାରେ ସ୍ଥାନିତ ହୋଇଥିବା ନାରଙ୍ଗୀ ରଙ୍ଗ ସାହସ, ତ୍ୟାଗ ବାସନାବର୍ଜନ ଓ ଆତ୍ମୋତ୍ସର୍ଗର ପ୍ରତୀକ। ଏହା ଦେଶ ବାସୀଙ୍କ ସାହସ ଓ ବୀରତ୍ୱର ଗାଥା ବଖାଣୁଛି। ଲଢୁଆ ଯବାନଙ୍କର ତ୍ୟାଗ ପୂର୍ଣ୍ଣ ଜୀବନ ଓ ଉଚ୍ଚକୋଟୀର ନୈତିକ ସାହସ ପାଇଁ ଆମକୁ ଆହ୍ୱାନ ଦେଉଛି। ଭାତୃତ୍ୱ, ସମୃଦ୍ଧି, ପ୍ରାଚୁର୍ଯ୍ୟ ଓ ମହାନତାର ଗୁଣ ବଖାଣୁଛି ପତାକାରେ ଥିବା ସବୁଜ ରଙ୍ଗ। ଶସ୍ୟ ସମ୍ଭାରର ଘନ ସବୁଜ। ପ୍ରକୃତିର ଉର୍ବର ମୃତ୍ତିକା ଓ ପ୍ରଚୁର ଜଳ ରାଶି ଆମକୁ ଆଶୀର୍ବାଦ ସ୍ୱରୂପ ମିଳିଛି। କଠିନ ପରିଶ୍ରମ ମାଧ୍ୟମରେ ପବିତ୍ର ଭାରତ ଭୂମିକୁ ସ୍ୱର୍ଣ୍ଣପ୍ରସୁ କରିବା ପାଇଁ ଆହ୍ୱାନ ଦେଉଛି। କାୟ, ମନ, ବାକ୍ୟରେ ସତ୍ୟ ଓ ପବିତ୍ରତା ଆଚରଣ କରିବା ହେଉଛି ଭାରତର ଆଦର୍ଶ ବୋଲି ପତାକାର ଧଳା ରଙ୍ଗ ସୁଚେଇଥାଏ। ଗତି ଓ ଗତିଶୀଳର ପ୍ରତୀକର ସ୍ୱରୂପ ହେଉଛି ଚକ୍ର। ନିତ୍ୟ ଘୂର୍ଣ୍ଣନ ସମୟ ଚକ୍ରରେ ଭାରତରେ ଦିନେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇ ଦେଶକୁ ସତ୍ୟ,ଧର୍ମ ଓ ନ୍ୟାୟର ଶାସନ ଦେଇଥିଲେ। ଏହା ନାଗରିକଙ୍କୁ ଦେଶଭକ୍ତିର ପ୍ରେରଣା ଦେଇଥାଏ। ଆଧ୍ୟାତ୍ମିକ ଦୃଷ୍ଟି କୋଣରୁ ଦେଖିଲେ ଅଶୋକ ଚକ୍ରରେ ଥିବା ୨୪ଟି ଅର ଦିନର ୨୪ ଘଣ୍ଟାକୁ ଦର୍ଶାଏ। ସମୟ ଭଳି ଅବିରତ ନିଜ ଦାୟିତ୍ୱ ସମ୍ପାଦନ କରିବା ପାଇଁ ଏହା ପ୍ରେରଣା ଦେଇଥାଏ। ଏହି ୨୪ଟି ଅର ମନୁଷ୍ୟର ୨୪ଟି ଗୁଣ ଏବଂ ସତ୍‌ମାର୍ଗରେ ଯିବା ପାଇଁ ଏହାକୁ ୨୪ଟି ମାର୍ଗ ସହିତ ମଧ୍ୟ ତୁଳନା କରାଯାଇଛି। ଅଶୋକ ଚକ୍ରର ମଧ୍ୟଭାଗରେ ଥିବା ୨୪ଟି ଅର ହେଉଛି ୨୪ଟି ଧର୍ମମାର୍ଗର ପ୍ରତୀକ। ସଂଯମତା, ଆରୋଗ୍ୟ, ଶାନ୍ତି, ତ୍ୟାଗ, ଶୀଳ, ସେବା, କ୍ଷମା, ପ୍ରେମ, ମୈତ୍ରୀ, ବନ୍ଧୁତ୍ୱ, ସଂଗଠନ, କଲ୍ୟାଣ, ସମୃଦ୍ଧି, ଉଦ୍‌ଯୋଗ, ସୁରକ୍ଷା, ନିୟମ, ସମତା, ଅର୍ଥନିଷ୍ଠ, ନୀତିନିଷ୍ଠ, ନ୍ୟାୟ, ସହଯୋଗ, କର୍ତ୍ତବ୍ୟ, ଅଧିକାର ଓ ବୁଦ୍ଧିମତାର ପ୍ରତୀକ ଭାବେ ଏହି ୨୪ଟି ଅରକୁ ବିବେଚନା କରାଯାଏ।

ଜାତୀୟ ପତାକା ତଳେ ରୁଣ୍ଡ ହୋଇ ଭାରତୀୟ ମାନେ ଦେଶ ଓ ଜାତି ପାଇଁ ଯଥାର୍ଥ କର୍ତ୍ତବ୍ୟ କରିବାର ବଜ୍ର ଶପଥ ନିଅନ୍ତି। ଏ ଦେଶର ବୀର ଯବାନ ମାନେ ଜାତୀୟ ସମରରେ ଆଗଭର ହୋଇ ଏହାର ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ପ୍ରାଣ ଘାତକ ଲଢେଇ କରିଥାନ୍ତି। ଅତୀତରେ ଏହାର ମହତ୍ୱ ବଜାୟ ରଖିବା ପାଇଁ ସ୍ୱାଧୀନତା ସଂଗ୍ରାମୀ ମାନେ ଏକତ୍ରିତ ହୋଇ ବ୍ରିଟିଶ ସହ ଲଢ଼େଇ କରି ସହିଦ ହୋଇଛନ୍ତି। ଏହି ତ୍ରିରଙ୍ଗା ପଛରେ ଅଛି ଯୁଗ ଯୁଗର ଇତିହାସ, ଆମ ପ୍ରାଚ୍ୟ ପରମ୍ପରା ଓ ଆମ୍ ତ୍ୟାଗର ମହନୀୟତା। ବଂଶାନୁକ୍ରମେ ସମଗ୍ର ଜାତି ତଥା ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏହା ଗୋଟିଏ ପବିତ୍ର ନ୍ୟାସ। ଏହାର ସୁରକ୍ଷା ପାଇଁ ଏ ଜାତି ଯୁଗେ ଯୁଗେ ପ୍ରାଣ ପଣ କରି ଆସିଛି। ନିଜ ବିଶ୍ୱାସରେ ଅଟଳ ରହି ଯେଉଁ ଜାତି ହସି ହସି ଫାଶୀ ଖୁଣ୍ଟରେ ଚଢ଼ିଯାଇ ପାରେ, ଯେଉଁ ଜାତି ସାରା ବିଶ୍ୱକୁ କୁଟୁମ୍ବ ଦୃଷ୍ଟିରେ ଦେଖି ବିଶ୍ୱ ମଞ୍ଚରେ ନିରପେକ୍ଷତାର ମଶାଲ ଧରେ, ଯେଉଁ ଜାତିର ଆତ୍ମା ଶକ୍ତି ଆଗରେ ସଙ୍ଗୀନ ମୁନ ମଥାନତ କରେ ସେ ଜାତି କେବେ ମରେ ନାହିଁ। ସେ ଜାତିର ଆତ୍ମା ଅମର। ସେ ଜାତି ଅଜେୟ। ଅତୀତର ଗୌରବମୟ ତ୍ରିରଙ୍ଗା ଆମକୁ ସ୍ମରଣ କରେଇଦିଏ ଯେ ଆମର ୧୨୦ କୋଟି ଲୋକଙ୍କୁ ନେଇ ଗୋଟିଏ ପରିବାର ଅଛି। ଏହି ବଡ଼ ପରିବାରର ଆଦର୍ଶ ଓ ଆକାଂକ୍ଷାର ପ୍ରତୀକ ହେଉଛି ତ୍ରିରଙ୍ଗା। ଏହାକୁ ଭକ୍ତି କରିବାର ଅର୍ଥ ହେଉଛି ସମଗ୍ର ଜାତିକୁ ଭକ୍ତି କରିବା। ଯୁବ ବନ୍ଧୁଗଣ ଆଗେଇ ଆସ, ନବ ପ୍ରସ୍ଫୁଟିତ ସୂର୍ଯ୍ୟର କିରଣ ଭଳି ତେଜୀୟାନ ହୋଇ ମୁକ୍ତ ଆକାଶରେ ଫରଫର ଉଡୁଥିବା ତ୍ରିରଙ୍ଗା ତଳେ ଦଣ୍ଡାୟମାନ ହୁଅ। ଆମ ଜାତିର ପତାକା, ତ୍ରିରଙ୍ଗାର ଅକ୍ଷୁଣ୍ଣତା ନିମନ୍ତେ ହସିହସି ମୁକ୍ତ କଣ୍ଠରେ ଶପଥ ନିଅ। ଜାତୀୟତାର ଭାବନା ଜାଗ୍ରତ କରିବା ପାଇଁ ଭାରତ ସରକାର ମଧ୍ୟ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ମେରା ଭାରତ ମହାନ୍। ଜୟ ହିନ୍ଦ୍।

*ଅଧ୍ୟାପକ, ବାଣିଜ୍ୟ ବିଭାଗ,*
*ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ, କଟକ*

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

## ଧାରାବାହିକ ଉପନ୍ୟାସ





**କ୍ଷୀରୋଦ ଦାସ**

ଭାଗ-୦୮

(ପୂର୍ବପ୍ରକାଶ ଉତ୍ତାରୁ)

ପ୍ରଥମେ ସେ ଯାଇଥିଲା କୈବଲ୍ୟ ବିହାରରେ ଥିବା କମ୍ପ୍ୟୁଟର ଅନୁଷ୍ଠାନକୁ, ଛ ମାସିଆ କୋର୍ସର ସାର୍ଟିଫିକେଟ୍ ପାଇଁ। ସାର୍ଟିଫିକେଟ୍ ଲେଖା ସରିଥିଲା, କିନ୍ତୁ ଅଧକ୍ଷଙ୍କ ଦସ୍ତଖତ ହୋଇ ନଥିଲା। ଅଧକ୍ଷ ଦ୍ୱିପ୍ରହରେ ଘରକୁ ଯାଇଥିଲେ ମଧ୍ୟହ୍ନ ଭୋଜନ କରିବା ପାଇଁ। ଅପରାହ୍ନ ତିନିଟା ବାଜି ଯାଇଥିଲା। ସୁରେଖା ତଥାପି ବସିରହିଥିଲା ସେଠାରେ। ତାକୁ ବଡ ଅସ୍ଥିର ଲାଗୁଥିଲା, ଅଧୈର୍ଯ୍ୟ ଲାଗୁଥିଲା।

କିଏ ଜାଣେ, ଅଧକ୍ଷ ଯଦି ଖାଇପିଇ ଶୋଇପଡିଥିବେ ତ ସରିଲା କଥା। ନା, ଶୋଇ ନ ଥିଲେ, ଆସିଲେ ଅବଶ୍ୟ ଡେରିରେ। ସାର୍ଟିଫିକେଟ୍ ହାତେଇ ସାରି ସୁରେଖା ଗଲା ମେନ୍ ମାର୍କେଟ୍। ଘରେ ଥିବା ତା କମ୍ପ୍ୟୁଟରର ମାଉସ୍ କିଣିବା ପାଇଁ। ପାଖରେ ଥିଲା ବ୍ଲୁ-ନାଇଟ୍ ରେଡିମେଡ୍ ଗାମେଣ୍ଟ ଦୋକାନ। କିଣିଲା ନିଜ ପାଇଁ ହଳେ କଟନ୍ ଡ୍ରେସ୍ ଓ କିଛି ଅନ୍ତବସ୍ତ୍ର। ବୋଉ ପାଇଁ କିଣିଲା ସୂତା ଶାଢ଼ିଟିଏ। ଭ୍ୟାନିଟି ବ୍ୟାଗ୍‌ଟିଏ କିଣିବାକୁ ଭାରି ମନ ଥିଲା। ସୋ' ରୁମ୍‌କୁ ନଯାଇ ଫୁଟ୍‌ପାଥରୁ କିଣିଲା ନିଜ ପାଇଁ ହଳେ ଚପଲ। ଫେରି ଆସିଲା ଅଟୋ ପାଖକୁ।

ଅଟୋବାଲାଟି ବସି ବସି ମୋବାଇଲ ଘାଣ୍ଟୁଥିଲା। ଅସନ୍ତୁଷ୍ଟ ଦେଖାଯାଉଥିଲା ତା' ମୁହଁ। ଏଠୁ ବସିକି ବୁଲିବୁଲି ହାଲିଆ ହୋଇଯାଇଥିଲେ ମଧ୍ୟ ଅଧିକ ପଇସା ପାଇବା ଲୋଭରେ ସେ ସହଯୋଗ କରୁଥିଲା।

: କୁଆଡେ ଯିବା ମ୍ୟାଡମ୍- ପଚାରିଲା ଅଟୋ ଡ୍ରାଇଭର।

: ବସ୍‌ଷ୍ଟାଣ୍ଡ ଯିବା ଯେ, ହେଲେ ପ୍ରତାପ ନଗରରେ ଛୋଟ କାମଟେ ଅଛି। ମାତ୍ର ପାଞ୍ଚ ଦଶ ମିନିଟ୍ କାମ। ଯିବା, ସଙ୍ଗେ ସଙ୍ଗେ ଫେରିଆସିବା।

ପ୍ରତାପନଗରର ପାଣିଟାଙ୍କି ପାଖରେ ରହିଲା ଅଟେ। ସୁରେଖା ଓହ୍ଲାଇଗଲା। ପାଞ୍ଚ ଦଶ ମିନିଟ୍ ନୁହେଁ, ଫେରୁ ଫେରୁ ତାକୁ ଲାଗିଗଲା ଚାଳିଶ ମିନିଟ୍। କେଇଟୋପା ବର୍ଷା ପାଣି ପଡିଲା ତା' ଉପରେ। ଆକାଶକୁ ଅନାଇ ଦେଖିଲା ଘମାଘୋଟ ମେଘ ଘୋଟି ଆସିଲାଣି ଚାରିଆଡୁ। ସେ ହାତଘଣ୍ଟାକୁ ଚାହିଁ ଚମକି ପଡିଲା।

ସଧା ଛଅଟା ବାଜି ପନ୍ଦର ମିନିଟ୍।

ଡିସେମ୍ବର ମାସର ଅନ୍ଧାର ପୃଥିବୀ କୋଳକୁ ସଅଳ ଡେଇଁ ପଡିବାକୁ ଉଚ୍ଛନ୍ନ ହେଉଥିଲା। ଷ୍ଟ୍ରିଟ୍ ଲାଇଟ୍‌ଗୁଡା ଜଳୁଥିଲେ ମଧ୍ୟ ଝିପିଝିପି ବର୍ଷା ଭିତରେ ସେମାନେ ଭାରି ନିଷ୍ପ୍ରଭ ଓ କାନ୍ଦୁରା ଦେଖାଯାଉଥିଲେ। ପାଗଟା ବେଳକୁ ବେଳ ଶୋଚନୀୟ ହେଉଥିଲା। ଘରକୁ ଆସିବା ସମୟରେ ସୁରେଖା ସ୍ୱେଟର କି ଶାଲ ଆଣିବାକୁ ଭୁଲିଯାଇଥିଲା। ତାକୁ ଭାରି ଶୀତ ଲାଗୁଥିଲା।

ମାଡାମ୍! - ଅଟୋ ଡ୍ରାଇଭର ଏଥର ମୁହଁ ଖୋଲିଲା - "ସକାଳ ସାଢ଼େ ଏଗାରରୁ ରାତି ଆସି ପାଖାପାଖି ସାତଟା ବାଜିଲାଣି। ଆଠ ନ ଘଣ୍ଟା ହେଲାଣି, ହେଲେ ସରୁନି ଆପଣଙ୍କ କାମ। ଗୋଟେ କାମ କରନ୍ତୁ, ଆପଣ ରୁହନ୍ତୁ ଏଇଠି। ଭଡା ବାବଦକୁ ପାଞ୍ଚଶହ ଟଙ୍କା ମୋତେ ଦେଇଦିଅନ୍ତୁ। ମୁଁ ପଳେଇବି।"

: ମୁଁ କ'ଣ ମନା କଲି ପାଞ୍ଚଶହ ଟଙ୍କା ତୁମକୁ ଦେବା ପାଇଁ! ଟିକେ ରୁହ, ମୁଁ ଚିନ୍ତା କରେ କୁଆଡେ ଯିବା! - ସୁରେଖା କହିଲା ଏବଂ ତାକୁ ପଚାରିଲା- "ଏଠାରୁ ବସ୍‌ଷ୍ଟାଣ୍ଡ କେତେ ବାଟ ହେବ କି ଭାଇ? କେତେ ସମୟ ଲାଗିବ ପହଞ୍ଚିବା ପାଇଁ?

: ଚାରି ପାଞ୍ଚ କିଲୋମିଟର। ଟ୍ରାଫିକ୍ ଭିଡ ଯୋଗୁଁ ଘଣ୍ଟାଏ ପାଖାପାଖି ଲାଗିପାରେ। - ଅଟୋ ଡ୍ରାଇଭର କହିଲା।

ବର୍ଷାର ବେଗ ବଢୁଥିଲା ବେଳକୁ ବେଳ। କୋହଲା ଉତ୍ତରା ପବନ ଥରାଇ ଦେଉଥିଲା ଦେହକୁ। ଭୋକ ନୁହେଁ, ଭୟ ଲାଗିବାକୁ ଆରମ୍ଭ କରିଥିଲା ସୁରେଖାକୁ।

ବସ୍‌ଷ୍ଟାଣ୍ଡ ଏଠାରୁ ଚାରି ପାଞ୍ଚ କିଲୋମିଟର ଦୂର। ଘଣ୍ଟା ଉପରେ ଲାଗିଯିବ ସେଠାରେ ପହଞ୍ଚିବାକୁ। ଏବେ ସମୟ ସାତଟା ବାଜିଗଲାଣି। ତା ସହରକୁ ଯାତାୟାତ କରୁଥିବା ବସ୍‌ର ସଂଖ୍ୟା ଖୁବ୍ ସୀମିତ। ଆଠଟା ପରେ ବସ୍ ଯେ ମିଳିବ, ଏ ଗ୍ୟାରେଣ୍ଟି ବି ନାହିଁ। ସଙ୍ଗେ ସଙ୍ଗେ ମିଳିଯାଇପାରେ। ନ ମିଳିପାରେ ବି। ଯଦି ବି ମିଳିଲା, ଦେଢ଼ ଘଣ୍ଟା ଭିତରେ ସେ ଯାଇ ପହଞ୍ଚିଯିବ ନିଜ ଗାଁ ପାଖ ବଜାରରେ। ବଜାରଠାରୁ ଘର ଆଢ଼େଇ ତିନି କିଲୋମିଟର ବାଟ। ସେଠାରୁ ଯଦି ଅଟୋ ମିଳିଗଲା, ଘରେ ମ୍ୟାକ୍ସିମମ୍ ସାଢ଼େ ନଅ କିମ୍ବା ଅତି ବେଶିରେ ନଅଟା ପଇଁଚାଳିଶି ମିନିଟ୍‌ରେ ପହଞ୍ଚି ଯାଇପାରେ।

ଯଦି ବସ୍ ନ ମିଳିଲା? -ଭାବିଲା ସୁରେଖା- "କ'ଣ କରିବ ତେବେ? ଯଦି ବସ୍ ଡେରିରେ



ମିଳିଲା, ଗାଁ ପାଖ ବଜାରରେ ପହଞ୍ଚିବାକୁ ଆହୁରି ଡେରି ହୋଇଯିବ। ସେଠାରୁ ଅଟୋଫଟୋ ମିଳି ନପାରେ ଏତେ ରାତିରେ। ଦୋକାନ ବଜାର ବି ସବୁ ବନ୍ଦ ହୋଇଯାଇଥିବ। ଯିବ କେମିତି ସେ, ଏତେଗୁଡାଏ ବାଟ, ଏକା ଏକା- ଚାଲି ଚାଲି, ପୁଣି ଏ ମେଘ ଅନ୍ଧାର କାଲୁଆ ଜାଡ ରାତିରେ?

ସୁରେଖା କିଛି କୂଳ କିନାରା ପାଉ ନଥିଲା।

: ଶୀଘ୍ର କୁହନ୍ତୁ ମ୍ୟାଡାମ୍। କୁଆଡେ ଯିବେ? ରାତି ଅଧିକ ହୋଇଯାଉଛି। ବର୍ଷା ବି ବଢୁଛି। ମୁଁ ଏତେ ସମୟ ଆଉ ରହିପାରିବିନି ଜମା। ଆପଣ ଭଡା ଟଙ୍କା ଦେଇ ଓହ୍ଲାଇ ପଡନ୍ତୁ ଅଟୋରୁ। ମୁଁ ଚାଲିଯିବି। ମୋ ଘରୁ ପାଞ୍ଚ ପାଞ୍ଚ ଥର ଫୋନ୍ ଆସିଲାଣି।

-ଅସନ୍ତୁଷ୍ଟ ସ୍ୱରରେ କହିଲା ଅଟୋ ଡ୍ରାଇଭର।

ସୁରେଖା ଚିନ୍ତା କରୁଥିଲା : ପଳେଇବ କି ସୌମିତ୍ରୀ ବିହାର ସମ୍ପର୍କୀୟଙ୍କ ଘରକୁ! ସେଠାରେ ନିଶ୍ଚିନ୍ତରେ ରାତିଟି ବିତାଇ ପରଦିନ ସକାଳୁ ସକାଳୁ ଗାଁକୁ ଧରିବ ବସ୍!

ପରମୁହୂର୍ତ୍ତରେ ତାର ମନେପଡିଲା ସମ୍ପର୍କୀୟ ଭାଇ ଓ ଭାଉଜ ଯାଇଥିବେ ନାଇଟ୍-ସୋ ସିନେମା ଦେଖି। ଛୁଟିଦିନ ଥିବାରୁ ସେମାନଙ୍କର ଆଗରୁ ପ୍ରୋଗ୍ରାମ୍ ସ୍ଥିର ହୋଇଥିଲା। ସେମାନେ ଘରକୁ ଫେରୁ ଫେରୁ ରାତି ଏଗାର।

ଗୋଟେ ନିଷ୍ପତ୍ତିରେ ପହଞ୍ଚିଲା ସୁରେଖା।

ଯେତେ ଡେରି ହେଉ ପଛେ ସେ ଫେରିଯିବ ଗାଁକୁ। ଗାଁରେ ବୋଉ ଏକା। ତା ପାଖରେ ମୋବାଇଲ ନାହିଁ। ମୋବାଇଲ ଚଳେଇ ଜାଣେନା ସେ। ଭାରି ବେଥାପି ହେଉଥିବ ସେ। ଘର ବାହାର ହୋଇ ତାର ଫେରିବା ବାଟକୁ ଚାହିଁ ରହିଥିବ। ବଢ଼ିଲା ଝିଅ ଡେରି ରାତିଯାଏ ବାହାରେ ରହିଲେ ଯେଉଁ ବିପଦର ଆଶଙ୍କା ସୃଷ୍ଟିହୁଏ, ସେହିପରି ଦୁଶ୍ଚିନ୍ତା ଘନେଇ ଆସୁଥିବ ତା ମନରେ।

ପଡିଶା ଘର ଝୁନୁ ଭାଉଜଙ୍କ ମୋବାଇଲ୍‌କୁ ସେ ଫୋନ୍ କଲା। ନାରୀସ୍ୱରଟି ବଡ ବିରକ୍ତିର ଘଷରା ଘୋଷଣାଟି ଶୁଣାଇଲା-

"ଦିସ୍ ନମ୍ବର ଇଜ୍ ଆଉଟ୍ ଅଫ୍ ରିଚ୍। ପ୍ଲିଜ୍ ଟ୍ରାଏ ଏଗେନ୍।"

ଏଗେନ୍ ଏଗେନ୍ କରି ପାଞ୍ଚ ସାତଥର ଫୋନ୍ ଲଗାଇଲା ସୁରେଖା। ବ୍ୟସ୍ତ ହେଉଥିବା ବୋଉକୁ ତାର ସ୍ଥିତି ଓ ଉପସ୍ଥିତି ଜଣାଇ ଦେବା ପାଇଁ। କିନ୍ତୁ ସବୁଥର ସେ ବିଫଳ ହେଲା।

ରାତି ସାତଟା ଚାଳିଶ ମିନିଟ୍। ବର୍ଷା ଓ ପବନର ବେଗ ବଢୁଥିଲା। ବଜାରର ଗହଳି ଧୀରେ ଧୀରେ ପତଳା ହୋଇଆସୁଥିଲା। ଅଧଘଣ୍ଟା ହେବ ବିଜୁଳି ଆଲୁଅ ଚାଲିଯାଇଥିଲା ଯେ ସାରା ବଜାର ବୁଡିଯାଇଥିଲା ଅନ୍ଧାର ଭିତରେ।

ସୁରେଖା ନର୍ଭସ୍ ହୋଇପଡୁଥିଲା।

ତାକୁ ଅଟୋରେ ବସାଇଦେଇ ଡ୍ରାଇଭର ଯୁବକଟି କୁଆଡେ ଚାଲିଗଲା ଏବଂ ପାଞ୍ଚ ପଶ ମିନିଟ୍ ବାଦ ଫେରିଆସି ପଚାରିଲା-

"ମ୍ୟାଡାମ୍ କୁଆଡେ ଯିବେ?"

: ଚାଲ୍ ବସ୍‌ଷ୍ଟାଣ୍ଡ। - ସୁରେଖା କହିଲା ଏବଂ ବ୍ୟବସ୍ଥିତ ହୋଇ ବସିଲା ଅଟୋରେ।

ଦିନସାରା ଏପଟ ସେପଟ ହୋଇ ହୋଇ ଭାରି କ୍ଲାନ୍ତ ଲାଗୁଥିଲା ତାକୁ। ଆଖି ବୁଜିଦେଇ ସେ ବସିଥିଲା ଅଟୋରେ। ଯାହା ହେଉ ପଛେ ଆଜି ସେ ଫେରିଯିବ ଗାଁକୁ। ସୌମିତ୍ରୀ ବିହାରର ସମ୍ପର୍କୀୟଙ୍କ ଘର ପାଖରେ ଯାଇ ଅପେକ୍ଷା କରିଥିଲେ ସେମାନେ ଅବଶ୍ୟ ସିନେମା ହଲ୍‌ରୁ ଫେରିଥାନ୍ତେ। କିଛି ସମୟ ପରେ। କିନ୍ତୁ ଏତେ ରାତିରେ ତାଙ୍କ ଘରକୁ ପୁଣିଥରେ ଯାଇ ରହିବାଟା ତାକୁ କେମିତି ମାଡି ମାଡି ପଡିଲା। କାହା ଉପରେ ଗୋଟାଏ ଅନାବଶ୍ୟକ ବୋଝ ହେବା ପାଇଁ ତାକୁ ଆଦୌ ଭଲ ଲାଗେନା। ଅତି ଆବଶ୍ୟକ ନ ପଡିଲେ କାହାର ସାହାଯ୍ୟ ନେବାକୁ ସେ ପସନ୍ଦ କରେନା।

ତାର ମନେ ପଡିଲା ପାଞ୍ଚବର୍ଷ ପୂର୍ବେ ତା' ବାପାଙ୍କ ଦେହାନ୍ତ ହେବା ସମୟର ଘଟଣଶ।

(କ୍ରମଶଃ)



## ବିସର୍ଜନ

**ସ୍ମୃତି ରଞ୍ଜନ ତ୍ରିପାଠୀ**

ତୁମେ ଗଢିଲ ସମ୍ମୋହନର ପ୍ରତିମା
ଆବେଗରେ ତିଆରିଲ ଆବାହନ
ସେ କିନ୍ତୁ ନିତି ଭେଟ ହୁଅନ୍ତି
ଲୁହର ଆସ୍ଥାନରେ, ଭୋକର ପ୍ରାଙ୍ଗଣରେ
କୁହେଳିକାର ମିଠା ଷଡ଼ଯନ୍ତ୍ରରେ,
ଭୋକ ବିସର୍ଜନରେ ମିଳଉଥାଏ ମାଟି ହାଣ୍ଡି
ଭୁଭୁକ୍ଷୁ ଚାଦର ତଳେ
କ୍ଷଣେ କ୍ଷଣେ ମରୁଥାଏ ଦେବୀଟିଏ
ବିଶ୍ୱାସ ନିଃଶ୍ୱାସର ଆଢୁଆଳରେ
ବିସର୍ଜନ ମାଦକତାର ତାଳେ ତାଳେ।
ସେ ନୁହେଁ ବିସର୍ଜିତା
ବରଂ ଧାପେ ଅନ୍ଧାର,
ବାଜା ରୋଷଣୀରେ ହୁଏ ନିର୍ବାପିତ
ଯେତେ ଆଲୁଅ,
ଅୟୁତ ଯନ୍ତ୍ରଣାକୁ
ଯିଏ ଭେଟୁଥାଏ ପରକୁ ପର,
ଠିକ୍ ପରଳ ତଳେ, ମୋ ଆଖିଲୁହର।
ଦେବୀଗଡ଼ାରେ ଲୁଚୁଥାଏ
ପାର୍ବଣର ଭ୍ରମ
ଗୋଟେ ଅହଂକୁ ଢୋକିବା ପାଇଁ
ତିଆରିହୁଏ ଯାବତୀୟ କର୍ମ, ଦୁଷ୍କର୍ମ
ପ୍ରେମହୀନ ନୀରବ ସମର୍ପଣ।
ଅର୍ଥହୀନ ସେ ବିସର୍ଜନ!
ବେକରେ ଦଉଡ଼ି, ଦେବୀ ନିଜେ ବିସର୍ଜିତା
ଗାଁମୁଣ୍ଡ ବରଗଛ ଶାଖାରେ,
ଅବା ଗାଁ ମଶାଣିରେ
ଅବା ଷ୍ଟେସନ ପାଖ ଝୁମ୍ପୁଡ଼ିରେ,
ମୁଁ ଜାଣିଥିବା ଯାବତୀୟ ଜମିଦାରୀର ଉହାଡ଼ରେ।
ସବୁ ମୃଣ୍ମୟୀ ପାଖେ ଶଙ୍ଖ ବାଜେନି
ସବୁ ଶବ୍ଦ ତାରା ହୁଏନି
ଅଭିମାନୀ ରଜନୀ ଅପେକ୍ଷାରେ,
ସବୁ ଦେବୀ ଆସନ୍ତିନି ଆଶିଣରେ
ଦେଖ, ମୁଁ ବି ଦେବୀଟିଏ ଗଢ଼ିଛି,
ସ୍ଥାପନ କରିଛି ଏଇ ଶ୍ରାବଣରେ
ସଂକଳ୍ପର ଆସନରେ!
ଆଉ ବିସର୍ଜନ!
କାହାର? ଆତ୍ମଚିନ୍ତନର?
ବିସର୍ଜନ ବରଂ ହେଉ ବାକି ଅହଙ୍କାରର
ଅସ୍ମିତାର ଢେଉ ସାଙ୍ଗେ ଆତ୍ମପୂଜନ ହେଉ
ଗୋଟେ ପ୍ରତିଶ୍ରୁତିର।

ଜଟଣୀ, ଖୋର୍ଦ୍ଧା
ଦୂରଭାଷ : ୯୪୩୮୩୧୫୩୮୧

## ଛି

**ଆଭାସ ବରାଳ**



ସେ କହିଲା, ଛି
ମୁଁ କହିଲି, ଛି।
ମୋତେ ବୋଧେ ଦୁଇଥର କହିବାର ଥିଲା
ତାପରେ କେହି କାହା
ମୁହଁ ଦେଖିବାର ନାହିଁ।
ତିନି ଥର କହିଥିଲେ ଧର୍ମ ଛାଡ
ହେଇଥାନ୍ତା କି କଣ
ମାତ୍ର ମୁଁ ଥରେ କହି ଚୁପ୍ ଥିଲି।
ସେ ବି ତ ଆଉ ଥରେ ବା ଦୁଇଥର ଛି କହି
ସରା ଜୀବନ ଚାପା ଦୀର୍ଘଶ୍ୱାସ ଭିତରେ
ସମାଧି ନେଇ ପାରିଥାନ୍ତା।
କିନ୍ତୁ ଛି କହିବା ପରେ
କିଛି ବି ଶବ୍ଦ ନଥିଲା
ଯେଉଁଥିରେ ପୋତି ହେଇ ଯାଇଥାନ୍ତା
ମାନ ଅଭିମାନ
ତା ଉପରେ କେଜାଣି ଛୋଟ କୁଡିଆ ଟେ
କିଛି ଗଛ ଗୁଳ୍ମ ଭିତରେ
ଅଧା ମୁହଁ ଲୁଚେଇ ଦେଖା ଯାଉଥାନ୍ତା।
କିନ୍ତୁ ସେମିତି କିଛି ହେଲାନି
ଗୋଟେ ପ୍ଲାଟଫର୍ମରେ
ଗୋଟେ ଡବାରୁ ଓହ୍ଲାଇ
ପୁଣି ଥରେ ଅପରିଚିତ ଯାତ୍ରୀ ଭଳି
ଆମେ କିଛି ସମୟ ଭିତରେ ଲୁଚିଗଲୁ
ନିଜ ନିଜ ଜନଗହଳି ରେ।
କିନ୍ତୁ ସେଠୁ ଫେରିବା ପରେ ବି
ମୋ ସ୍ୱପ୍ନ କି ଜୀବନ୍ତ ଦୁନିଆରେ
କେବଳ ରହିଯାଇଥିଲା
ସେଇ ଛି ଖଣ୍ଡିକ।
ତାର ସେମିତି ହେଇ ଥାଇ କି ନଥାଇ ପାରେ
କହିପାରିବିନି।
ହେଲେ ଏବେ ବି
ମୁଁ ଛାଡି ଆସିଥିବା କିଛି
ରାସ୍ତା ଅଣ୍ଡାଳିବା ବେଳେ
ମୋ ଅଜାଣତରେ ନିଜ ଭିତରୁ
ବାହାରି ଆସେ ଛି!

୧୬୦୨/୧୬୨୭, ପଞ୍ଚମ ଧାଡ଼ି, ଲେକ୍ ଭ୍ୟାଲି, ଗଣ୍ଡମୁଣ୍ଡା, ଭୁବନେଶ୍ୱର

## ବିଶେଷାଂଶ କବିତା

## କଲରାପତ୍ରିଆ

**ଗଜାନନ ମିଶ୍ର**



ରାଜା ଘର ବୋହୂ
ଏଣିକି କହିଲେ ତେଣିକି ଯାଉ।
ରାଜା ନାଚୁ, ରାଣୀ ନାଚୁ
ଫୁଲ ପଡୁ, ମେଘ ଛିଡୁ।
ବାୟାଟା କିରେ!
କଳିକାଳ ଗଲା କେତେ
ରହିଲା କେତେ ହିସାବ
ଯାହାକୁ ଜଣା କହୁ।

ଆସ୍ତେ ଆସ୍ତେ, କଟୁଆଳକୁ
ଶୁଣା ନ ଯାଉ!
ମାଟିଦ୍ରୋହୀ କିଏ ଆଉ
କୋଉଠାରେ!
ରାଧେ ରାଧେ,
ତୋର ଅଧେକୁ ମୋର ଅଧେ।
ଥାଆନ୍ତୁ ବସି ମନ୍ତ୍ରୀ,
କପଟପାଶା ଚଳେଇଥାଉ ଯନ୍ତ୍ରୀ।

ରହ ଘଡିଏ, ଏ ଓଳିକ ଯାଉ,
ଦେଖାଦେଖି ହେବ ଯୋଉଟା
ଅଣଲେଉଟା ରହୁ।
ହୁ ଦମ୍‌ରେ ଆସିଲା ଯୋଉଟା
ବର୍ଷିଦେଇଗଲା ତୁହାକୁ ତୁହା,
ଆରେ ଶ୍ୟାମଭାୟା,
ତୁ ଇ କହୁଛୁ ମିଛମାୟା
ଅମୂଳମୂଳ ଛାୟା।

ଝୁଲୁଛୁ ଯଦି, ଝୁଲୁଥାଆ
ସଭିଏଁ ସବୁବେଳେ ମଝିଦରିଆରେ।
ଫୁଟାଣି ଯେ ଫୁଟାଣି
କାହିଁରେ କଣ!
ଉଡିଲା ଆଉ ବସିଲା
ସେଇଠି ଇ ସେ ପକ୍ଷୀ
ଦିଶିଲା କି ନ ଦିଶିଲା
ଢେର୍ ରାତିଯାଏ ଚର୍ଚ୍ଚା।

ହେଉ, ଉଠତିପଡତି
ଗଣତି ଚାଲିଥାଉ।
ରମ୍ଭା ନା ମେନକା
ହେଉଥାଉ ପରୀକ୍ଷା।
ଯିବା ଲୋକ କହିବ କି
ହେଉ ନ ହେଉ ବିଚାର୍
ଭିତରେ କୋଉଠି ଯାଇଛି ଛପି
ମଣିଷଖିଆ କଲରାପତ୍ରିଆ।

ତପୋବନ, ଟିଟିଲାଗଡ- ୭୬୭୦୩୩

## ସାକ୍ଷୀ ଏଇ ବରଗଛ

**ସୁନନ୍ଦା ମହାନ୍ତି**





ବହୁତ ଦିନ ପରେ ଗାଁକୁ ଆସିଥାଆନ୍ତି ବିଭୂପଦ ବାବୁ। ନିଜ ଘର ଆଉ ଘର ହୋଇ ନାହିଁ. ଦିହଟା ପଡ଼ିରହିଛି କେବଳ। ସେ ଡିହ ଆଗକୁ ଥିବା ବିଶାଳ ବରଗଛଟା ଏବେ ବି ଶାଖା ପ୍ରଶାଖା ମେଲାଇ ଠିଆ ହୋଇ ଚିହ୍ନେଇ ଦେଉଛି ଯାହା ତାଙ୍କରି ଡିହ ଏଇଟା। ସରକାରୀ ଚାକିରୀ କାଳ ଭିତରେ କେବେ ଆସିପାରି ନାହାଁନ୍ତି ଗାଁକୁ। ବାପା ମାଆଙ୍କର ଏକମାତ୍ର ପୁଅ ହିସାବରେ ପାଖରେ ରହୁଥିଲେ ବାପା ମାଆ। କେତେ କୁଆଡେ ଚାରିଧାମ ଇତ୍ୟାଦି ବୁଲେଇ ନେଉଥିଲେ ବି ଗାଁକୁ ଦିନେ ଆଣିନାଂହାନ୍ତି ତାଙ୍କୁ ଯଦିଓ ବାପା ମାଆଙ୍କର ଗାଁରେ ରହିବାକୁ ଖୁବ ଇଛା। ବିଭୁପଦ ବୁଝେଇ ଦିଅନ୍ତି ଗାଁରେ ହସ୍ପିଟାଲ ସୁବିଧା ନାହିଁ, ଜରୁରୀ ଖବର ଦେବାକୁ ମୋବାଇଲ ଥିଲେ ବି ମୋ ଟୁର ଚାକିରୀରୁ ମତେ ଫୁରୁସତ ମିଳିବ କି ନା କିଏ କହିବ! ଏଠାରେ କିଛି ନହେଲେ ସୁଷମା ଅଛି। ଚାକର ବାକର ସହିତ ଅର୍ଡର୍ଲି ଅଛି। ଏମିତି ସବୁ କହି ବାପା ମାଆଙ୍କୁ ସିନା ଭୁଲାଇ ଦେଲେ, ବୟସର ମଉଳା ଫୁଲର ଜୀବନ ଭାରରେ ସେମାନେ ବି ବୁଝିଗଲେ କିନ୍ତୁ ଗାଁକୁ ଆସିଲେ, ଯେଉଁ ସ୍ମୃତି ତାଙ୍କୁ ଅସ୍ଥିର କରିଥାନ୍ତା, କେମିତି ସହ୍ୟ କରିପାରିଥାନ୍ତେ ସେ।

ସ୍କୁଲ ଜୀବନରୁ ତା ସହ ବନ୍ଧୁତା ତାଙ୍କର। ବଡଘରର ଜମିଦାରଙ୍କ ଏକମାତ୍ର ଅଲିଅଳି ଝିଅ ନିତାକୁ ଜୀବନ ସାଥି କରିବାକୁ ଚାହୁଁଥିବା ମନ ତାଙ୍କର ଭାଙ୍ଗି ଯାଇଥିଲା, ତା ଜମିଦାର ବାପା ଧନ ଦେଇ ଡାକ୍ତର ଜୋଇଁଙ୍କୁ ଘରଜୋଇଁ କରିନେଲେ। ମନ ହୃଦୟ ଭାଙ୍ଗି ଯାଉ ଯାଉ ଚାକିରୀ ପାଇ ସହରକୁ ଚାଲି ଆସିଥିଲେ ସେ। ସୁଷମାଙ୍କୁ ବାହା ହେଲା ପରେ ବାପା ମାଆଙ୍କୁ ପାଖରେ ରଖି ଆଉ ଗାଁ ମାଟି ମାଡ଼ିନଥିଲେ। ହେଲେ ଏବେ ଅବସର ପରେ ଗାଁ କଥା, ଏଇ ବରଗଛ କଥା। ମାଆର ଏଇ ବରଗଛକୁ ପୂଜା କରିବା, ନିତା ସହ କୈଶୋର ଓ ଯୌବନର ଅନେକ ସ୍ମୃତି ବହନ କରୁଥିବା ଏଇ ବରଗଛ ଆଗରେ ଥିବା ଘରଟାକୁ ସଜାଡି, ବରଗଛ ତଳେ ବସି ସେ କବିତା ଲେଖିବେ ଗପ ଲେଖିବେ। ଅବସର ପରେ ସାହିତ୍ୟମନସ୍କ ହୋଇ ଏଇ ଗାଁରେ ବଞ୍ଚିବେ।

ହଠାତ ପାଖରେ ବସିପଡି କେହି ଡାକିଲା ବିଭୁ ଭାଇ, ଏତେ ଦିନ ପରେ ଗାଁ ମନେ ପଡିଲା କିଏ! ଏ ତ ନିତାର ସ୍ୱର ଚମକି ପଡି ବୁଲି ଚାହିଁଲେ ବିଭୁ, ଧଳା ଶାଢ଼ୀ ଭିତରେ ନିତାକୁ ଦେଖି ଚମକି ପଡିଲେ ବିଭୁ। ନିତା କହୁଥିଲେ ଯା ହେଉ ତମକୁ ଦେଖିବାର ଅବଶୋଷ ପୁରଣ ହେଲା। ସ୍ତବ୍ଧ ଚକିତ ବିଭୁ ଶୁଣୁଥିଲେ ନିତାର ଦୁଃଖ କାହାଣୀ। ସ୍ୱାମୀ ଚାଲିଯିବା ପରେ ଦୁଇ ପୁଅ ବିଦେଶରେ। ଗାଁ ମାଟି ମାଡିବାକୁ ଅନିଚ୍ଛୁକ। ମୁଁ ମଧ୍ୟ ସେମାନଙ୍କ ପାଖକୁ ଯିବାକୁ ରାଜି ନୁହେଁ। ଏଇ ଗାଁରେ ତୁମ ହାତ ଧରି ତୁମ ଘର ବୋହୂ ସିନା ହୋଇପାରିଲିନି ହେଲେ ବାପାଙ୍କ ଇଛାକୁ ସମ୍ମାନ ଦେଇ ଆଶୁତୋଷଙ୍କ ସଙ୍ଗେ ରହୁ ରହୁ, ଏ ଗାଁର ପାଣି ପବନ, ଭାଇଚାରା, ସଂସ୍କୃତି, ପାର୍ବପର୍ବାଣୀ, ସୁଖ ଦୁଃଖ ଭୁଲି କୁଆଡେ ଆଉ ଯିବି କହୁନ? ବୟସର ମଉଳା ଫୁଲ ମୁଁ, କେତେବେଳେ କୋଉ କଥା। ତୁମର ସିନା ମୋ କଥା କେବେ ମନେ ପଡୁନଥିବ ହେଲେ ମରିବା ପୂର୍ବରୁ ତୁମକୁ ଥରେ ଦେଖିବାର ଇଛା ମୋର ନିଶ୍ଚୟ ତୁମକୁ ଗାଁକୁ ଟାଣି ଆଣିଛି। ନିତାର କଥା ସରିଛି କି ନାହିଁ ଖୁବ ଅସରାଏ ବର୍ଷା ହୋଇଗଲା। ନିତା ସହିତ ଏଇ ବରଗଛ ତଳେ ପ୍ରଥମ ପ୍ରେମଦେଖା ହେଲା ବେଳେ ମଧ୍ୟ ଖୁବ ଅସରାଏ ଲେଖାଏଁ ବର୍ଷା ହେଉଥିବା କଥା ଆଜିବି ଭୁଲି ନଥିଲେ ବିଭୁପଦ।

ନିରାପଦ ସ୍ଥାନକୁ ଉଠିଯାଇ ନିତାକୁ ଉଠିଆସ କହିବାକୁ ଯାଇ ଦେଖିଲେ ନିତା ଚାଲି ଯାଇଛି। ଦୀର୍ଘନିଶ୍ୱାସ ପକେଇ ବିଭୁପାଦ ଭାବୁଛନ୍ତି ଅନେକ ସ୍ମୃତି। ହରି ନାମ ସତ୍ୟହେ, ରାମ ନାମ ସତ୍ୟ ହେ କହି କହି କୋକେଇଟିଏ ବାହି ନେଇଯାଉଥିବା ମାଲଭାଇଙ୍କୁ ବିଭୁ ପଚାରିବସିଲେ କିଏ ଚାଲିଗଲା ଗାଁରୁ? ତ ଉତ୍ତର ମିଳିଥିଲା ନିତା ଦେବୀ ଅନେକ ଦିନ ହେବ କ୍ୟାନ୍ସର ପୀଡିତ ଥିଲେ, ଆଜି ଚାଲିଗଲେ। ବିଭୁପାଦ ବସିବା ଜାଗାରୁ ଉଠିପଡ଼ି କେତେବେଳେ ପଚାରିବା ପୂର୍ବରୁ କୋକେଇ ସହ ହରି ନାମ ସତ୍ୟହେ, ରାମ ନାମ ସତ୍ୟ ହେ କହି କହି ଆଗେଇ ଯାଇଥିଲେ ସମସ୍ତେ କୋକେଇ ପଛେ ପଛେ। ଏଡ଼େ ବର୍ଷାରେ ମଧ୍ୟ ଗମଗମ ଝାଳ ବୋହି ପଡୁଥିଲା ବିଭୁପାଦଙ୍କର।

ସାକ୍ଷୀଗୋପାଳ, ପୁରୀ
ଦୂରଭାଷ : ୯୦୪୦୯୭୭୩୨୭

## ଅବାଞ୍ଛିତ ପ୍ରେମ

**ଡ. ଦୀପକ କୁମାର ମିଶ୍ର**



ସବୁ ଅସ୍ୱାଭାବିକ ସମ୍ପର୍କ
ନଈପଠାରେ ଲେଖା ଯୁକ୍ତାକ୍ଷର ନାଁ ପରି
କାନ୍ଥରେ ଲେଖା ଅଙ୍ଗାରର କଳଙ୍କ ପରି
ନିଭିଯାଏ ସହଜରେ
କିନ୍ତୁ ଦେଇଯାଏ ତୀବ୍ର ଅନୁଭୂତି,
କେବେ ତିକ୍ତ, କେବେ ମଧୁର,
କେବେ କବିତାର ଭାବ ପରି।

ଚାଲ ବର୍ଷାରେ ଭିଜିବା
ରାତିକୁ ରକ୍ତାକ୍ତ କରିବା
ପ୍ରେମ ଅବାଞ୍ଛିତ ଥାଉ
ଇଚ୍ଛାର ଇନ୍ଦ୍ରଜାଲରେ ଛନ୍ଦି ହୋଇ
ସେ ତା'ର ନାମ ଖୋଜୁଥାଉ।

ବର୍ଷାଭିଜା ସନ୍ଧ୍ୟା
ଋତୁମତୀ ରାତି
ଅବାଞ୍ଛିତ ପ୍ରେମ
ସବୁ ଏକାପରି,
ନା ଆସିବାର ଥାଏ ପ୍ରତ୍ୟାଭୂତି
ନା ମିଳନର ସ୍ୱୀକୃତି।

ତଥାପି ଥାଏ ଅୟୁତ କ୍ଷୁଦାର ଅପେକ୍ଷା,
ଅହେତୁକ ଆତ୍ମସମର୍ପଣର ପ୍ରବୃତ୍ତିରେ
ସଅଁପି ଦେଇହୁଏ ଦେହ
ମନକୁ ଅସ୍ତ୍ରୋପଚାର କରି
ବିବେକକୁ ବାରମ୍ବାର ବ୍ୟବଚ୍ଛେଦ କରି।

ଭୁବନେଶ୍ୱର
ଦୂରଭାଷ : ୮୨୮୦୨୧୧୦୦୦




# ଗୃହରାଷ୍ଟ୍ର ମନ୍ତ୍ରୀଙ୍କ ନେତୃତ୍ୱରେ ଅସ୍ତରଙ୍ଗ ପଞ୍ଚାୟତର ସାଙ୍ଗଠନିକ ବୈଠକ

**ଅସ୍ତରଙ୍ଗ :** ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ପଞ୍ଚାୟତର ବିଜେଡି କାର୍ଯ୍ୟାଳୟରେ ଏକ ବିଶାଳ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହେଇଛି। କାକଟପୁର ଯୁବ ବିଧାୟକ ତଥା ଗୃହରାଷ୍ଟ୍ର ମନ୍ତ୍ରୀ ତୁଷାର କାନ୍ତି ବେହେରାଙ୍କ ନେତୃତ୍ୱରେ ଏହି ବିଶାଳ ବୈଠକ ଅନୁଷ୍ଠିତ ହେଇଛି। ଆଗକୁ ସାଧାରଣ ନିର୍ବାଚନ ପାଖେଇ ଆସୁଛି ଆଉ ଏହି ପରିପ୍ରେକ୍ଷୀରେ ବିଜୁ ଜନତା ଦଳ ତୃଣମୂଳ ସ୍ତରରେ ତାର ସ୍ଥିତି ସୁଦୃଢ଼ କରିବାରେ ଲାଗିଛି। ଅସ୍ତରଙ୍ଗ ପଞ୍ଚାୟତରେ ୧୪ଟି ୱାର୍ଡରୁ ପାଖାପାଖି ସାତଶହ ବିଜେଡି କର୍ମୀ ଏକତ୍ରିତ ହୋଇଥିଲେ। ଏହି ବୈଠକରେ ଆଗକୁ ସାଧାରଣ ନିର୍ବାଚନରେ ବିଜେଡି କିପରି ତାର ସାଙ୍ଗଠନିକ ଦକ୍ଷତା ବୃଦ୍ଧି କରିବ, ଆଉ ଏହି ପଞ୍ଚାୟତରେ ବିଜେଡି ଦଳକୁ ମଜବୁତ କରିବା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇ ପଞ୍ଚାୟତର ଯୁବ କର୍ମୀ ମାନଙ୍କୁ ଦାୟିତ୍ୱ



ହସ୍ତାନ୍ତର କରାଯାଇଥିଲା। ୨୦୨୪ ସାଧାରଣ ନିର୍ବାଚନକୁ ଆଖି ଦୃଷ୍ଟିରେ ରଖି ୱାର୍ଡ ସ୍ତରରୁ ସ୍ୱତନ୍ତ୍ର କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ କର୍ମୀ ମାନେ ଶପଥ ନେଇଥିଲେ ଓଡିଶାରେ ଦୀର୍ଘ ୨୫ ବର୍ଷ ଧରି ଶାସନ କରୁଥିବା ବିଜେଡି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାକୁ ଲୋକ ମାନଙ୍କ ମଧ୍ୟରେ ପହଞ୍ଚେଇବାକୁ ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାର କାନ୍ତି ବେହେରା କର୍ମୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଆଜିର ଯୁବକ ମାନେ ବିଜୁ ବାବୁଙ୍କ ପରି ସାହସୀ ହୋଇ ସାଧାରଣ ଲୋକ ମାନଙ୍କ ପାଇଁ କାର୍ଯ୍ୟ କରିବାକୁ ଏହି ସଭାରେ ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ ଯୁବପୀଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ଏହି ସଭାରେ ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀ ତୁଷାର କାନ୍ତି ବେହେରା ମୁଖ୍ୟ ଅତିଥି ଏବଂ ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅସ୍ତରଙ୍ଗ ପଞ୍ଚାୟତ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସ୍ୱାଇଁ, ବ୍ଲକ ଯୁବବିଜେଡି ସଭାପତି ପ୍ରଶାନ୍ତ କୁମାର ନାୟକ, ବିଜେଡି ବରିଷ୍ଠ ନେତା ପୁରନ୍ଦର ମହାନ୍ତି, ଯୁବ ନେତା ଦିବ୍ୟଦର୍ଶୀ ବିଶ୍ୱାଳ, ଯୁବନେତା ୱାର୍ଡ ସଭ୍ୟ ମନୋଜ ବିଶ୍ୱାଳ, ବିଭିନ୍ନ ୱାର୍ଡ ର ଯୁବଗୋଷ୍ଠୀ, ବରିଷ୍ଠ କର୍ମୀ ମାନେ ଯୋଗ ଦେଇ ଏହି ବିଶାଳ ପଞ୍ଚାୟତ ସ୍ତରୀୟ ବୈଠକକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ପ୍ରଫେସର ସବିତା ପ୍ରଧାନ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି



**ଭୁବନେଶ୍ୱର :** ଓଡ଼ିଆ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ରୂପେ ନିଯୁକ୍ତି ପାଇଲେ ପ୍ରଫେସର ସବିତା ପ୍ରଧାନ। କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସବିତା ପ୍ରଧାନଙ୍କୁ ୨ବର୍ଷ ପାଇଁ ଏହି ନିଯୁକ୍ତି ଦେଇଛନ୍ତି। ଏବେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନରେ ଡିନ୍ ରୂପେ କାର୍ଯ୍ୟରତ ଅଛନ୍ତି ପ୍ରଫେସର ସବିତା ପ୍ରଧାନ। ଯାଜପୁର ରୋଡର ମୂଳବାସିନ୍ଦା ପ୍ରଫେସର ସବିତା ପ୍ରଧାନ ଦୀର୍ଘବର୍ଷ ଧରି ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଅଧାପନା ସହ ଗବେଷଣା କରିଛନ୍ତି। ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ସେ ଅତ୍ୟନ୍ତ ଖୁସି ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ। ଓଡ଼ିଆ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଭାବରେ ସେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସ୍ୱତନ୍ତ୍ର ଅଧ୍ୟୟନ ଓ ଗବେଷଣା ଉପରେ ଗୁରୁତ୍ୱ ଦେବେ। ନିଜ ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱର ସହ ତୁଲାଇବା ସହିତ ଏହି ନୂତନ ବିଶ୍ୱବିଦ୍ୟାଳୟର ଉନ୍ନତି ପାଇଁ ସମର୍ପିତ ଭାବରେ କାର୍ଯ୍ୟ କରିବେ। ପ୍ରଫେସର ସବିତା ପ୍ରଧାନ ରାଉରକେଲା ଓ ଯାଜପୁର ରୋଡର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନ ପରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ଏମଏ ପଢ଼ିଥିଲେ। ଓଡିଆ ଭାଷା ଓ ସାହିତ୍ୟ ଉପରେ ଉଚ୍ଚତର ଗବେଷଣା କରିବା ସହ ଅନେକ ଛାତ୍ରଙ୍କ ପିଏଚଡି ଗାଇଡ୍ ରୂପେ କାମ କରିଛନ୍ତି ପ୍ରଫେସର ସବିତା ପ୍ରଧାନ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଡେଙ୍ଗୁ ହଟ୍‌ସ୍ପଟ ...

ରୋଗୀଙ୍କ ସଂଖ୍ୟା ରୋକିବା ଲାଗି ବିଏମ୍‌ସି ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଥିଲେ ସୁଦ୍ଧା ଏହା ସମୁଦ୍ରକୁ ଶଙ୍ଖେ ଭଳି ପରିସ୍ଥିତି ସୃଷ୍ଟି କରିଛି। ଡେଙ୍ଗୁ ନିୟନ୍ତ୍ରଣ କରିବା ପାଇଁ ବିଏମ୍‌ସି ପକ୍ଷରୁ ମଶା ଉପ୍ତିସ୍ଥଳ ଚିହ୍ନଟ କରାଯାଇ ସେଗୁଡ଼ିକ ନଷ୍ଟ କରାଯାଉଛି ବୋଲି କହୁଛି ବିଏମ୍‌ସି। ଘର ଘର ସମ୍ପର୍କ ଓ ସମ୍ବେଦନଶୀଳ ସ୍ଥାନ ପରିଦର୍ଶନ ଓ ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ୨୫ ହଜାରରୁ ଅଧିକ ପରିଦର୍ଶନ ହୋଇଥିବାବେଳେ ପ୍ରାୟ ୩୩ ହଜାର ମଶା ଲାର୍ଭା ଉତ୍ସକୁ ନଷ୍ଟ କରାଯାଇଛି। ଯଦି ଏତେ ସଂଖ୍ୟକ ମଶା ଲାର୍ଭା ନଷ୍ଟ କରାଗଲା ଡେଙ୍ଗୁ ମାଡୁଛି କାହିଁକି? ୨୫ ଗାଡ଼ି ଅବ୍ୟବହୃତ ଟାୟାରକୁ ବିଭିନ୍ନ ସ୍ଥାନରୁ ସଂଗ୍ରହ କରାଯାଇଛି ବୋଲି ସଫେଇ ଦେଉଛି ବିଏମ୍‌ସି। ପ୍ରତ୍ୟେକ ଦିନ ମଶା ତେଲ ଓ ମଶା ଧୂଆଁ ପ୍ରୟୋଗ କରାଯାଉଥିବା ବିଏମ୍‌ସି କହୁଥିଲେ ବି ମଶା ମରୁନାହାନ୍ତି କାହିଁକି? ମଶା ତେଲ, ମଶା ଧୂଆଁ ଓ ଘାସକଟା ଆଦି କାମକୁ ଗୁରୁତ୍ୱ ଦେବା ପାଇଁ ବିଏମ୍‌ସି କମିସନର ନିର୍ଦ୍ଦେଶ ଦେଇଛନ୍ତି। ଘର ଘର ସମ୍ପର୍କକୁ ଜୋରଦାର କରିବା ପାଇଁ ବିଏମ୍‌ସି ନିର୍ଦ୍ଦେଶ ଦେଇଛନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କୁ ସଚେତନତା କରାଇବାକୁ ଗୁରୁତ୍ୱାରୋପ କରିଛନ୍ତି। ହଟ୍‌ସ୍ପଟ୍ ଅଞ୍ଚଳରେ ସ୍ଥାନୀୟ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଟିମ୍ ସାଇନ୍, ସ୍ୱଚ୍ଛସାଥୀ ପ୍ରମୁଖ ଘର ଘର ବୁଲି ଲୋକମାନଙ୍କୁ ସଚେତନତା କରାଇବା କାମ ଜାରି ରହିଥିବା ନେଇ ସୂଚନା ଦେଇଛି ବିଏମ୍‌ସି। ଏଥିରେ ସ୍ଥାନୀୟ କର୍ପୋରେଟରଙ୍କ ସହଯୋଗ ଲୋଡ଼ିଛି ବିଏମ୍‌ସି। ଏହା ସହ 'ଘର ଘର ସଂପର୍କ ଅଭିଯାନ'କୁ ଜୋରଦାର କରିବାକୁ ବିଏମ୍‌ସି କମିସନର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହଟ୍ ସ୍ପଟ୍ ଅଞ୍ଚଳରେ ସ୍ଥାନୀୟ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଟିମ୍ ସାଇନ, ସ୍ୱଚ୍ଛ ସାଥୀ ପ୍ରମୁଖ ଘର ଘର ବୁଲି ଲୋକମାନଙ୍କୁ ସଚେତନ କରାଇବା କାର୍ଯ୍ୟ ଜାରି ରହିଥିବା ବେଳେ, ସ୍ୱଚ୍ଛସାଥୀ, ଆଶାକର୍ମୀ ଅଙ୍ଗନବାଡ଼ି କର୍ମୀମାନେ ମିଶି ଏହାକୁ ଚଳାଇଛନ୍ତି ବୋଲି ବିଏମ୍‌ସି ପ୍ରଚାର କରୁଛି। ମାତ୍ର ରାଜଧାନୀରେ ବେକାବୁ ହେଉଛି ଡେଙ୍ଗୁ।

### ଭଡ଼ା ଗାଡ଼ିକୁ ...

ଅଫିସରମାନେ ଭଡ଼ାରେ ଗାଡ଼ି ଆଣିପାରିବେ ନାହିଁ। ଆଉ ଭଡ଼ାରେ ଆସିଥିବା ଗାଡ଼ି ଯଦି ୭ବର୍ଷ ପୁରୁଣା ହୋଇଥାଏ, ତାକୁ ତୁରନ୍ତ ବଦଳାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ନୂଆ ଅଫିସ କିମ୍ବା ଅଫିସରଙ୍କ ପାଇଁ ଗାଡ଼ି ଭଡ଼ାରେ ଆଣିବା ନିମନ୍ତେ ଅର୍ଥ ବିଭାଗର ଅନୁମୋଦନ ଜରୁରୀ। ଭଡ଼ାରେ ଆସିଥିବା ଗାଡ଼ି ଛୁଟିଦିନରେ କିମ୍ବା ଅଫିସ୍ ସମୟ ବାହାରେ କୌଣସି ପ୍ରକାରର ଘରୋଇ ଓ ବ୍ୟବସାୟିକ ଉଦ୍ଦେଶ୍ୟରେ ଉପଯୋଗ ହୋଇପାରିବ ନାହିଁ। ଅର୍ଥ ବିଭାଗ ନିଜର ସବୁ ପୁରୁଣା ନିର୍ଦ୍ଦେଶନାମାର ସମୀକ୍ଷା କରିବା ସହ ସରକାରୀ କାର୍ଯ୍ୟ ନିମନ୍ତେ ଘରୋଇ ଡିଜେଲ ଓ ପେଟ୍ରୋଲ ଗାଡ଼ିକୁ ଭଡ଼ାରେ ଆଣିବା ନିୟମକୁ କଡ଼ାକଡ଼ି ପାଳନ କରିବାକୁ ପରାମର୍ଶ ଦେଇଛି। ଏହାସହିତ କେଉଁ ବର୍ଗର ଅଫିସରମାନେ କେଉଁ ଧରଣର ଗାଡ଼ି ଚଢ଼ିବେ ଓ ସେମାନଙ୍କ ପାଇଁ ଏ ବାବଦରେ ସର୍ବାଧିକ ଆର୍ଥିକ ପ୍ରାବଧାନ ମାସିକ କେତେ ରହିବ ତା'ର ଚିଠା ମଧ୍ୟ ଅର୍ଥ ବିଭାଗ ଜାରି କରିଛି। ବ୍ଲକ-ତହସିଲ ଓ ଅନ୍ୟ ଫିଲଡ୍ ଅଫିସରମାନେ ଟିୟୁଭି ୩୦୦, ବୋଲେରୋ, ଟାଟା ସୁମୋ ଗୋଲଡ୍ ,ଏର୍ଟିଗା ଆଦି ଗାଡ଼ି ଉପଯୋଗ କରିପାରିବେ। ଏଥିପାଇଁ ସେମାନଙ୍କୁ ମାସିକ ଗାଡ଼ି ଭଡ଼ା ବାବଦରେ ସର୍ବାଧିକ ୩୧ହଜାର ଟଙ୍କା (ଟ୍ୟାକ୍ସକୁ ବାଦ ଦେଇ) ଓ ୧୦କିମିକୁ ଗୋଟିଏ ଲିଟର ତେଲ ମିଳିବ। ସେହିପରି ଜିଲ୍ଲା ଓ ରେଞ୍ଜସ୍ତରର ଅଫିସର ଏବଂ ବିଭାଗୀୟ ମୁଖ୍ୟ/ସଚିବ (ପୁଲ ଗାଡ଼ି) ଟିଆଗୋ, ବୋଲଟ, ସିଲେରିଓ ଆଦି ଗାଡ଼ି ଉପଯୋଗ କରିବେ ଓ ଏଥିପାଇଁ ସର୍ବାଧିକ ୨୦ହଜାର ଟଙ୍କା ଓ ୧୭କିମିରେ ଗୋଟିଏ ଲିଟର ତେଲ ଦିଆଯିବ। ଜିଲ୍ଲାପାଳ-ଏସପି ଓ ଅନ୍ୟ ସମାନ ପାହ୍ୟାର ଅଫିସର ନିଜ ଉପଯୋଗ ପାଇଁ ସ୍କର୍ପିଓ, କ୍ରେଟା, ମହିନ୍ଦ୍ରା ମାରଜୋ ଆଦି ଗାଡ଼ି ଉପଯୋଗ କରିବେ। ସେମାନଙ୍କୁ ମାସିକ ସର୍ବାଧିକ ୩୭ହଜାର ଟଙ୍କା ସହ ୧୦କିମିରେ ଗୋଟିଏ ଲିଟର ତେଲ ଦିଆଯିବ। ସ୍ୱତନ୍ତ୍ର ସଚିବ, ଅତିରିକ୍ତ ସିବ, ବିଭାଗୀୟ ମୁଖ୍ୟ ନିଜର ସରକାରୀ ଉପଯୋଗ ପାଇଁ ଜେଷ୍ଟ, ଟିଗୋର, ସ୍ୱିଫ୍ଟ ଡିଜାଏର, ଏକ୍ସେଣ୍ଟ, ଇଟିଅସ୍ (ପେଟ୍ରୋଲ ଆଦି ଗାଡ଼ି ଭଡ଼ାରେ ନେଇପାରିବେ। ଏଥିପାଇଁ ସେମାନଙ୍କୁ ସର୍ବାଧିକ ମାସିକ ୨୭ହଜାର ଟଙ୍କା ଓ ୧୭କିମିକୁ ଗୋଟିଏ ଲିଟର ତେଲ ମିଳିବ। ସେହିପରି ପ୍ରମୁଖ ସଚିବ, ସଚିବ ଓ ସମାନ ପାହ୍ୟାର ଅଫିସରଙ୍କୁ ନିଜସ୍ୱ ସରକାରୀ କାର୍ଯ୍ୟରେ ଉପଯୋଗ ପାଇଁ ସିଆଜ୍, ହୋଣ୍ଡା ସିଟି ଆଦି ଗାଡ଼ି ମିଳିବ। ତାଙ୍କୁ ମାସିକ ୩୦ହଜାର ଟଙ୍କା ଓ ୧୨କିମିକୁ ଗୋଟିଏ ଲିଟର ତେଲ ମଧ୍ୟ ମିଳିବ। ଆପେକ୍ସ ସ୍କେଲ ପାଉଥିବା ଅଫିସର, ମନ୍ତ୍ରୀ ଓ ଅନ୍ୟ ପଦାଧିକାରୀଙ୍କୁ ଇନୋଭା, ହେକ୍ସା, ଏକ୍ସୟୁଭି୫୦୦ ଗାଡ଼ି ଭଡ଼ାରେ ଆଣି ଉପଯୋଗର ଅନୁମତି ମିଳିଛି। ସେଥିପାଇଁ ମାସିକ ୪୨ହଜାର ଟଙ୍କା ଟଙ୍କା ଓ ୯କିମିକୁ ଗୋଟିଏ ଲିଟର ତେଲ ମିଳିବ। ସେହିପରି କଲେଜ, ବିଶ୍ୱବିଦ୍ୟାଳୟ, ପ୍ରଶିକ୍ଷଣ ସଂସ୍ଥାନ ଓ ଅନ୍ୟ ଅନୁଷ୍ଠାନଗୁଡ଼ିକ ୩୦-୩୨ ସିଟର ବିଶିଷ୍ଟ ଘରୋଇ ମିନି ବସ୍ ଭଡ଼ାରେ ଆଣିପାରିବେ। ଏଥିପାଇଁ ମାସିକ ସର୍ବାଧିକ ୮୫ହଜାର ଟଙ୍କା ଓ ୬କିମିକୁ ଗୋଟିଏ ଲିଟର ତେଲ ଆକାରରେ ଭଡ଼ା ପୈଠ କରାଯିବ। ପ୍ରଶାସନିକ ବିଭାଗଗୁଡ଼ିକ ପ୍ରଚଳିତ ନିର୍ଦ୍ଦେଶନାମା ଅନୁସାରେ ଉପଯୋଗ କରୁଥିବା ସରକାରୀ ଗାଡ଼ିକୁ ନଷ୍ଟ କରିବା ପରେ ହିଁ ସରକାରୀ କାର୍ଯ୍ୟ ନିମନ୍ତେ ଭଡ଼ାରେ ଗାଡ଼ି ଆଣିପାରିବେ। ସେହିପରି ଗାଡ଼ି ଭଡ଼ା ଆଣିବାବେଳେ ପ୍ରଦୂଷଣକୁ ଦୃଷ୍ଟିରେ ରଖି ବିଏସ-୬ ଗାଡ଼ି ଆଣିବାକୁ ପରାମର୍ଶ ଦିଆଯାଇଛି। ଏହି ଭଡ଼ା ବାବଦ ଦେୟରେ ତେଲ ଖର୍ଚ୍ଚ ସାମିଲ କରାଯାଇନି। ବିଭାଗୀୟ ମୁଖ୍ୟ ଓ ତଦୂର୍ଦ୍ଧ୍ୱ ଅଫିସରଙ୍କୁ ମାସିକ ସର୍ବାଧିକ ୨୫୦୦କିମି ପର୍ଯ୍ୟନ୍ତ, ପୁଲ୍ ଡ୍ୟୁଟିରେ ଥିବା ଅନ୍ୟ ଅଫିସରଙ୍କୁ ମାସିକ ସର୍ବାଧିକ ୨୦୦୦କିମି ପର୍ଯ୍ୟନ୍ତ ଯାତାୟତର ସୁବିଧା ମିଳିବ। ୨୦% ପ୍ରତିଶତରୁ ଅଧିକ କିମି ଗାଡ଼ି ଚାଲିଲେ ଏଥିପାଇଁ ପ୍ରଶାସନିକ ବିଭାଗର ଅନୁମୋଦନ ଜରୁରୀ। ନିର୍ଦ୍ଧାରିତ ପ୍ରକ୍ରିୟାରେ ଟେଣ୍ଡର କରି ଗାଡ଼ି ଆଣିବାକୁ ଅର୍ଥ ବିଭାଗ କହିବା ସହ ଗାଡ଼ି ଭଲ କଣ୍ଡିସନରେ ଥିବା ତଥା ୩ବର୍ଷରୁ ଅଧିକ ପୁରୁଣା ହୋଇନଥିବା ଜରୁରୀ। ଯେଉଁଠି ୭ବର୍ଷରୁ ଅଧିକ ପୁରୁଣା ଗାଡ଼ି ଥିବ ସେଠାରେ ସମ୍ପୃକ୍ତ ଗାଡ଼ିକୁ ବଦଳାଇ ନୂଆ ଗାଡ଼ି ଜରୁରୀ। ଗାଡ଼ି ଯୋଗାଇଥିବା ସଂସ୍ଥା ଉକ୍ତ ଗାଡ଼ିର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବା ଦରକାର। ଅଫିସ୍ ଅବଧି ବାହାରେ ଅବା ଛୁଟିଦିନଗୁଡ଼ିକରେ କୌଣସି ପରିସ୍ଥିତିରେ ଉକ୍ତ ଗାଡ଼ି ଘରୋଇ କିମ୍ବା ବ୍ୟବସାୟିକ କାର୍ଯ୍ୟରେ ଉପଯୋଗ ହୋଇପାରିବ ନାହିଁ।

### ନବୀନଙ୍କ ...

୨୦୧୭ ମସିହାରୁ ଶ୍ରମିକ ବୋର୍ଡ ଜରିଆରେ ୩ଲକ୍ଷ ୬୫ହଜାର ପଞ୍ଜିକୃତ ଶ୍ରମିକଙ୍କୁ ବିଭିନ୍ନ ସୁବିଧା ଯୋଗାଇ ଦେଉଛନ୍ତି ରାଜ୍ୟ ସରକାର। ଦେଶରେ ନବୀନଙ୍କ ଯୋଜନା ଢାଞ୍ଚାରେ ବିଶ୍ୱକର୍ମା ଯୋଜନା କାର୍ଯ୍ୟକାରୀ ହେବା ଭଲ ନିଷ୍ପତ୍ତି ବୋଲି ବିଜେଡି କହିଛି। ପୂର୍ବରୁ ରାଜ୍ୟ ସରକାରଙ୍କ କାଳିଆ, ମମତା ପରି ଅନେକ ଯୋଜନାକୁ ପୂରା ଦେଶ ଅନୁକରଣ କରି ବିଭିନ୍ନ ଯୋଜନା କରିଛି। ଅନେକ ସମୟରେ କେନ୍ଦ୍ର ଯୋଜନାଠାରୁ ରାଜ୍ୟ ସରକାରଙ୍କ ଯୋଜନାରେ ବହୁତ ଭଲ ବ୍ୟବସ୍ଥା ଥିବା ବି ପ୍ରମାଣିତ ହୋଇଛି। ଜନସେବାରେ ୨୫ବର୍ଷ ଧରି ମୁଖ୍ୟମନ୍ତ୍ରୀ ଲୋକଙ୍କ ପାଇଁ ବିଭିନ୍ନ ଯୋଜନା କରି ସଫଳତା ହାସଲ କରିଥିବାରୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ରାଜ୍ୟ ସରକାରଙ୍କୁ ପ୍ରଶଂସା ମିଳିଛି। ରାଜ୍ୟ ଢାଞ୍ଚାରେ ଦେଶରେ ବିଭିନ୍ନ ଯୋଜନା ଲାଗୁ ହେବା ଓଡ଼ିଶା ପାଇଁ ଗର୍ବ ବୋଲି ବିଜେଡି ବିଧାୟକ ଶଶିଭୂଷଣ ବେହେରା କହିଛନ୍ତି। ଅଣସଂଗଠିତ ଶ୍ରମିକଙ୍କ ସାମାଜିକ ସୁରକ୍ଷାକୁ ମୁଖ୍ୟମନ୍ତ୍ରୀ ସବୁବେଳେ ଗୁରୁତ୍ୱ ଦେଇ ବିଭିନ୍ନ ପ୍ରକାର ସହାୟତା ଯୋଗାଇ ଦେଉଛନ୍ତି। ନବୀନଙ୍କ ଏପରି ନିଷ୍ପତ୍ତିରେ ଲକ୍ଷ ଲକ୍ଷ ଶ୍ରମିକ ଉପକୃତ ହେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଶ୍ରମିକ କଲ୍ୟାଣ ନୀତି ଏବେ ଦେଶ ଗ୍ରହଣ କରିବାକୁ ଯାଉଛି।

### କେନ୍ଦ୍ର ଅର୍ଥକୁ ...

ଉଚିତ୍ ବୋଲି ସେ କହିଥିଲେ। 'ସମ୍ଭାବନା : ଡିଜିଟାଲ ଯୁଗରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବୃତ୍ତି' ଶୀର୍ଷକରେ ବିଷୟବସ୍ତୁ ଉପରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ଶ୍ରୀମତୀ ସୀତାରମଣ ଆହୁରି ମଧ୍ୟ କହିଥିଲେ ଯେ, ପୂର୍ବରୁ ଓଡ଼ିଶାକୁ ଜିଏସଟି ସଂଗ୍ରହ, ଖଣି ରାଜସ୍ୱ ଓ ଆର୍ଥିକ କ୍ଷେତ୍ରରେ ଅନୁଦାନ ବାବଦକୁ ୩ ଲକ୍ଷ କୋଟି ଟଙ୍କା ଆସୁଥିବାବେଳେ ବିଗତ ୯ ବର୍ଷରେ ମୋଦି ସରକାରରେ ୧୮ ଲକ୍ଷ କୋଟି ଟଙ୍କା ଆସିଛି। ଯଦି ଓଡ଼ିଶାର ମହିଳାଙ୍କୁ ପ୍ରଯୁକ୍ତିବିଦ୍ୟା ସହ ଯୋଡ଼ାଯିବ ଓ ମୋଦିଜୀ ଓଡ଼ିଶାକୁ ପଠାଇଥିବା ଟଙ୍କାର ସଠିକ୍ କ୍ରିୟାନ୍ୱୟନ ହେବ ତେବେ ଓଡ଼ିଶାର ବିକାଶ ହୋଇପାରିବ। ଏହି ଅବସରରେ ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକ କଦଳୀଗଡ ପଞ୍ଚାୟତ କନ୍ଧରା ଗ୍ରାମର ବୁଣାକାର ପରିବାରର ମହିଳାମାନେ ଶ୍ରୀମତୀ ସୀତାରମଣଙ୍କୁ ଭେଟି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଶାଢୀ ପ୍ରଦାନ କରିବା ସହ ଭାରତ ସରକାରଙ୍କ ୨ କୋଟି ମହିଳାଙ୍କୁ 'ଲକ୍ଷପତି ଦିଦି' ସୃଷ୍ଟି କରିବାର ନିଷ୍ପତ୍ତି ପାଇଁ ଧନ୍ୟବାଦ ଜଣାଇଥିଲେ। ଏହାପୂର୍ବରୁ ଶ୍ରୀମତୀ ସୀତାରମଣ ହୋଟେଲ ମେ'ଫେୟାରରେ କୁଇ ଏବଂ ଦେଶିଆ ଭାଷା ଶିକ୍ଷା ପୁସ୍ତକ ଏବଂ ଡାକ ଲଫାପା ଉନ୍ମୋଚନ କରିଥିଲେ। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନଙ୍କ ଉପସ୍ଥିତିରେ ଏହି ପୁସ୍ତକ ଉନ୍ମୋଚନ କରାଯାଇଛି। ଜାତୀୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ (ଏନସିଇଆରଟି) ଏବଂ କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା ସହଭାଗିତାରେ ଦୁଇଟି ପୁସ୍ତକ ପ୍ରସ୍ତୁତ କରାଯାଇଛି। କୁଇ ଏବଂ ଦେଶିଆ ଭାଷାଭାଷୀ ପିଲାମାନଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷାଦାନ ଲାଗି ପୁସ୍ତକ ଦୁଇଟି ସହାୟକ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀମତୀ ସୀତାରମଣ କହିଥିଲେ।

### ସମସ୍ତଙ୍କ ପାଇଁ ...

ବିଚାର କରାଯିବା ଦରକାର। ଯେକୌଣସି ହେଟସ୍ପିଚ୍‌କୁ ଆଇନ ଅନୁସାରେ ବିଚାର କରାଯିବ। ହରିଆଣାର ନୁହ ସାଂପ୍ରଦାୟିକ ଦଙ୍ଗା ପରେ ଏକାଧିକ ହିନ୍ଦୁ ସଂଗଠନ ମୁସଲିମମାନଙ୍କୁ ବୟକଟ କରିବାକୁ ଆହ୍ୱାନ ଦେଇଥିଲେ। ଏ ସଂକ୍ରାନ୍ତ ଆବେଦନର ଶୁଣାଣି ଅଗଷ୍ଟ ୨୫କୁ କୋର୍ଟ ଘୁଞ୍ଚାଇ ଦେଇଛନ୍ତି। କୋର୍ଟ ଆଶା ପୋଷଣ କରିଛନ୍ତି ଯେ ତେହସୀନ ପୁନାୱାଲାଙ୍କ ଗାଇଡଲାଇନକୁ ସମସ୍ତେ ପାଳନ କରିବେ। ଗୁରୁଗ୍ରାମରେ ମସଜିଦ ବନ୍ଦ କରିବା ଓ ମୁସଲିମମାନଙ୍କୁ ବୟକଟ କରିବାକୁ ଆହ୍ୱାନ ଦେଇଥିବା ଲୋକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ଗୋଟିଏ ଆବେଦନ ସୁପ୍ରିମକୋର୍ଟରେ ଦାଏର କରାଯାଇଛି। ଆବେଦନରେ କୁହାଯାଇଛି ଯେ ନୁହ୍ ହିଂସା ପରେ ଏକାଧିକ ରାଜ୍ୟରେ ୨୭ରୁ ଅଧିକ ରାଲି କରାଯାଇଥିଲା। ଏହି ସବୁ ରାଲିରେ ଯୋଗ ଦେଇଥିବା ଲୋକମାନଙ୍କୁ ମୁସଲିମମାନଙ୍କୁ ହତ୍ୟା ଓ ସେମାନଙ୍କର ସାମାଜିକ ବୟକଟ ପାଇଁ ଆହ୍ୱାନ ଦିଆଯାଇଛି। ଅଗଷ୍ଟ ୧ରୁ ଅଗଷ୍ଟ ୭ ମଧ୍ୟରେ ହୋଇଥିବା ରାଲି ଗୁଡ଼ିକର ତାଲିକା ମଧ୍ୟ ଆବେଦନରେ ଯୋଡ଼ାଯାଇଛି।

### 'ପିପିଲି ଚାନ୍ଦୁଆ ...

କରିଥିଲେ ଫାଇଭ-ଟି ସଚିବ। ସେଠାରେ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶ୍ରୀ କମଳେଶ୍ୱର ମହାଦେବ ମନ୍ଦିରରେ ପହଞ୍ଚି ଆଶିର୍ବାଦ ନେବା ସହ ମନ୍ଦିରର ଉନ୍ନତି ପାଇଁ ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ପରେ ଜନଶୁଣାଣି କାର୍ଯ୍ୟକ୍ରମରେ ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବ୍ଲକରେ ପାନୀୟ ଜଳ ଯୋଗାଣ ପାଇଁ ୨ଶହ କୋଟି ଟଙ୍କା ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ଏହି ପାନୀୟ ଜଳ ପ୍ରକଳ୍ପ ଡିସେମ୍ବର ମାସ ସୁଦ୍ଧା କରାଯିବ। ପୁରୀକୁ ସଂଯୋଗ କରିବା ଲାଗି ଚିଲିକା ହ୍ରଦରେ ସେତୁ ନିର୍ମାଣ ପାଇଁ ପରିବେଶ ମଞ୍ଜୁରୀ ମିଳିଲେ ଖୁବଶୀଘ୍ର କାମ ଆରମ୍ଭ କରାଯିବ ବୋଲି ୫ଟି ସଚିବ ଲୋକଙ୍କୁ ପ୍ରତିଶୃତି ଦେଇଥିଲେ। ପୁରୀ ଭୂଦାନ ପଡିଆରେ ସାଧାରଣ ସଭାରେ ଯୋଗ ଦେଇଛନ୍ତି ୫ଟି ସଚିବ। ଲୋକଙ୍କ ପାଖକୁ ଯାଇ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଚାଷୀ ମାନଙ୍କ ଦରଖାସ୍ତକୁ ପ୍ରାଧାନ୍ୟ ଦିଆଯିବ। ଜମି ସମସ୍ୟା ଉପରେ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିବି ବୋଲି ପାଣ୍ଡିଆନ କହିଛନ୍ତି। ଆସନ୍ତା ସାତ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ଖୁସି ଖବର ଦେବେ। ପିଇବା ପାଣି ସମସ୍ୟା ତୁରନ୍ତ ସମାଧାନ ହେବ। କାଲି ସକାଳେ ଯନ୍ତ୍ରୀ ଲୋକଙ୍କ ଘରକୁ ଯିବେ। ପୁରୀ ଜିଲ୍ଲାର ଯୁକ୍ତ ଦୁଇ ଓ ଡିଗ୍ରୀ କଲେଜ ଫାଇଭ-ଟିରେ ସାମିଲ କଲେ ମୁଖ୍ୟମନ୍ତ୍ରୀ। ପୁରୀର ବିକାଶ କାମ ମୁଖ୍ୟମନ୍ତ୍ରୀ ନିଜ ହାତକୁ ନେଇଛନ୍ତି। ଯାହା ୫୦୦ ବର୍ଷରେ ହୋଇ ନଥିଲା, ତାହା ଆଉ ହଜାରେ ବର୍ଷ ଯାଏ କରିବାକୁ ପଡିବ ନାହିଁ ବୋଲି ପାଣ୍ଡିଆନ କହିଛନ୍ତି। ସମସ୍ୟା ବୁଝିବା ପାଇଁ ଲୋକଙ୍କ ପାଖକୁ ସିଏମଓକୁ ପଠାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଥିଯୋଗୁଁ ସମସ୍ୟାର ସମାଧାନ ତୁରନ୍ତ ହେବା ସହ ତୃଣମୂଳସ୍ତରରେ ସରକାରୀ ଯୋଜନା ପହଞ୍ଚି ପାରୁଛି।

### ରକ୍ଷଣାବେକ୍ଷଣ ...

ଏଥିରୁ ୧୬୯ ଡିସିମିଲ ସାଧାରଣ ପ୍ରଶାସନ ବିଭାଗ ଅଧୀନରେ ଓ ବାକି ଜମି କପିଳେଶ୍ୱରଦେବ ବିଜେ ନିଜଗାଁ ମାର୍ଫତ ଟ୍ରଷ୍ଟ ବୋର୍ଡ ପାଖରେ ରହିଛି। ବିଶ୍ୱାସ ରହିଛି, ଋଷି କପିଳଙ୍କ ଏହା ହେଉଛି ଜନ୍ମସ୍ଥା। ଏ ସମ୍ପର୍କରେ ଗଣମାଧମକୁ ପ୍ରତିକ୍ରିୟା ଦେଇ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି ଯେ,କପିଳେଶ୍ୱର ମନ୍ଦିରକୁ ଏଏସଆଇ ସଂରକ୍ଷିତ କୀର୍ତ୍ତିରାଜି ଭାବେ ମାନ୍ୟତା ମିଳିଛି। ଏକାମ୍ର କ୍ଷେତ୍ରର ସେବାୟତ ଓ ବାସିନ୍ଦାଙ୍କ ଦୀର୍ଘଦିନର ଇଚ୍ଛା ପୂରଣ ହେଲା। ଏଥିପାଇଁ ସେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି କିଶାନ ରେଡ୍ଡିଙ୍କୁ ଧନ୍ୟବାଦ ଦେଇଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶାରେ ଏବେ ମୋଟ ୮୦ଟି ଜାତୀୟ ସଂରକ୍ଷିତ କୀର୍ତ୍ତିରାଜି ରହିଛି ଯାହାର ରକ୍ଷଣାବେକ୍ଷଣ ଏଏସଆଇ କରୁଛି। ଏଥିରୁ କେବଳ ଭୁବନେଶ୍ୱରରେ ଲିଙ୍ଗରାଜ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, ପର୍ଶୁରାମେଶ୍ୱର ମନ୍ଦିର ସମେତ ମୋଟ ୨୧ଟି କୀର୍ତ୍ତିରାଜି ରହିଛି।

### ସ୍ୱାସ୍ଥ୍ୟ ହେଉଛି ...

ଯୋଗ ଦିବସ ପାଳନ ସାମଗ୍ରିକ ସ୍ୱାସ୍ଥ୍ୟର ସାର୍ବଜନୀନ ଇଚ୍ଛାର ଏକ ଇଚ୍ଛାପତ୍ର ପାଲଟିଛି। ଚଳିତ ବର୍ଷ ୨୦୨୩ ଆନ୍ତର୍ଜାତିକ ମିଲେଟ ବର୍ଷ ଭାବେ ପାଳନ କରାଯାଉଛି। ଭାରତରେ ପରିଚିତ ଶ୍ରୀ ଅନ୍ନ ବା ମିଲେଟର ଅନେକ ସ୍ୱାସ୍ଥ୍ୟଗତ ଉପକାରିତା ରହିଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆମର ବିଶ୍ୱାସ ସ୍ୱାସ୍ଥ୍ୟ ଏବଂ ସୁଧାର ପ୍ରତ୍ୟେକଙ୍କ ନମନୀୟତାକୁ ବୃଦ୍ଧି କରିବ। ଗୁଜରାଟର ଜାମନଗରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପାରମ୍ପରିକ ଭେଷଜ କେନ୍ଦ୍ର ପ୍ରତିଷ୍ଠା ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବିଶ୍ୱ ସାସ୍ଥ୍ୟ ସଂଗଠନର ପାରମ୍ପରିକ ଔଷଧ ଉପରେ ବୈଶ୍ୱିକ ଶିଖର ବୈଠକ ଓ ତାହା ପୁଣି ଜି-୨୦ ସ୍ୱାସ୍ଥ୍ୟ ମନ୍ତ୍ରୀମାନଙ୍କ ସହ ଏହି ସାମର୍ଥ୍ୟ ବୃଦ୍ଧି ଦିଗରେ ଅଧିକ ଉପାଦେୟ ହେବ। ପାରମ୍ପରିକ ଔଷଧର ବୈଶ୍ୱିକ ଗନ୍ତାଘର ସୃଷ୍ଟି କରିବା ଆମର ମିଳିତ ଉଦ୍ୟମ ହେବା ଆବଶ୍ୟକ। ସ୍ୱାସ୍ଥ୍ୟ ଓ ପରିବେଶ ଜୈବିକ ଦୃଷ୍ଟିକୋଣରୁ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିବାରୁ ମୁକ୍ତ ବାୟୁ, ନିରାପଦ ପାନୀୟ ଜଳ, ପର୍ଯ୍ୟାପ୍ତ ପୌଷ୍ଟିକତା ଓ ନିରାପଦ ଆଶ୍ରୟସ୍ଥଳ ସ୍ୱାସ୍ଥ୍ୟ ପାଇଁ ପ୍ରଧାନ ଅବଲମ୍ବନ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଜଳବାୟୁ ଓ ସ୍ୱାସ୍ଥ୍ୟ ଦିଗରେ ପଦକ୍ଷେପ ନେଇଥିବାରୁ ସେ ଗଣ୍ୟମାନ୍ୟ ଅତିଥିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅଣୁ କୀଟାଣୁ ପ୍ରତିରୋଧକ ନିରୋଧୀ (ଏଏମଆର)ର ଭୟ ଉପରେ ନେଇଥିବା ପଦକ୍ଷେପ ପ୍ରଶଂସନୀୟ ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏଏମଆର ବୈଶ୍ୱିକ ଜନ ସ୍ୱାସ୍ଥ୍ୟ ଓ ସମସ୍ତ ଔଷଧପତ୍ର ପ୍ରସ୍ତୁତି କ୍ଷେତ୍ରରେ ଏକ ବିରାଟ ବିପଦ ସୃଷ୍ଟି କରିଛି। ଜି-୨୦ କାର୍ଯ୍ୟକାରୀ ଗୋଷ୍ଠୀ 'ଗୋଟିଏ ସ୍ୱାସ୍ଥ୍ୟ' ଓ ଆମର ଲକ୍ଷ୍ୟ 'ଗୋଟିଏ ବିଶ୍ୱ' ଗୋଟିଏ ସ୍ୱାସ୍ଥ୍ୟ ସମଗ୍ର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଉନ୍ନତ କରିବ ଓ ଏ ପ୍ରକାର ଲକ୍ଷ୍ୟ ପାଇଁ ପ୍ରଧାନମନ୍ତ୍ରୀ ଖୁସୀ ପ୍ରକଟ କରିଥିଲେ। ମଣିଷ, ପ୍ରାଣୀ, ବୃକ୍ଷଲତା ଓ ପରିବେଶ ପାଇଁ ଏହି ଲକ୍ଷ୍ୟ ଉପକାରୀ। ଏପରି ସମନ୍ୱିତ ମତ କାହାରିକୁ ପଛରେ ନ ପକାଇବା ଭଳି ଗାନ୍ଧିଜୀଙ୍କ ଚିନ୍ତାଧାରା ସହ ସମାନ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

### ଚିନ୍ତା ବଢ଼ାଇଲା ...

ପ୍ୟାକେଟ୍ ଦର ଥିଲା ୪ ହଜାର୧୪୩ ଟଙ୍କା। ଏବେ ହେଲାଣି ୪ହଜାର ୧୫୩ ଟଙ୍କା। ଏହା କେନ୍ଦ୍ର ସରକାରଙ୍କ ଅଚ୍ଛେଦିନର ପ୍ରଭାବ ବୋଲି କଂଗ୍ରେସ କହିଛି। ରାଜ୍ୟ ସରକାର ଗରିବଙ୍କ ମୁଣ୍ଡ ପିଛା ଆୟ ଦେଢ଼ ଲକ୍ଷ ଟଙ୍କା କଲେଣି। ୨୦୩୦ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଦିଗରେ ଅନ୍ୟ ରାଜ୍ୟଠାରୁ ଭଲ ସ୍ଥିତିରେ ରହିଛି ଓଡ଼ିଶା। ୨୦୩୦ ସୁଦ୍ଧା ଲୋକଙ୍କ ଆୟ ଦୁଇଗୁଣରୁ ଅଧିକ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର। କିନ୍ତୁ ଦରଦାମ ନିୟନ୍ତ୍ରଣ କରିବାରେ କେନ୍ଦ୍ର ସରକାର ଯେପରି ବିଫଳ ହୋଇଛନ୍ତି ତାହା ରାଜ୍ୟ ସରକାରଙ୍କ ବିକାଶ ଲକ୍ଷ୍ୟକୁ ବାଟବଣା କରିବ ବୋଲି ଅଭିଯୋଗ ହୋଇଛି। ସବୁ ବର୍ଗର ଲୋକଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି ରାଜ୍ୟ ସରକାର। ଚାଷୀଙ୍କ ଠାରୁ ଆରମ୍ଭ କରି ଶ୍ରମିକ ଓ ମହିଳାଙ୍କ ପାଇଁ ମାଳ ମାଳ ଯୋଜନା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନୀତି ଆୟୋଗ ରିପୋର୍ଟରେ ଗୋଟିଏ ପରେ ଗୋଟିଏ ଜିଲ୍ଲା ଦାରିଦ୍ର୍ୟମୁକ୍ତ ହେଉଛି। କିନ୍ତୁ ଦରଦାମ ବୃଦ୍ଧି ଅନୁଶୀଳନରୁ ଜଣାପଡୁଛି କେନ୍ଦ୍ର ସରକାର ଚାହୁଁନାହାନ୍ତି, ସାଧାରଣ ଗରିବ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠନ୍ତୁ।

### ମୟୁରଭଞ୍ଜ ...

ଆଜିକୁ ପ୍ରାୟ ଆଠ ବର୍ଷ ଧରି ବାରିପଦାରେ ଜଳଘଟେଇ (ଗେଣ୍ଡା) ବିକ୍ରି କରିଆସୁଥିବା ସାନୀୟ ପୋଡା ଅସ୍ତିଆ ଗ୍ରାମର ବେଲ ସିଂ କହନ୍ତି ଯେ, ଏହାକୁ ସେ ଜଳେଶ୍ୱର, ବାଲିଅପାଳ, ଭଦ୍ରକ, ମାର୍କୋଣା, ବସ୍ତା, ରୂପ୍ସା ଆଦି ଅଞ୍ଚଳର ପୋଖରୀରୁ ସଂଗ୍ରହ କରିଥାଆନ୍ତି ଏବଂ ପରଦିନ ବଜାରରେ କିଲୋଗ୍ରାମ ପ୍ରତି ୩୦ ଟଙ୍କା ମୂଲ୍ୟରେ ବିକ୍ରି କରିଥାନ୍ତି। ଖଟିଖିଆ ଲୋକଙ୍କଠାରୁ ଆରମ୍ଭ କରି ବଡ଼ବଡ଼ିଆଙ୍କ ପର୍ଯ୍ୟନ୍ତ ସବୁ ବର୍ଗର ଲୋକ ତାଙ୍କ ନିକଟରୁ ଏଭଳି ଗେଣ୍ଡା କିଣିଥାନ୍ତି। ଦୈନିକ ୨୫ ରୁ ୩୦ କିଲୋଗ୍ରାମ ଗେଣ୍ଡା ବିକ୍ରି କରିଥାନ୍ତି ବୋଲି ବେଲ ସିଂ କହିଛନ୍ତି। କରୋନା ମହାମାରୀ ସମୟରେ ଜଳ ଘଟେଇ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିବା କୁହନ୍ତି ପୋଡା ଅସ୍ତିଆର ରଥ ସିଂ। ଅଟୋ ଭଡ଼ା କରି ପ୍ରତ୍ୟେକ ଦିନ ସକାଳୁ ବାହାରି ମୟୂରଭଞ୍ଜ ସହ ବାଲେଶ୍ୱର ଭଦ୍ରକ ଆଦି ଜିଲ୍ଲାର ଗାଁ ଗଣ୍ଡା ପୋଖରୀରୁ ଗେଣ୍ଡା ସଂଗ୍ରହ କରି ସେ ବଜାରରେ ବିକ୍ରି କରନ୍ତି। ଚାହିଦା ଅନୁସାରେ ଜଳଘଟେଇ ଯୋଗାଇ ହେଉନଥିବା ସେ କହିଛନ୍ତି। ବିଶେଷଜ୍ଞମାନଙ୍କ ମତରେ ଜଳଘଟେଇ ଗେଣ୍ଡାରେ ପ୍ରଚୁର ପରିମାଣରେ ପ୍ରୋଟିନ୍, ଆଇରନ୍, କ୍ୟାଲେସିୟମ୍ ଆଦି ପ୍ରଚୁର ପରିମାଣରେ ରହିଛି। ତେଣୁ ଏହାର ମାଂସ ଖାଇବା ଦ୍ୱାରା ରକ୍ତହୀନତା ଦୂର ହୁଏ। ସେହିପରି ଦୃଷ୍ଟି ଶକ୍ତିବୃଦ୍ଧି, ଚକ୍ଷୁ ସମସ୍ୟା ଦୂର, ହାଡ଼ ଶକ୍ତ ହେବା, ଆଣ୍ଠୁ ଗଣ୍ଠି ବ୍ୟଥା ଆଦି ବିଭିନ୍ନ ସମସ୍ୟା ଦୂର ହୋଇଥାଏ। ଗ୍ରାମାଞ୍ଚଳର ବିଭିନ୍ନ ହାଟରେ ଏହା କଠା ମାପରେ ବିକ୍ରି ହୋଇଥାଏ। କରୋନା ସମୟରେ ଏହାର ଚାହିଦା ବଢ଼ିଥିବା ଜଣାପଡ଼ିଛି। ଜଳଘଟେଇକୁ ଠିକ୍ ଢ଼ଙ୍ଗରେ ରାନ୍ଧି ପାରିଲେ ଖାଇବାକୁ ସ୍ୱାଦିଷ୍ଟ ହୋଇଥାଏ। ପ୍ରଥମେ ଜଳଘଟେଇ ଉପରେ ଥିବା ଶକ୍ତ ଆବରଣକୁ ଭାଙ୍ଗି ସେଥିରୁ ମାଂସ ବାହାର କରାଯାଇଥାଏ। କେହି କେହି ଗରମ ପାଣିରେ ସିଝାଇବା ପରେ ତାକୁ ଭାଙ୍ଗିଥାନ୍ତି। ଏହାଫଳରେ ଭିତରେ ଥିବା ମାଂସକୁ ବାହାର କରିବା ସହଜ ହୋଇଥାଏ। ଏହାପରେ ୪ ରୁ ୫ ଥର ଭଲ ଭାବରେ ଧୋଇ ସେଥିରେ ଥିବା ଲାଳ ଅଂଶକୁ ବାହାର କରିଦିଆଯାଏ। ପରେ ସେଥିରେ ହଳଦୀ, ଲୁଣ, ତେଲ ଓ ଅନ୍ୟାନ୍ୟ ମସଲା ଗୋଳାଇ କଞ୍ଚା କଦଳୀପତ୍ର କିମ୍ବା ଶାଳ ପତ୍ରରେ ବାନ୍ଧି ନିଆଁରେ ପୋଡ଼ି ପତୁଆ ପ୍ରସ୍ତୁତ କରାଯାଏ। ପୁଣି ଗେଣ୍ଡାର ଆଇଁଷିଆ ଗୁଣକୁ କାଟିବା ନିମନ୍ତେ ଏହାର ମାଂସକୁ ସିଝାଇ ପାଣିରୁ ଅଲଗା କରିବା ପରେ ସ୍ୱାଦ ଅନୁସାରେ ଲୁଣ ହଳଦୀ, ପିଆଜ, ଅଦା ରସୁଣ ଆଦି ମସଲା ଓ ତେଲରେ ମାଂସ ରାନ୍ଧିବା ଭଳି ରୋଷେଇ କରାଯାଏ। ଆଧୁନିକ ଯୁଗରେ ମଧ୍ୟ ମୟୂରଭଞ୍ଜର ଏହି ନିଆରା ବ୍ୟଞ୍ଜନ ଆକର୍ଷଣୀୟ ଖାଦ୍ୟ ପାଲଟିଛି।

# କଂଗ୍ରେସ ଦଳର ୯ ଦଫା ଦାବି ନେଇ ବିକ୍ଷୋଭ



**ଅସ୍ତରଙ୍ଗ :** ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ୯ ଦଫା ଦାବି ନେଇ ଶୁକ୍ରବାର ଦିନ ଅସ୍ତରଙ୍ଗ ବ୍ଲକ କଂଗ୍ରେସ କମିଟି ସଭାପତି ସୁକାନ୍ତ କୁମାର ମହାନ୍ତିଙ୍କ ଅଧକ୍ଷ ତାରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସଭା ଅସ୍ତରଙ୍ଗ ବ୍ଲକ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ରାଲି ଅସ୍ତରଙ୍ଗ ତାରିଣୀ ମନ୍ଦିର ଠାରୁ ବାହାରି ବିଜେଡି ସରକାର ବିରୁଦ୍ଧରେ ବିଭିନ୍ନ ନାରାଦେଇ ବ୍ଲକ କାର୍ଯ୍ୟାଳୟ ଆଗରେ ପହଞ୍ଚି ଥିଲା। ସେଠାରେ ଏକ ପ୍ରତିବାଦ ସଭା ବିଜେଡି ସରକାରଙ୍କ ବିରୁଦ୍ଧରେ ଅନୁଷ୍ଠିତ ହୋଇଥିବା ବେଳେ, ବ୍ଲକରେ ପିଶି କାରବାର ବନ୍ଦ, ଦରଦାମର ଅହେତୁକ ବୃଦ୍ଧି, କୃଷିଜାତ ଦ୍ରବ୍ୟର ଅଭାବୀ ବିକ୍ରି ସହ, ଶୀତଳ ଭଣ୍ଡାର ପ୍ରତିଷ୍ଠା, ଟାଟା କମ୍ପାନୀର ଖାଉଟି ମାରଣା ବିଜୁଳି ନୀତି ବନ୍ଦ, ନାରୀ ନିର୍ଯାତନା ବନ୍ଦ, ରାଜ୍ୟର ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ, ପ୍ରକୃତ ଗରିବ ବାସହୀନଙ୍କୁ ଆବାସ ଯୋଜନାରେ ସାମିଲ ଆଦି ଏକ ଦାବିପତ୍ର ବ୍ଲକ୍‌ର ବିଡିଓଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କାରା ଯାଇଥିଲା। ଏହି ପ୍ରତିବାଦ ସଭାରେ ପ୍ରଦେଶ କଂଗ୍ରେସ ଉପ ସଭାପତି ତଥା କାକଟପୁର ନିର୍ବାଚନ ମଣ୍ଡଳିର ବିଧାୟକ ପ୍ରାଥୀ ବିଶ୍ୱଭୂଷଣ ଦାସ, କାକଟପୁର ନିର୍ବାଚନ ମଣ୍ଡଳୀର ଦଳୀୟ କୋଡିନେଟର ଜିତେନ୍ଦ୍ର ନାୟକ, ଯୁବ ନେତା ବିକାଶ ବାରିକ, ପ୍ରଶାନ୍ତ ଭୋଳ, ପ୍ରତାପ ଖୁଣ୍ଟିଆ, ପ୍ରମୁଖ ଭାଷଣ ଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିବାସହ ନୂତନ ଡକ୍ଟର ଡାକ୍ତଖାନାରେ ନିଯୁକ୍ତି, ଉଡଁରିଆ ପୋଲର ନବୀକରଣ, ତାଳଦା ସେତୁ ଶୀଘ୍ର ସମାପ୍ତି, ମାଛ ଧରା ବନ୍ଦରର ପୁନରୁଦ୍ଧାର, ବ୍ଲକରେ କର୍ମଚାରୀଙ୍କ ଅଭାବ ଓ କିଛି କାର୍ଯ୍ୟ ନ ହେବା ଆଦି ଉପରେ ବ୍ୟକ୍ତବ ରଖିଥିଲେ। ଏହି ପ୍ରତିବାଦ ସାଭରେ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇ ଥିବାର ଦେଖାଯାଇଥିଲା ।

# ଗଣ୍ଡତୁରୁମ ଉଚ୍ଚ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ



**ବରଗଡ଼ :** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅନ୍ତର୍ଗତ ଗଣ୍ଡତୁରୁମ ଉଚ୍ଚ ବିଦ୍ୟାଳୟ ପରିସରରେ ୭୭ତମ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି। ପ୍ରଭାତଫେରି ସକାଳ ୭ଟା ସମୟରେ ଛାତ୍ରଛାତ୍ରୀ ମାନଙ୍କ ସହ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଅଂଶଗ୍ରହଣକରି ଗ୍ରାମ ପରିକ୍ରମା କରିଥିଲେ। ବିଜୟ ସ୍ଲୋଗାନ ସହିତ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟକୁ ଫେରିଥିଲେ। ଏହାପରେ ୮ଟା ସମୟରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ପତାକା ଉତ୍ତୋଳନ ସମୟରେ ଛାତ୍ରଛାତ୍ରୀ ମାନେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଏହା ପରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଏସ୍.ଏମ୍.ସି ମୁଖ୍ୟ ଦେବରାଜ ଦାସ, ସମ୍ମାନିତ ଅତିଥି ନିରଞ୍ଜନ ତ୍ରିପାଠୀ ଏବଂ ସଭ୍ୟ ସଭ୍ୟା ଓ ଭଦ୍ରବ୍ୟକ୍ତି ବୃନ୍ଦ ଉପସ୍ଥିତ ରହିଥିଲେ। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଶ୍ରେଣୀ ଶିକ୍ଷକଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଚୋଡ଼ଗଙ୍ଗ ମେହେର, ରବି ପ୍ରସାଦ ଭୋଇ, ସୁବସିନୀ ମେହେର, ଆକାଶ ସେଟ, କୌଶଲ୍ୟା ମିର୍ଧା , ସଂଗୀତା ସାହୁ, ଭୂମିସୁତା ବେହେରା, ସୁବ୍ରତ ଡ଼ନସେନା, ଦ୍ରୋପଦି ରଣା, ପୁର୍ଣବାସୀ ସେଟ, ଦେବାନନ୍ଦ ରଣା, ଚୁମକୀ ସେଟ ଓ ବଲ୍ଲବି ପଟେଲ ଉପସ୍ଥିତ ରହିଥିଲେ। ସର୍ବ ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ସୁବାଶିନୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘର ସ୍ୱାଧୀନତା ଦିବସ ପାଳିତ



**ଅସ୍ତରଙ୍ଗ :** ସାରା ଭାରତ ବର୍ଷରେ ପାଳିତ ହେଇଛି ୭୭ ତମ ସ୍ୱାଧୀନତା ଦିବସ। ଏହି ଅବସରରେ ଅସ୍ତରଙ୍ଗର ସାମ୍ବାଦିକ ସଙ୍ଘ, ବିଭିନ୍ନ ଶିକ୍ଷାନୁଷ୍ଠାନ, ବଜାର କମିଟି, ରାଜନୈତିକ କାର୍ଯ୍ୟାଳୟ, ପୁରୀ ଜିଲ୍ଲା ପରିଷଦ ଉପାଧକ୍ଷ ସ୍ୱାଧୀନ ନାୟକ ଅସ୍ତରଙ୍ଗ ବିଜେଡି କାର୍ଯ୍ୟାଳୟ ପତାକା ଉତ୍ତୋଳନ କରିଥିଲେ। ଏହି ଉତ୍ସବରେ ବିଜେଡି ସଭାପତି କେଦାର ବିଶ୍ୱାଳ ଆଉ ବିଧାୟକଙ୍କ ପ୍ରତିନିଧି ଭୀମସେନ ସ୍ୱାଇଁ ଉପସ୍ଥିତ ଥିଲେ। ବ୍ଲକ, ତହସିଲ, ଥାନା, ମେଡିକାଲ, ଏବଂ ଅସ୍ତରଙ୍ଗ ର ବହୁ ପୁରାତନ ଦୁର୍ଗା କ୍ଲବ, ଲକ୍ଷ୍ମୀ କ୍ଲବ, ବାବା ଗଣପତି କ୍ଲବରେ ମହାଆଡମ୍ବରରେ ରାଷ୍ଟ୍ରୀୟ ସଙ୍ଗୀତ ଗାନ ସହିତ ତ୍ରିରଙ୍ଗା ପତାକା ଉତ୍ତୋଳନ କରାଯାଇଛି। କିନ୍ତୁ ଚଳିତ ବର୍ଷ ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘ ଅସ୍ତରଙ୍ଗ ବଜାର ସ୍ଥିତ ଲକ୍ଷ୍ମୀ କଲ୍ୟାଣ ମଣ୍ଡପ ସମ୍ମୁଖରେ ୭୭ ତମ ସ୍ୱାଧୀନତା ଦିବସ ମହାଆଡମ୍ବରରେ ପାଳନ କରିଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଅସ୍ତରଙ୍ଗ ତହସିଲଦାର ରାଜଲକ୍ଷ୍ମୀ ନାୟକ ପତାକା ଉତ୍ତୋଳନ କରିଛନ୍ତି। ଉତ୍ସବରେ ସଭାପତି ବିଶ୍ୱରଞ୍ଜନ ବିଶ୍ୱଶ୍ରୀ, କାର୍ଯ୍ୟକାରୀ ସଭାପତି ଯୁବ ସାମ୍ବାଦିକ ଆର୍ଯ୍ୟ ବିଶ୍ୱାଳ, ଉପସଭାପତି ସମୀର କୁମାର କର, ସମ୍ପାଦକ ଲୋକନାଥ ସ୍ୱାଇଁ, ଉପଦେଷ୍ଟା ମଣ୍ଡଳୀ ଯଥାକ୍ରମେ ବରିଷ୍ଠ ସାମ୍ବାଦିକ ଦୁଃଶାସନ ନାୟକ, ନିରଞ୍ଜନ ଦାସ, ଶରତ ପରିଡା, ପ୍ରଶାନ୍ତ ବାରିକଙ୍କ ସମେତ ଅନ୍ୟ ସଭ୍ୟ ମାନଙ୍କ ଭିତରେ ତ୍ରିଲୋଚନ ବେହେରା, ଆର୍ତ୍ତତ୍ରାଣ ମହାନ୍ତି, କୋଷାଧକ୍ଷ ବୃନ୍ଦାବନ ବିଶ୍ୱାଳ, ପ୍ରଶାନ୍ତ ଜେନା, ସଞ୍ଜୟ ପୃଷ୍ଟି, ଆଦିତ୍ୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଇନ ପରାମର୍ଶଦାତା ଦିବ୍ୟଦର୍ଶୀ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ, ମୁଖ୍ୟ ଅତିଥି ତହସିଲଦାର ରାଜଲକ୍ଷ୍ମୀ ନାୟକ ଗଣତନ୍ତ୍ରରେ ସାମ୍ବାଦିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ନେଇ ଅଭିଭାଷଣ ରଖିଥିଲେ। ରାଷ୍ଟ୍ରୀୟ ସଙ୍ଗୀତ ପାଠ କରିବା ସହିତ ଭାରତ ପାଇଁ ଶହୀଦ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ଏକ ନିରବ ପାର୍ଥନା କରାଯାଇଥିଲା। ସଙ୍ଘର ସାଂସ୍କୃତିକ ସମ୍ପାଦକ ମନୋଜ ବିଶ୍ୱାଳ ଓ ସାଙ୍ଗଠନିକ ସମ୍ପାଦକ ପ୍ରିୟବ୍ରତ ମୁଦୁଲି ଏହି ଉତ୍ସବକୁ ପରିଚାଳନା କରିଥିଲେ ଓ ପରିଶେଷରେ ସମ୍ପାଦକ ଲୋକନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ପବିତ୍ର କ୍ଷେତ୍ର ଏବଂ ଐତିହ୍ୟ ପୀଠ



ସୁଚରିତା ବେହେରା



ପୁରାତନ ଯୁଗରୁ ଆଦିମ ଯୁଗ ପର୍ଯ୍ୟନ୍ତ ଭାରତ ବର୍ଷରେ ଧର୍ମର ସ୍ଥାପନା ନିମିତ୍ତ ବିଭିନ୍ନ ସ୍ଥାନ ରେ ଭିନ୍ନ ଭିନ୍ନ ଦେବତା ମାନେ ଅବତରଣ କରିଥାନ୍ତି। ସେଥିମଧ୍ୟରୁ ଭାରତବର୍ଷର ଉତ୍ତର ପୂର୍ବାଞ୍ଚଳ ରେ ଅବସ୍ଥିତ ପୁରାତନ ରାଜ୍ୟ କଳିଙ୍ଗ ଯାହାର ନୂତନ ନାମ ଓଡିଶା। ଏହାର ଉତ୍ତର ପୂର୍ବାଞ୍ଚଳ ରେ ଅବସ୍ଥିତ ଏକ ପ୍ରଶାସନିକ ଜିଲ୍ଲା 'ବାଲେଶ୍ୱର', ଯେଉଁଠାରେ ଭିନ୍ନ ଭିନ୍ନ ସ୍ମାରକୀ ଏବଂ ଐତିହ୍ୟ ପୀଠ ମାନ ଅବସ୍ଥିତ। ଏହି ଜିଲ୍ଲା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ, ଏଠାରେ ଉପସ୍ଥିତ ରହିଥିବା ଅନେକ ଐତିହ୍ୟ ପୀଠ, ଶୈବ ପୀଠ ଏବଂ ଐତିହାସିକ ସ୍ଥଳୀ ମାନ ସମସ୍ତ ଜନ ସମାଜକୁ ଏକତ୍ରିତ କରି ରଖିଥାନ୍ତି। ଏହି ଜିଲ୍ଲା ଏହାର ଐତିହାସିକ ବିଶେଷତ୍ୱ ପାଇଁ ସର୍ବଦା ପୂଜିତ ଏବଂ ଚିରସ୍ଥାୟୀ ଆଦୃତ। ଭିନ୍ନ ଭିନ୍ନ ଜାତି, ସଭ୍ୟତା, କଳା ଓ ସଂସ୍କୃତି ଏବଂ ଐତିହ୍ୟ ପୀଠ ମାନଙ୍କର ପର୍ଯ୍ୟାଲୋଚନା କରିଲେ ଜଣାଯାଏ ଯେ ଏକ ସ୍ଥାନର ଐତିହ୍ୟ ପ୍ରଗତି ଓ ଉନ୍ନତି ପାଇଁ ଏହିସବୁ ଓତଃପ୍ରୋତ ଭାବରେ ଜଡିତ ହେବାର ଆବଶ୍ୟକତା ଅପରିହାର୍ଯ୍ୟ। ଏଭଳି ସ୍ଥାନରେ ବ୍ୟକ୍ତିସମୂହ ମାନଙ୍କର ସୃଷ୍ଟିକର୍ତ୍ତାଙ୍କ ସହ ସମ୍ପର୍କରୁ ମଧ୍ୟ ଧର୍ମ ଧାରଣାର ସୃଷ୍ଟି ହୋଇଥାଏ। ଧର୍ମର ପ୍ରଭାବ ରେ ସମାଜରୁ ଅରାଜକତାର ଦୁସ୍ପ୍ରଭାବ, ଦୁର୍ନୀତି, ଅନ୍ୟାୟ, ଅନୀତିର ସମ୍ପୂର୍ଣ୍ଣ ରୂପେ ନିବାରଣ ହୋଇଥାଏ ଏବଂ ବୀରଭୂମି, ପୁଣ୍ୟକ୍ଷେତ୍ର, ପବିତ୍ର କ୍ଷେତ୍ରର ପୁନଃ ପ୍ରତିଷ୍ଠା ହୋଇଥାଏ। ଏହାହିଁ ସର୍ବଗୃହିତ, ସର୍ବସମ୍ବନ୍ଧୀୟ ମତ ରହିଛି। ବିଶିଷ୍ଟ ସମାଜ ସଂସ୍କାରକ, ସମାଜ ସୁଧାରକ, ସାହିତ୍ୟିକ ମାନଙ୍କର ଲେଖନୀ ନିଃସୃତ, ଐତିହାସିକ ଗ୍ରନ୍ଥମାନ ରେ ଉଲ୍ଲେଖ କରାଯାଇଛି ଯେ ଯୁଗେ ଯୁଗେ ଧର୍ମର ସ୍ଥାପନା ପାଇଁ ଏବଂ ଅଧର୍ମର ବିନାଶ ପାଇଁ ସ୍ୱୟଂ ଭଗବାନ ଭିନ୍ନ ଭିନ୍ନ ଅବତାରରେ ଜନ୍ମ ଗ୍ରହଣ କରିଥାନ୍ତି। ବାଲେଶ୍ୱର ଏହି ଜିଲ୍ଲାରେ ଅଧିକାଂଶ ଅଧିବାସୀ ଶ୍ରୀମଦ ଭଗବତ ଗୀତା ଏବଂ ଏହାର ଧର୍ମ ଦର୍ଶନକୁ ଅନୁସରଣ କରିଥାନ୍ତି। ଶ୍ରୀମଦ ଭାଗବତ ଗୀତା ଅନୁସରଣରେ ସୃଷ୍ଟ ବ୍ରହ୍ମାଣ୍ଡକୁ ଧ୍ୟାନରେ ରଖି ଏହି ବୀରଭୂମି ଏବଂ ପବିତ୍ର କ୍ଷେତ୍ର ବାଲେଶ୍ୱରର ସମଗ୍ର ଜନଜାତି ଧର୍ମ ଦର୍ଶନରେ ଅନୁପ୍ରାଣିତ ହୋଇ, 'ସମଗ୍ର ଜଗତ ପରମେଶ୍ୱରଙ୍କର ଏକ ଉତ୍ପତ୍ତି', ଏହି ବିଚାରଧାରା ଏବଂ ଆଦର୍ଶର ପଥରେ ଅନୁଗାମୀ ହୋଇଥାନ୍ତି। ଏହି ବୀରଭୂମି ଏବଂ ବୀରପୁରୁଷ ମାନଙ୍କର ଜନ୍ମସ୍ଥଳୀରେ ମୁଖ୍ୟତଃ ତିନି ପ୍ରକାର ଧର୍ମଦର୍ଶନକୁ ଆଦର୍ଶ ରୂପେ ସ୍ୱୀକାର କରାଯାଇଥାଏ। ପ୍ରଥମତଃ ଏକବ୍ୟୁହପନ୍ଥୀ ଅର୍ଥାତ ସମଗ୍ର ଜଗତ ପରମେଶ୍ୱରଙ୍କ ଠାରେ ଉତ୍ପତ୍ତି, ଦ୍ୱିତୀୟରେ ଶ୍ରୀମଦ ଭଗବତ ଗୀତାର ଅନୁସରଣ ଏବଂ ତୃତୀୟ ରେ ପରମେଶ୍ୱରଙ୍କର ଉପସ୍ଥିତି ସର୍ବତ୍ର ଉପଲବ୍ଧ ହୋଇଥାଏ। ସେଥିପାଇଁ ଏହି ଜିଲ୍ଲା ବାଲେଶ୍ୱରରେ ଅବସ୍ଥିତ ସ୍ମାରକୀ ସ୍ଥଳୀ, ଐତିହ୍ୟ ପୀଠ, ଦେବାଳୟ ମାନ, ଈଶ୍ୱରୀୟ ତୀର୍ଥ ସ୍ଥଳୀ ଧର୍ମ ସଂସ୍କୃତି ର ମୂଳ ମେରୁଦଣ୍ଡ, ଯାହାକି ଅନନ୍ତ କାଳରୁ ମାନ୍ୟତା ପ୍ରାପ୍ତ ଏବଂ ବିଶ୍ୱପ୍ରସିଦ୍ଧ.କ୍ଷ ଏହି ଜିଲ୍ଲା ରେ ଉପସ୍ଥିତ ବିଭିନ୍ନ ଐତିହାସିକ ସ୍ଥଳୀ ଏବଂ ସ୍ମାରକୀ ପୀଠ ମାନଙ୍କ ମଧ୍ୟରେ ନୀଳଗିରିରେ ଅବସ୍ଥିତ ବାବା ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ଅନ୍ୟତମ। ଏହା ଦେବଗିରି ପର୍ବତମାଳା ର ଏକ ଅଂଶବିଶେଷ। ଏହି ଶୈବପୀଠର ପାଦ ଦେଶରେ ଏକ ଝରଣାର ଜଳ ସ୍ରୋତରେ ମଧ୍ୟରେ ଅଦୃଶ୍ୟ। ପାଞ୍ଚଗୋଟି ମହା ଶିବଲିଙ୍ଗ ପୂଜିତ ହୋଇଥାନ୍ତି। ଯାହାକି ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ନାମରେ ପ୍ରସିଦ୍ଧି ଲାଭ କରିଅଛି। ସରସ୍ୱତୀ ପୂଜା ସମୟରେ ଏଠାରେ ପାଞ୍ଚଦିନ ବ୍ୟାପି 'ଶ୍ରୀପଞ୍ଚମୀ ମେଳା' ଅନୁଷ୍ଠିତ ହୋଇଥାଏ। ଦେବଗିରି ପର୍ବତର ଶିଖରରେ ମା ମଣ୍ଡଳେଶ୍ୱରୀ ଦେବୀଙ୍କର ମନ୍ଦିର ବିଦ୍ୟମାନ। ଏହା ଦେବଦର୍ଶନ ନିମିତ୍ତ ଭକ୍ତ ବହୁଳ ସମାଗମ ତୀର୍ଥ ସ୍ଥଳୀ ଅଟେ। ଏହା ପର୍ଯ୍ୟଟକ ମାନଙ୍କ ପାଇଁ ସର୍ବଦା ଏକ ନିଆରା ସ୍ଥଳୀ ଏବଂ ଏହାର ପ୍ରାକୃତିକ ପରିବେଶ ପର୍ଯ୍ୟଟକ ମାନଂକୁ ସର୍ବଦା ଆକୃଷ୍ଟ କରିଥାଏ।

ଏହି ଜିଲ୍ଲା ବାଲେଶ୍ୱରରେ ଅବସ୍ଥିତ ଭୂଷଣ୍ଡେଶ୍ୱର ଶୈବପୀଠ, ଯାହା ଏସିଆ ମହାଦେଶରେ ସର୍ବବୃହତ ଶିବଲିଙ୍ଗ ଭାବରେ ସର୍ବତ୍ର ପରିଗଣନା କରାଯାଇଥାଏ। କିମ୍ବଦନ୍ତୀ ରେ ଉଲ୍ଲେଖ କରାଯାଇଛି ଯେ ଲଙ୍କାପତି ରାବଣଙ୍କୁ, ପ୍ରଭୁ ଶିବଶଙ୍କରଙ୍କର ଦ୍ୱାରା ପ୍ରଦତ୍ତ ବରଦାନ ଅନୁସାରେ ସଦାଶିବଙ୍କର ଶିବଲିଙ୍ଗକୁ ନେବାବେଳେ ତଳେ ନ ରଖିବାକୁ ଆଦେଶ ଦିଆଯାଇଥିଲା। ମାତ୍ର ତୃଷାର୍ତ୍ତ ଲଙ୍କାପତି ରାବଣ ଏହି ଶିବଲିଙ୍ଗର ଭାର ସହ୍ୟ ନକରିପାରି, ଏହାକୁ ସ୍ୱଳ୍ପ ସମୟ ପାଇଁ ଜଣେ ଗାଇ ଜଗୁଆଳଙ୍କୁ ଧରିବା ପାଇଁ କହିଥିଲେ। ମାତ୍ର ସେ ମଧ୍ୟ ଏହାର ଭାରରେ ଅସମ୍ଭାଳ ହୋଇ ଭଗବାନଙ୍କୁ ମାଟି ଉପରେ ରଖିଦେଇଥିଲେ। ସେଠାରେ ଭଗବାନ ଶିବଶଙ୍କର ସ୍ୱଇଛାରେ ସ୍ଥାପିତ ହୋଇଥିଲେ। ପରେ ଏହି ସ୍ଥଳୀ ଭୂଷଣ୍ଡେଶ୍ୱର ଶୈବପୀଠ ନାମରେ ପ୍ରତିଷ୍ଠିତ ହୋଇଅଛି।

ଏହି ଜିଲ୍ଲା ରେ ଅନ୍ୟ ଏକ ପ୍ରମୁଖ ଏବଂ ସ୍ୱତନ୍ତ୍ର ଶୈବପୀଠ 'ଚନ୍ଦନେଶ୍ୱର ଶୈବପୀଠ'। ଉତ୍କଳ ଦିବସରେ ଅର୍ଥାତ ପଣା ସଂକ୍ରାନ୍ତି ରେ ଏଠାରେ 'ଚଡକ ମେଳା' ଆୟୋଜିତ ହୋଇଥାଏ। ଯାହାର ପବିତ୍ର ଏବଂ ଆଧ୍ୟାତ୍ମିକ ପରିବେଶ, ଉପାସନା ନିମିତ୍ତ ଭକ୍ତମାନଙ୍କୁ ଆକୃଷ୍ଟ କରିଥାଏ। ଏଥିପାଇଁ ଏହା ପ୍ରସିଦ୍ଧ ସ୍ଥଳୀ ରୂପରେ ପରିଗଣିତ ହୋଇଥାଏ। ପବିତ୍ର କ୍ଷେତ୍ର ବାଲେଶ୍ୱରରେ ରେମୁଣା ନିକଟରେ ଅବସ୍ଥିତ 'କ୍ଷୀର ଚୋରା ଗୋପୀନାଥ ମନ୍ଦିର', ଯାହାକି ଗଙ୍ଗ ବଂଶର ରାଜା ଲାଙ୍ଗୁଳା ନରସିଂହଦେବ ଦ୍ୱାରା ନିର୍ମିତ କରାଯାଇଥିଲା ଏବଂ ଯେଉଁଠାରେ ତିନି ଦେବତା ଶ୍ରୀ ମଦନମୋହନ, ଶ୍ରୀ ଗୋବିନ୍ଦ ଏବଂ ଶ୍ରୀ ଗୋପୀନାଥ ବିରାଜିତ ହୋଇଥିବାରୁ ଏହି ସ୍ଥାନକୁ ପୂର୍ବ ଭାରତର 'ଗୁପ୍ତ ବୃନ୍ଦାବନ ଧାମ ମଧ୍ୟ କୁହାଯାଇଥାଏ। କିମ୍ବଦନ୍ତୀ ଅନୁସାରେ ଜଣେ ଭକ୍ତ ମାଧବେନ୍ଦ୍ର ପୁରୀରୁ ମଳୟ ଚନ୍ଦନ ନେବା ଉଦେଶ୍ୟରେ ବୃନ୍ଦାବନରୁ ଚାଲି ଚାଲି ଆସି ରେମୁଣା କ୍ଷୀରଚୋରା ଗୋପୀନାଥ ମନ୍ଦିରରେ ବିଶ୍ରାମ ନେଇଥିଲେ। ଭକ୍ତ ମାଧବେନ୍ଦ୍ରଙ୍କର ମନ କଥା ଜାଣି ପାରି ପ୍ରଭୁ ଶ୍ରୀ ଗୋପୀନାଥ, ବାର ପ୍ରକାର କ୍ଷୀରଭୋଗ (ଅମୃତକେଳି) ମଧ୍ୟରୁ ଗୋଟିଏ କ୍ଷୀରଭୋଗ ତାଙ୍କର ମନ୍ଦିରର ମୁଖ୍ୟ ପୂଜକଙ୍କ ଦ୍ୱାରା ତାଙ୍କର ସେହି ପ୍ରିୟ ଭକ୍ତଙ୍କ ପାଖକୁ ପ୍ରସାଦ ସେବନ ନିମିତ୍ତ ପଠାଇଥିଲେ। ତତ୍ପରରେ ଭକ୍ତ ମାଧବେନ୍ଦ୍ର ଭାବବିହ୍ୱଳ ହୋଇ ପ୍ରସାଦ ସେବନ କରି ଶଙ୍ଖ କ୍ଷେତ୍ର ପୁରୀ ଅଭିମୁଖେ ପ୍ରସ୍ଥାନ କରିଥିଲେ। ସେହିଦିନ ଠାରୁ ଶ୍ରୀ ଗୋପୀନାଥ, 'କ୍ଷୀରଚୋରା ଗୋପୀନାଥ' ନାମରେ ପ୍ରସିଦ୍ଧି ଲାଭ କରିଅଛି। ପ୍ରତି ବର୍ଷ ଅକ୍ଷୟ ତୃତୀୟା ଓ ଚନ୍ଦନ ପୂର୍ଣ୍ଣିମାରେ ଶ୍ରୀ ଗୋପୀନାଥ, ଶ୍ରୀ ମଦନମୋହନ ଏବଂ ଶ୍ରୀ ଗୋବିନ୍ଦଙ୍କର ସର୍ବାଙ୍ଗରେ ମଳୟ ଚନ୍ଦନ ବେଶ ହୋଇଥାଏ।






ନିଜର ପତିତପାବନ ନାମକୁ ସାର୍ଥକ କରିବା ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ, ତାଙ୍କର ବଡଭାଇ ଦେବତା ବଳଭଦ୍ର ଏବଂ ଭଗିନୀ ଦେବୀ ସୁଭଦ୍ରାଙ୍କୁ ସାଙ୍ଗରେ ଘେନି ସମସ୍ତ ଅଲୌକିକତା ମଧ୍ୟରେ ଲୌକିକତାର ପରିପ୍ରକାଶ ପାଇଁ ବାଲେଶ୍ୱର ଜିଲ୍ଲାର ରେମୁଣାରେ ଅବସ୍ଥିତ ଇମାମି ନଗର ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଅବତରଣ କରିଛନ୍ତି। ଯାହାର ସ୍ୱରୂପ ସମ୍ପୂର୍ଣ୍ଣ ରୂପରେ ଶଙ୍ଖ କ୍ଷେତ୍ର ପୁରୀରେ ସ୍ଥିତ ବଡ଼ ଦାଣ୍ଡରେ ଶ୍ରୀମନ୍ଦିରର ଆକାର ସ୍ୱରୂପ। ପୁରୀରେ ସ୍ଥିତ ଶ୍ରୀମନ୍ଦିର ରେ ରୀତିନୀତି ଅନୁଯାୟୀ, ଏହି ମନ୍ଦିରରେ ମଧ୍ୟ ତିନି ଦେବତା ମାନଙ୍କର ବିଗ୍ରହଙ୍କୁ ଭକ୍ତି, ଆରାଧନା ଏବଂ ପୂଜାର୍ଚ୍ଚନା ଏବଂ ପ୍ରସାଦର ନିୟମ ଆଦି ପାଳନ କରାଯାଏ। ଏହି ମନ୍ଦିରର ଚତୁର୍ପାଶ୍ୱରେ ଖୋଦିତ ସୂକ୍ଷ୍ମ କାରୁକାର୍ଯ୍ୟ ଏବଂ ମନ୍ଦିରର ଚତୁଃପାର୍ଶ୍ୱରେ ପ୍ରାକୃତିକ ଏବଂ ମନମୁଗ୍ଧକର ପରିବେଷ ପର୍ଯ୍ୟଟକ ଏବଂ ଭକ୍ତମାନଙ୍କୁ ଋଦ୍ଧି ମନ୍ତ କରି ଆକୃଷ୍ଟ କରିଥାଏ। ଏଠାରେ ପ୍ରତିବର୍ଷ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ଯେଉଁଠାରେ ବହୁଳ ପରିମାଣରେ ଜଗନ୍ନାଥ ପ୍ରେମୀ ଏବଂ ଶ୍ରଦ୍ଧାଳୁ ମାନଙ୍କର ଜନସମାଗମ ଲାଗି ରହିଥାଏ। ଏତଦ୍‌ବ୍ୟତୀତ ବୀରଭୂମି ଏବଂ ପବିତ୍ର କ୍ଷେତ୍ର ବାଲେଶ୍ୱରରେ ଅନ୍ୟାନ୍ୟ ଐତିହାସିକ ସ୍ଥଳୀ ମାନଙ୍କ ମଧ୍ୟରେ ବାବା ମଣି ନାଗେଶ୍ୱର ପୀଠ, ନୀଳଗିରିରେ ଶ୍ରୀ ଜଗନ୍ନାଥ ମନ୍ଦିର, ବାବା ଝାଡ଼େଶ୍ୱର ଶୈବପୀଠ, ବାବା ସ୍ୱପ୍ନେଶ୍ୱର ଶୈବପୀଠ, କୁପାରୀରେ ଶୂନ୍ୟ ମନ୍ଦିର, ବୌଦ୍ଧକୀର୍ତ୍ତୀ ପୀଠ ଏବଂ ମା ଅମ୍ବିକା ମନ୍ଦିର, ରାଇବଣିଆ ରେ ଐତିହାସିକ ଦୁର୍ଗ, ସଜନାଗଡ଼ରେ ପୁଣ୍ୟକ୍ଷେତ୍ରରେ ମା' ଭୁଦରଚଣ୍ଡୀଙ୍କର ପୀଠ ଅବସ୍ଥିତ। ଏହି ପବିତ୍ର ସ୍ଥଳମାନ ମାନବ ସମାଜରେ ସମନ୍ୱୟ ରକ୍ଷା କରିବା ସହିତ ଜନସମାଜରେ ଉତ୍ସବ, ଅନୁଷ୍ଠାନ, ପୂଜାକର୍ମ, ଧର୍ମକାର୍ଯ୍ୟ ଇତ୍ୟାଦି ଦ୍ୱାରା ଭାରତୀୟ ଜନ ସମାଜରେ ସାଧନାର ମାର୍ଗ ଉନ୍ମୋଚନ କରିବା ସହ ଏକ ଶୃଙ୍ଖଳିତ ଜୀବନଯାପନ ଏବଂ ଧାର୍ମିକ କର୍ମକାର୍ଯ୍ୟକୁ ପ୍ରାଧାନ୍ୟ ଦେଇ ସମ୍ପୂର୍ଣ୍ଣ ରୂପେ ଈଶ୍ୱରଙ୍କର ସାନିଧ୍ୟ ପ୍ରାପ୍ତ କରିପାରିଛି ଏବଂ ଏହା ଧାର୍ମିକ ସଚେତନତା ବୃଦ୍ଧି ସହିତ ଏକ ଶୃଙ୍ଖଳିତ ସମାଜ ଗଠନରେ ସହାୟକ ହୋଇଛି।

*ଫକୀର ମୋହନ ନଗର, ବାଲେଶ୍ୱର*

# ବରଗଡରେ ହେବ ୩ ନୂଆ ବୃହତ୍ ସେତୁ



**ଭୁବନେଶ୍ୱର :** ବରଗଡ ଜିଲ୍ଲାରେ ୩ଟି ବୃହତ ସେତୁର ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ୩ଟି ନୂତନ ସେତୁ ଦ୍ୱାରା ଜିଲ୍ଲାର ପ୍ରାୟ ୭.୨୫ ଲକ୍ଷ ଲୋକ ଉପକୃତ ହେବେ। ଏହାଦ୍ୱାରା ଜିଲ୍ଲାରେ ଗମନାଗମନର ସୁବିଧା ସହିତ ସାମାଜିକ ସୁବିଧା ସୁଯୋଗ ଓ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫ଟି ସଚିବ ଭି.କେ. ପାଣ୍ଡିଆନ ଗତ ଜୁନ୍ ମାସ ୨୬ ଓ ୨୭ ତାରିଖରେ ବରଗଡ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିବା ସହିତ ସାଧାରଣ ଲୋକଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଶୁଣିଥିଲେ। ବିଭିନ୍ନ ସ୍ଥାନରେ ଲୋକଙ୍କ ଅନୁରୋଧକୁ ଶ୍ରୀ ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ବରଗଡ ଜିଲ୍ଲାରେ ୩ଟି ନୂତନ ବୃହତ ସେତୁର ନିର୍ମାଣ ପାଇଁ ୩୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ମଞ୍ଜୁର ହୋଇଥିବା ୩ଟି ସେତୁ ମଧ୍ୟରେ ବରପାଲିରେ ଗୋଟିଏ ବୃହତ ସେତୁ ରହିଛି। ବରପାଲିର ଜିଲୋଟ ନାଳ ଉପରେ ଏକ ସେତୁ ନିର୍ମାଣ କରାଯିବ। ୧୨୦ ମିଟର ଦୀର୍ଘ ଏହି ସେତୁ ପାଇଁ ୧୫ କୋଟି ଟଙ୍କା ଖର୍ଚ୍ଚ ହେବ। ଏହା ବରଗଡ ଓ ବରପାଲି ବ୍ଲକ ମୁଖ୍ୟାଳୟକୁ ସଂଯୋଗ କରିବା ସହିତ ଜିଲ୍ଲା ମୁଖ୍ୟାଳୟକୁ ମଧ୍ୟ ଯୋଗାଯୋଗର ସୁବିଧା ସୃଷ୍ଟି ହେବ। ଏହାଦ୍ୱାରା ପ୍ରାୟ ୨ ଲକ୍ଷ ୨୫ ହଜାର ଲୋକ ଉପକୃତ ହେବେ। ସେହିପରି ବରଗଡ ପୌରାଞ୍ଚଳ ଆଗାଁ ନଳା ଉପରେ ୬୦ ମିଟର ଦୀର୍ଘ ସେତୁ ନିର୍ମାଣ ପାଇଁ ୧୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ବରଗଡ ଜିଲ୍ଲା ମୁଖ୍ୟାଳୟ ସହିତ ପରପାଲି ଓ ଭେଡେନ ବ୍ଲକ ମୁଖ୍ୟାଳୟକୁ ଯୋଡିବ। ଏହାଦ୍ୱାର ୨ ଲକ୍ଷ ୫୦ ହଜାର ଲୋକ ଉପକୃତ ହେବେ। ତୃତୀୟ ସେତୁଟି ସରଳା ନାଳ ଉପରେ ନିର୍ମାଣ କରାଯିବ। ୧୫୦ ମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ସେତୁ ପାଇଁ ୧୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ଭଟଲି ବ୍ଲକ ମୁଖ୍ୟାଳୟକୁ ବରଗଡ ଓ ଅତାବିରା ବ୍ଲକ ମୁଖ୍ୟାଳୟକୁ ଯୋଡିବ। ଏହାଦ୍ୱାରା ୨ ଲକ୍ଷ ୫୦ ହଜାର ଲୋକ ଉପକୃତ ହେବେ।

## ଛବିଘରରେ ତ୍ରିରଙ୍ଗାପ୍ୟାରା କାର୍ଯ୍ୟକ୍ରମ

# ପ୍ରତିଭା ଦେଖାଇଲେ ଶିଶୁ କଳାକାର



**ଭୁବନେଶ୍ୱର :** ୭୭ତମ ସ୍ୱାଧୀନତା ଦିବସ ଅବସରରେ ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦାସ୍ଥିତ ଛବିଘର ପକ୍ଷରୁ ଆଭାସି ମାଧ୍ୟମରେ ସ୍ୱାଧୀନତା ଦିବସ ପାଳନ ହୋଇଯାଇଛି। ଛବିଘରର ପ୍ରତିଷ୍ଠାତା ଚିତ୍ରଶିଳ୍ପୀ ଅତସୀ ବସୁ ଜେନା ଏବଂ ତନୁଶ୍ରୀ ବୋଷଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସମେତ ବାଙ୍ଗାଲୋର, ପୁନା, କଲିକତାର ପ୍ରମୁଖ ବିଦ୍ୟାଳୟର କୁନି ପ୍ରତିଭା ମାନେ ଯୋଗ ଦେଇ ଦେଶାତ୍ମବୋଧକ ସଙ୍ଗୀତ, ବକ୍ତୃତା , କୌତୁକ ପୋଷାକ, ଏବଂ ସ୍ୱଚିତ୍ରିତ ଚିତ୍ର ସମୁହ ପ୍ରଦର୍ଶିତ କରିଥିଲେ। ଏହି ଆଭାସି କାର୍ଯ୍ୟକ୍ରମରେ ଗୁରୁମାଁ ସବିତାରାଣୀ ମିଶ୍ର, ଚିତ୍ରଶିଳ୍ପୀ ତଥା କଳାଶିକ୍ଷକ ରବୀନ୍ଦ୍ର କୁମାର ମହାରଣା ଏବଂ ବହୁ କଳାନୁରାଗି ଛାତ୍ରଛାତ୍ରୀ ଓ ଅଭିଭାବକ ଯୋଗ ଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ସ୍ୱାଧୀନତା ଦିବସରେ ଓଡ଼ିଆ ଶିଳ୍ପୀଙ୍କ ଚିତ୍ରକଳା ପ୍ରଦର୍ଶନୀ

# ପ୍ରଦର୍ଶିତ ହେଲା ଓଡ଼ିଆ ସଂଗ୍ରାମୀଙ୍କ ଚିତ୍ରକଳା



**ଭୁବନେଶ୍ୱର :** ରାଷ୍ଟ୍ରୀୟ ଲଳିତ କଳା କେନ୍ଦ୍ର, ଭୁବନେଶ୍ୱର ଦ୍ୱାରା ଖାରବେଳ ନଗର ସ୍ଥିତ ଆର୍ଟ ଗ୍ୟାଲେରୀ ଠାରେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉପରେ ଆଧାରିତ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଉକ୍ତ ପ୍ରଦର୍ଶନୀକୁ ବରିଷ୍ଠ ଚିତ୍ରଶିଳ୍ପୀ ବଳଦେବ ମହାରଥା, ଓଡ଼ିଶା ଲଳିତ କଳା ଏକାଡେମୀର ସଚିବ ତଥା ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ, ରାଷ୍ଟ୍ରୀୟ ଲଳିତ କଳା କେନ୍ଦ୍ରର ସଚିବ ରାମକୃଷ୍ଣ ବେଦାଲା ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ଘାଟନ କରିଥିଲେ। ପ୍ରଦର୍ଶନୀରେ ଏକାଡେମୀ ଦ୍ୱାରା ହୋଇଥିବା ଅନଲାଇନ୍ ଚିତ୍ରକଳା ଶିବିରରେ ପ୍ରସ୍ତୁତ ମୋଟ ୩୫ଟି ଚିତ୍ରକଳା ପ୍ରଦର୍ଶିତ ହୋଥିଲା। ଶିଳ୍ପୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ଗୋପବନ୍ଧୁ, ସୁଭାଷ ଚନ୍ଦ୍ର ବୋଷ, ରମାଦେବୀ, ଗଙ୍ଗାଧର ମେହେର, ରଘୁନାଥ ମୁର୍ମୁ, ବକ୍ସି ଜଗବନ୍ଧୁ, ଖୋର୍ଦ୍ଧାର ବୀର ପାଇକ ପ୍ରମୁଖଙ୍କ ଜୀବନ ଓ ଦର୍ଶନ ଉପରେ ଆଧାରିତ ଚିତ୍ରକଳା ଗୁଡ଼ିକ ଦର୍ଶକଙ୍କ ମନକୁ ବେଶ୍ ଛୁଇଁଥିଲା। ଚିତ୍ରଶିଳ୍ପୀ ତାରାକାନ୍ତ ପରିଡ଼ା, ରବିନାରାୟଣ ରଥ,ସନ୍ତୋଷ ମହାରଣା, ପଞ୍ଚାନନ ସାମଲ, ପ୍ରଦୀପ ପାଣ୍ଡେ, ସମରେନ୍ଦ୍ର ରାଉତରାୟ, ଲିପିଶ୍ରୀ ନାୟକ, ସଚିନ କୁମାର ସ୍ୱାଇଁ, ଭବାନୀଶଙ୍କର ଦାସ, ମମତା ସାମନ୍ତରାୟ, ମଳୟ ରଞ୍ଜନ ମହନ୍ତ,ଶଶିକାନ୍ତ ରାଉତ, ଧର୍ମପଦ ବିଶ୍ୱାଳ, ସ୍ତିତଧି ରଥ,ସୌରଭ ରାୟ, ରାଜେନ୍ଦ୍ର ନାରାୟଣ ସାହୁ, ନିତ୍ୟାନନ୍ଦ ସାହୁ, ଜନାର୍ଦ୍ଦନ ପରମଗୁରୁ, ଛତ୍ରପତି ବିଶ୍ୱାଳ,ଅସିତ୍ କୁମାର ସାମଲ, ପ୍ରିୟଦର୍ଶିନୀ ମହାନ୍ତି, ସଞ୍ଜୟ ପଟନାୟକ,ବିଜୟ କୁମାର ପରିଡ଼ା,ବସନ୍ତ କୁମାର ମହାରଣା, ବିଶ୍ୱମୋହନ ରଥ, ସୁରଥ ଚୌଧୁରୀ, ମନୋରଞ୍ଜନ ମହାପାତ୍ର,ସତ୍ୟଭାମା ମାଝୀ, ସଞ୍ଜୟ କେତନ ଚୌଧୁରୀ,ଦୁତିକୃଷ୍ଣ ବରାଳ, ସୁଜିତ କୁମାର ସ୍ୱାଇଁ, ରାଜକିଶୋର ମହାରଣା, ଜ୍ୟୋତିର୍ଦେବ ସିଂହ, ବିଜୟ କୁମାର ମଲ୍ଲିକ ଓ ଲକ୍ଷ୍ମଣ କୁମାର ନାୟକ ପ୍ରମୁଖ ନିଜ ନିଜ ଚିତ୍ରରେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ବିଭିନ୍ନ ଘଟଣାବଳୀକୁ କାନଭାସ ନିଖୁଣ ଭାବେ ଅଙ୍କନ କରିଥିଲେ। ପ୍ରଦର୍ଶନୀ ଅବସରରେ ପ୍ରଦୀପ କୁମାର ପାତ୍ର,ଚନ୍ଦନ କୁମାର ସାମଲ, ସରୋଜ କୁମାର ରାଉତ, ନରୋତ୍ତମ ଦାସ ପ୍ରମୁଖ ବହୁ ଚିତ୍ରଶିଳ୍ପୀ, ଛାତ୍ରଛାତ୍ରୀ ଓ କଳାନୁରଗୀ ଚିତ୍ର ଗୁଡ଼ିକ ବୁଲି ଦେଖିଥିଲେ।



## ସୁପ୍ରିମକୋର୍ଟ କଲେଜିୟମଙ୍କ ସୁପାରିଶ

# ଶିବଶଙ୍କର ମିଶ୍ର, ଆନନ୍ଦ ଚନ୍ଦ୍ର ବେହେରା ହେବେ ଓଡ଼ିଶା ହାଇକୋର୍ଟ ବିଚାରପତି



**କଟକ :** ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ସୁପ୍ରିମକୋର୍ଟର ବରିଷ୍ଠ ଓକିଲ ଶିବଶଙ୍କର ମିଶ୍ର ଓ ଜୁଡ଼ିସିଆଲ ଅଫିସର ଆନନ୍ଦ ଚନ୍ଦ୍ର ବେହେରାଙ୍କୁ ନିଯୁକ୍ତି ଦେବାକୁ ସୁପ୍ରିମକୋର୍ଟ କଲେଜିୟମ ସୁପାରିଶ କରିଛନ୍ତି। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ନିଜର ଦୁଇଜଣ ବରିଷ୍ଠ ସହଯୋଗୀ (ହାଇକୋର୍ଟ ବିଚାରପତି)ଙ୍କ ସହ ବିଚାରବିମର୍ଶ କରି ୨୦୨୩ ଜାନୁୟାରୀ ୧୭ତାରିଖରେ ଏହି ଦୁଇଜଣଙ୍କ ନାଁ ସୁପାରିଶ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ମଧ୍ୟ ଏହି ସୁପାରିଶରେ ସମ୍ମତି ଜଣାଇଛନ୍ତି। ସୁପ୍ରିମକୋର୍ଟଙ୍କ ୱେବସାଇଟରେ ପ୍ରକାଶିତ ଏହି ସୂଚନା ଅନୁସାରେ, ବରିଷ୍ଠ ଓକିଲ ଶ୍ରୀ ମିଶ୍ର ୧୯୯୧ ଡିସେମ୍ବର ମାସରୁ ଅର୍ଥାତ୍ ଗତ ୩୦ବର୍ଷ ଧରି ଓକିଲାତି କରୁଛନ୍ତି ଓ ସେ ସୁପ୍ରିମକୋର୍ଟରେ ଓଡ଼ିଶା ସରକାରଙ୍କ ପାଇଁ ଆଡଭୋକେଟ୍ ଅନ୍ ରେକର୍ଡ ଅଛନ୍ତି। ତାଙ୍କର ଭଲ ଅଭିଜ୍ଞତା ଓ ପ୍ରାକ୍ଟିସ ରହିଛି। ଯାହାକି ତାଙ୍କର ପେଷାଦାର ଆୟରେ ପ୍ରତିଫଳିତ ହେଉଛି। ଏହାକୁ ଦୃଷ୍ଟିରେ ରଖି କଲେଜିୟମ ଶ୍ରୀ ମିଶ୍ର ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଁ ଉପଯୁକ୍ତ ବୋଲି ସୁପାରିଶ କରିଛନ୍ତି। ସେହିପରି ଜୁଡ଼ିସିଆଲ ଅଫିସର ଶ୍ରୀ ବେହେରା ଏବେ ଗଞ୍ଜାମ ଜିଲ୍ଲା ଓ ସେସନ୍ ଜଜ୍ ଭାବେ କାର୍ଯ୍ୟ କରୁଛନ୍ତି। ବାଲେଶ୍ୱରରେ ଜନ୍ମିତ ଶ୍ରୀ ବେହେରା ୨୦୨୪ ମେ' ମାସରେ ସରକାରୀ ଚାକିରିରୁ ଅବସର ନେଇଥାନ୍ତେ। ତେବେ ହାଇକୋର୍ଟ କଲେଜିୟମ ଅନ୍ୟ କାହାରି ନାଁ ପଠାଇନଥିବାରୁ ସୁପ୍ରିମକୋର୍ଟ କଲେଜିୟମ ତାଙ୍କ ନାଁରେ ସହମତି ଦେଇଛନ୍ତି। ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ , ଜଷ୍ଟିସ ସଞ୍ଜୟ କିଷାନ କୌଲ ଓ ଜଷ୍ଟିସ ସଞ୍ଜିବ ଖାନ୍ନାଙ୍କୁ ନେଇ ଗଠିତ କଲେଜିୟମ ଆଜି ଏହି ସୁପାରିଶ କରିଛନ୍ତି। ସୂଚନାଯୋଗ୍ୟ, ଅଗଷ୍ଟ ୧ ତାରିଖ ସୁଦ୍ଧା ଓଡ଼ିଶା ହାଇକୋର୍ଟରେ ମୋଟ ସ୍ୱୀକୃତିପ୍ରାପ୍ତ ୩୩ଜଣ ବିଚାରପତିଙ୍କ ମଧ୍ୟରୁ ୨୧ଜଣ ବିଚାରପତି କାର୍ଯ୍ୟରତ ଅଛନ୍ତି।

# ଘରକୁ ପାଇପ ଯୋଗେ ରୋଷେଇ ଗ୍ୟାସ ସୁବିଧା ପ୍ରଧାନମନ୍ତ୍ରୀଙ୍କ 'ଇଜ୍ ଅଫ୍ ଲିଭିଂ'ର ବଡ଼ ଉଦାହରଣ : ଧର୍ମେନ୍ଦ୍ର

**ଭୁବନେଶ୍ୱର :** ଭୁବନେଶ୍ୱର ଓ କଟକ ଦ୍ୱୈତ ନଗରୀର ଅନେକ ଘରକୁ ଗେଲ୍ ଇଣ୍ଡିଆ ଦ୍ୱାରା ପାଇପ ଯୋଗେ ରୋଷେଇ ଗ୍ୟାସର ସୁବିଧା ଦିଆଯିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାଗରିକଙ୍କ ପାଇଁ 'ଇଜ୍ ଅଫ୍ ଲିଭିଂ' ବା ସହଜ ଜୀବନଯାପନର ବଡ ଉଦାହରଣ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶୁକ୍ରବାର ଭୁବନେଶ୍ୱର ଖଣ୍ଡଗିରି ଧର୍ମବିହାର ଠାରେ ଗେଲ୍ ଇଣ୍ଡିଆ ଲିମିଟେଡର ସିଏସଆର୍ ଅଧୀନରେ ରାଜ୍ୟର ସର୍ବପ୍ରଥମ ପ୍ରାକୃତିକ ଗ୍ୟାସ ଆଧାରିତ 'ଶବଦାହ ଗୃହ'ର ଲୋକାର୍ପଣ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଗେଲ୍ ୧୬ କୋଟି ୩୭ ଲକ୍ଷ ଟଙ୍କା ବ୍ୟୟରେ ଭୁବନେଶ୍ୱର ଓ କଟକରେ ପ୍ରାକୃତିକ ଗ୍ୟାସ ଆଧାରିତ ଶବଦାହ ଗୃହ ନିର୍ମାଣ କରୁଥିବା ବେଳେ ଆଜି ଭୁବନେଶ୍ୱରର ଧର୍ମବିହାରରେ ପ୍ରାୟ ୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏକ ଶ୍ମଶାନଘାଟ ଉଦଘାଟିତ ହୋଇଯାଇଛି। ବିଏମସି ଏଥିରେ ସହଯୋଗୀ ହୋଇଛି। ଏହାବ୍ୟତିତ ଆଉ ଦୁଇଟି ଶ୍ମଶାନାଗାର ଆଇଗଣିଆ ଓ କଟକର ଖାନନଗର ଠାରେ ତିଆରି କରାଯାଉଛି। ଖୁବ ଶୀଘ୍ର ଏହାର ଲୋକାର୍ପଣ ହେବ। ଏହା ଦ୍ୱାରା ଦ୍ୱୈତ-ନଗରୀରେ ଶବଦାହ ପାଇଁ ଯେଉଁ ଅସୁବିଧା ପରିଲକ୍ଷିତ ହେଉଛି, ତାହା ଦୂର ହେବ। ପରିବେଶକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଇଜ୍ ଅଫ୍ ଲିଭିଂ' କଳ୍ପନାରେ ଏହି ନୂଆ ଅତ୍ୟାଧୁନିକ ଶବଦାହ ନିର୍ମାଣ କରିଥିବାରୁ ଗେଲ୍ ଇଣ୍ଡିଆକୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଇଜ୍ ଅଫ୍ ଲିଭିଂକୁ ଗୁରୁତ୍ୱ ଦେଉଛନ୍ତି। ଭୁବନେଶ୍ୱର ସ୍ମାର୍ଟ ସିଟି ପାଇଁ ଅନୁଦାନ, ସହରାଞ୍ଚଳର ବିକାଶ ସ୍ମଶାନଘାଟକୁ ଉନ୍ନତିକରଣ କରାଯାଇଛି। ମୋଦି ସରକାରଙ୍କ 'ପୂର୍ବୋଦୟ' କଳ୍ପନାରେ ଓଡ଼ିଶା ସମେତ ପୂର୍ବ ଭାରତରେ ତୈଳ ଓ ଗ୍ୟାସ ଭିତ୍ତିଭୂମିକୁ ମଜଭୂତ କରାଯାଇଛି। ବିଗତ ୯ ବର୍ଷରେ ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ୨ ଲକ୍ଷ ୩ ହଜାର ୪୭୨ କୋଟି ଟଙ୍କାର ପ୍ରେଟ୍ରୋଲିୟମ, ପେଟ୍ରୋ କେମିକାଲ ପ୍ରକଳ୍ପ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଉର୍ଜା ଗଙ୍ଗା ଅଧୀନରେ ଜଗଦିଶପୁର-ହଳଦିଆ



ଏବଂ ବୋକାରୋ-ଧାମରା ପାଇପଲାଇନ କାମ ଶେଷ ହୋଇଛି। ଧାମରାରେ ଏଲଏନଜି ଟର୍ମିନାଲ ବି ହୋଇଯାଇଛି। କଟକ ଓ ଭୁବନେଶ୍ୱରରେ ୨୦୧୮ ଅକ୍ଟୋବରରେ ଗେଲ୍ ଦ୍ୱାରା ଆରମ୍ଭ ହୋଇଥିବା ଗ୍ୟାସ ପାଇପଲାଇନ ପ୍ରାୟ ୫୦ ହଜାର ଘରେ ପହଞ୍ଚାଯାଇଛି। ଭୁବନେଶ୍ୱରରେ ମାନ୍ୟବର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ଘରେ ସୁଲଭ ମୂଲ୍ୟରେ ଗ୍ୟାସ ପହଞ୍ଚାଯାଯିବାର ବ୍ୟବସ୍ଥା ହୋଇଛି। ମୋଦି ସରକାରରେ ସରହାଞ୍ଚଳର ବିକାଶ ସହରକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ବିଦ୍ୟୁତ ଯାନ, ଏବଂ ସିଏନଜି ଚାଳିତ ଗାଡି ଉପରେ ଧ୍ୟାନ ଦିଆଯାଉଛି। କଟକ ଓ ଖୋର୍ଦ୍ଧା ଜିଲ୍ଲାରେ ୨୩ଟି ସିଏନଜି ଷ୍ଟେସନ ପ୍ରତିଷ୍ଠା ହୋଇଛି। ସ୍ମାର୍ଟ ସିଟି ଭୁବନେଶ୍ୱର ସମେତ ସବୁ ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ଆମ ସମସ୍ତଙ୍କର ଦାୟିତ୍ୱ। ଏହାକୁ ଆମେ ସମସ୍ତେ ଜନଆନ୍ଦୋଳନରେ ପରିଣତ କରିବା ଦରକାର। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଭୁବନେଶ୍ୱରରେ ଗରିବଙ୍କୁ ରଖାଯାଇ ଭୋଟ୍ ରାଜନୀତି ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ପିଏମ ଆବାସ ଯୋଜନାରେ ସହରାଞ୍ଚଳର ଗରିବ ଓ ବସ୍ତିବାସିନ୍ଦାଙ୍କୁ ଘର ଯୋଗାଇବା ପାଇଁ ଯୋଜନା କରିଛନ୍ତି। ରାଜ୍ୟ ସରକାର ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଜାଗା ଉପଲବ୍ଧ କଲେ ଭାରତ ସରକାର ପ୍ରଧାନମନ୍ତ୍ରୀ ଆବାସ ସହରରୁ ପର୍ଯ୍ୟାପ୍ତ ମାତ୍ରାରେ ଏମାନଙ୍କୁ ଘର ଯୋଗାଇଦେବେ। ଭୁବନେଶ୍ୱରରେ ବସ୍ତି ରହିବନି। ପକ୍କା ଘର ବସ୍ତିବାସିନ୍ଦାଙ୍କୁ ଦିଆଯିବ। ଏହା ଅମୃତ ମହୋତ୍ସବର ସଂକଳ୍ପ ହେବା ଦରକାର। ଗରିବଙ୍କ କଲ୍ୟାଣ କରିବା ପାଇଁ କୌଣସି ଜାତି କିମ୍ବା ଧର୍ମ ନାହିଁ। ଓଡ଼ିଶାକୁ ଦେଶରେ ୧ ନମ୍ବର କରିବା ସହ ଦାରିଦ୍ର୍ୟକୁ ଦୂର କରିବା ପାଇଁ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

# ଲୋକ କବି କିଶୋର ଚନ୍ଦ୍ର ପାତ୍ର ଓ ସନ୍ତୋଷ ପ୍ରଧାନ

**ବରଗଡ଼ :** କବି ଶ୍ରୀ ସନ୍ତୋଷ ପ୍ରଧାନଙ୍କ ଜନ୍ମ ହୁଏ ୧୯୫୧ ମସିହା ଅବିଭକ୍ତ ସମ୍ବଲପୁର ଜିଲ୍ଲା ଏବେକାର ବରଗଡ଼ ଜିଲ୍ଲାର ଅତାବିରା ବ୍ଲକ ଟକ୍କୁଳି କଟାପାଳି ଗ୍ରାମରେ ତାଙ୍କ ପିତାଙ୍କ ନାମ କଷ୍ଟ ପ୍ରଧାନ ଓ ମାତାଙ୍କ ନାମ ଥିଲା। ନିଦ୍ରାବତୀ ପ୍ରଧାନ 'ଜୁହାର ଦଦା ସମ୍ବଲପୁର' କହିଲେ ସନ୍ତୋଷ ପ୍ରଧାନଙ୍କୁ ବୁଝାଏ। ସେ ମାତ୍ର ଦ୍ୱିତୀୟ ଶ୍ରେଣୀ ପାଠ ପଢି 'ସମ୍ବଲପୁରୀ କୋଶଲି ଭାଷାରେ ଜୁହାର ଦଦା ସମ୍ବଲପୁର, 'କୋଶଲି ରାମାୟଣ' ଆଦି ପୁସ୍ତକ ରଚନା କରିଛନ୍ତି। ଲୋକ କବି କଳାକାର ମାନ୍ୟରେ ଲୋକ ମହୋତ୍ସବ ସମ୍ବଲପୁର, କେନ୍ଦୁଝର ଜିଲ୍ଲାସ୍ତରୀୟ ଶିଶୁ ସାହିତ୍ୟ ସଂସଦ, ବରଗଡ଼ ଜିଲ୍ଲା ଲୋକ ମହୋତ୍ସବ ସମିତି, କୋଶଳ କବି ସମ୍ମିଳନୀ



ସମ୍ବଲପୁରୀ ସାହିତ୍ୟ ପରିଷଦ ଆଉ ଅନେକ ଅନୁଷ୍ଠାନ ତରଫରୁ ସେ ସମ୍ମାନୀତ ହୋଇଛନ୍ତି। 'ବରଗଡ଼ିଆ ପିଲା' ତାଙ୍କ ଅପ୍ରକାଶିତ ପୁସ୍ତକ। ତାଙ୍କ ତଳ ପିଢ଼ିର କବି କିଶୋର ଚନ୍ଦ୍ର ପାତ୍ରଙ୍କ ଜନ୍ମ ହୁଏ ୧୯୮୨ ମସିହା ଏପ୍ରିଲ ୧ ତାରିଖ ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଲରାସରା କର୍ମାଟିକ୍ରା ଗ୍ରାମରେ। ସେ ସମ୍ବଲପୁରୀ କୋଶଳି ଭାଷାରେ କୋଶଳ ପାରା, କବିତା କେରା, ତିରଭଙ୍ଗିଆ, ଲରାସରାର ରସରକେଳି, ବରଗଡ଼ର ମାଏଲାଜଡ ଓ ବ୍ଲକ ଆମର ଅତାବିରାରେ, ଆଦି ପୁସ୍ତକ ରଚନା କରିଛନ୍ତି। ଓଡ଼ିଆ ଭାଷାରେ ଲିଖିତ ପ୍ରକାଶିତ ପୁସ୍ତକ ମାହେଶ୍ୱରୀ ଚଉତିଶା, ବଣାସନ ଯାତ୍ରା, ଅପ୍ରକାସିତ ପୁସ୍ତକ ରହିଛି। ଅନେକ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ କବି ଶ୍ରୀ ପାତ୍ର ବିଶେଷ ମାନ ସମ୍ମାନର ଅଧିକାରୀ ଅଟନ୍ତି। ଏହି କବି ମହାଶୟଦ୍ୱୟ ଅତାବିରା ବ୍ଲକ ସହିତ ସାରା ପଶ୍ଚିମ ଓଡିଶାର ଗର୍ବ ଓ ଗୌରବ ଅଟନ୍ତି। ଆସନ୍ତା ନବ ବର୍ଷ ୨୦୨୪ ତାଙ୍କ ପାଇଁ ସୁଖ ଓ ସଂବୃଦ୍ଧିର ବର୍ଷ ହେଉ। ମାଁ ସମଲେଶ୍ୱରୀଙ୍କ ଚରଣ ତଳେ ବିନତି।

# ଡୋପ୍ ଟେଷ୍ଟରେ ଦୂତୀ ଚାନ୍ଦ ଫେଲ୍ ; ୪ ବର୍ଷ ପାଇଁ ବାସନ୍ଦ



**ଭୁବନେଶ୍ୱର :** ଭାରତର ଦ୍ରୁତତମ ଧାବିକା ଦୂତି ଚାନ୍ଦଙ୍କୁ ବଡ଼ ଝଟକା। ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି ଦୂତି ଚାନ୍ଦ। ଫଳରେ ୪ ବର୍ଷ ପାଇଁ ସେ ବାସନ୍ଦ ହୋଇଛନ୍ତି। ଗତ ଜାନୁଆରୀ ୩ ତାରିଖରୁ ପିଛିଲା ଭାବେ ଏହି ବାସନ୍ଦ ଅବଧି ଲାଗୁ ହେବ। ଏହି ତାରିଖଠୁ ବର୍ତ୍ତମାନ ମଧ୍ୟରେ ଦୂତି ଯେଉଁ ଇଭେଣ୍ଟ ଗୁଡ଼ିକରେ ଅଂଶଗ୍ରହଣ କରିଥିବେ, ତାହାର ପ୍ରଦର୍ଶନ ଗୁଡ଼ିକୁ ଅଯୋଗ୍ୟ ଘୋଷଣା କରାଯିବ ବୋଲି କହିଛି ଆଣ୍ଟି ଡୋପିଂ ଡିସିପ୍ଲିନାରି ପ୍ୟାନେଲ। ଏହି ଦଣ୍ଡ ବିରୋଧରେ ଆଣ୍ଟି ଡୋପିଂ ଅପିଲ୍ ପ୍ୟାନେଲ୍ ଆଗରେ ନିଜର ପକ୍ଷ ରଖିବାକୁ ଦୂତିଙ୍କୁ ୨୧ ଦିନ ସମୟ ଦିଆଯାଇଛି। ଏଡିଡିପି ଆଗରେ ଶୁଣାଣି ସମୟରେ ଯଦିଓ ଦୂତି ନିଷିଦ୍ଧ ଔଷଧ ସେବନକୁ ଅସ୍ୱୀକାର କରିଥିଲେ ତଥାପି ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରି ପାରିନଥିଲେ। ଦୂତି ଜାତୀୟ ଆଣ୍ଟି ଡୋପିଂ ଏଜେନ୍ସିର ଧାରା ୨.୧, ୨.୨କୁ ଉଲ୍ଲଂଘନ କରିଥିବା ଅଭିଯୋଗରେ ତାଙ୍କୁ ୪ ବର୍ଷ ବାସନ୍ଦ କରାଯାଇଛି।

# ଆହୁରି ମହକିବ ମାଣ୍ଡିଆ

**ଭୁବନେଶ୍ୱର :** ବିଶ୍ୱରେ ଓଡିଶାକୁ ନୂଆ ସଫଳତା। ମାଣ୍ଡିଆର ୪ଟି ଭୂ-ପ୍ରଜାତିକୁ ମାନ୍ୟତା। ବିହନ ପ୍ରଣାଳୀରେ ପାରମ୍ପରିକ ମାଣ୍ଡିଆର ଭୂ-ପ୍ରଭାତି ଜାରି କରିବାରେ ଓଡ଼ିଶା ବିଶ୍ୱରେ ନୂଆ ପରିଚୟ ସୃଷ୍ଟି କରିଛି। କୃଷି ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ କୁନ୍ଦ୍ରାବାଟି, ଲକ୍ଷ୍ମିପୁର-କାଳିଆ, ମାଲ୍ୟମାମି ଏବଂ ଗୁପ୍ତେଶ୍ୱର ଭାରତୀ ଆଦି ନାମରେ ୪ଟି ଭୂ-ପ୍ରଜାତିକୁ ବିହନ ପ୍ରଣାଳୀରେ ଜାରି କରାଯାଇଛି। ଯାହା ଉପଯୁକ୍ତ ବୈଜ୍ଞାନିକ ପଦ୍ଧତି ଏବଂ ପାରମ୍ପରିକ ଜ୍ଞାନ କୌଶଳର ମିଶ୍ରଣରେ ମାଣ୍ଡିଆର ଭୂ-ପ୍ରଜାତି ବିକଶିତ ହେବ। ଫଳରେ କୃଷି ଜୈବିକ ବିବିଧତାର ମୂଳାଧାରରେ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ଆସିପାରିବ। ପାରମ୍ପରିକ ମାଣ୍ଡିଆ ଭୂ-ପ୍ରଜାତିର କିସମ ସ୍ଥାନୀୟ ମୃତିକା ଓ ଜଳବାୟୁ ଅନୁକୂଳ ହୋଇଛି। ଏହି କିସମ ରୋଗପୋକ ଏବଂ ଜଳବାୟୁ ପରିବର୍ତ୍ତନ ପ୍ରତି ମଧ୍ୟ ସହନଶୀଳ



ଅଟେ। ଜନଜାତି ସଂପ୍ରଦାୟର କୃଷକମାନେ ବିଭିନ୍ନ ମାଣ୍ଡିଆ କିସମର ସଂରକ୍ଷକ ଭାବରେ ବିବେଚିତ ହୋଇ ଆସୁଛନ୍ତି। ଓଡ଼ିଶା ମିଲେଟ ମିଶନ ମାଧ୍ୟମରେ ଆଗକୁ ଏହିସବୁ ଭୂ-ପ୍ରଭାତି ନେଇ ଲମ୍ବା ଯୋଜନା କରାଯାଇଥିବା କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ ପାଢୀ କହିଛନ୍ତି। ୨୦୨୭ ମସିହା ପର୍ଯ୍ୟନ୍ତ ପାଇଲଟ ପ୍ରୋଜେଟ ଭାବେ ମିଲେଟ ମିଶନକୁ ନେଇ କାମ ଆରମ୍ଭ କରିଛି କୃଷି ବିଭାଗ। ଲୋକଙ୍କ ଭିତରେ ମିଲେଟ ପ୍ରତି ଆଦାର ବଢାଇବା ସହ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ସଶକ୍ତ କରି ଏହାର ଅଧିକ ପ୍ରଚାର ଓ ପ୍ରସାର ପାଇଁ କରିବାକୁ ଉଦ୍ୟମ ଆରମ୍ଭ କରାଯାଇଛି। ଚଳିତ ବର୍ଷ ଏନେଇ ବଜେଟରେ ୪୯୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଓଡ଼ିଶା ଦେଶର ଏକମାତ୍ର ରାଜ୍ୟଭାବେ ମାଣ୍ଡିଆ ଚାଷୀଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ ଯୋଗାଇ ଦେଉଛି। ମିଲେଟକୁ ୩୦ଟି ଜିଲ୍ଲାର ୧୭୭ ବ୍ଲକକୁ ସଂପ୍ରସାରଣ କରାଯାଇଛି। ଆଗକୁ ଉପକୂଳ ଓଡ଼ିଶାର ମାଣ୍ଡିଆ ଚାଷ ଉପରେ ଫୋକସ କରିଛି କୃଷି ବିଭାଗ। ୨୦୧୭-୧୮ ବର୍ଷରେ ମାଣ୍ଡିଆକୁ ପ୍ରୋତ୍ସାହନ ଦେବାକୁ ରାଜ୍ୟ ସରକାର ଆରମ୍ଭ କରିଥିବା ମିଲେଟ ମିଶନ ଏବେ ସଫଳତା ପରେ ସଫଳତା ହାସଲ କରିଛି। ଓଡ଼ିଶା ମିଲେଟ ମିଶନକୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସ୍ୱୀକୃତି ମିଳିଛି। ୨୦୨୩ ବର୍ଷକୁ ଆନ୍ତର୍ଜାତିକ ମିଲେଟ୍ ବର୍ଷ ଭାବେ ପାଳନ କରାଯାଉଛି। ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇ ମାଣ୍ଡିଆର ପ୍ରଚାର, ପ୍ରସାର ସହ ଘରେ ଘରେ କିପରି ମାଣ୍ଡିଆ ପହଞ୍ଚିବ ସେଦିଗରେ ଜୋରଦାର ପ୍ରୟାସ କରିଛନ୍ତି।

# ରାଜ୍ୟର ସବୁ ପଞ୍ଚାୟତରେ ଖୋଲିବ ବ୍ୟାଙ୍କିଙ୍ଗ୍ ଆଉଟଲେଟ୍

**ଭୁବନେଶ୍ୱର :** ରାଜ୍ୟର ସବୁ ପଞ୍ଚାୟତରେ ମିଳିବ ବ୍ୟାଙ୍କ ସୁବିଧା। ଏନେଇ ଗତ ଅଗଷ୍ଟ ୧୧ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଅନୁମୋଦନ ମିଳିଥିଲା। ରାଜ୍ୟର ୬୭୯୮ଟି ଗ୍ରାମ ପଞ୍ଚାୟତ ମଧ୍ୟରୁ, ସ୍ଥାୟୀ ବ୍ୟାଙ୍କ ଶାଖା ନଥିବା ୪୩୭୩ ଗ୍ରାମ ପଞ୍ଚାୟତରେରେ ଖୁବ୍‌ଶୀଘ୍ର ବ୍ୟାଙ୍କିଙ୍ଗ ସୁବିଧା ମିଳିବ। ୫ଶହ କୋଟି ଟଙ୍କା ବଜେଟ୍ ସହାୟତାରେ ୬ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସହିତ ସମନ୍ୱୟ ରକ୍ଷା କରି ସିଏସ୍‌ସି ପ୍ଲସ୍ ବ୍ୟାଙ୍କିଙ୍ଗ୍ ଆଉଟଲେଟ୍ ଖୋଲାଯିବ। ୬ଟି ପବ୍ଲିକ ସେକ୍ଟର ବ୍ୟାଙ୍କ ଯଥା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ବରୋଦା ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହିତ ସମନ୍ୱୟ ରକ୍ଷା କରି "ସି.ଏସ.ପି ପ୍ଲସ୍" ବ୍ୟାଙ୍କିଙ୍ଗ୍ ଆଉଟଲେଟ ଖୋଲିବ। ତେବେ ରାଜ୍ୟରେ 'ସିଏସପି ପ୍ଲସ' ବ୍ୟାଙ୍କିଙ୍ଗ୍ ଆଉଟଲେଟ୍ ଖୋଲିବାପାଇଁ ୬ଟି





ରାଷ୍ଟ୍ରାୟତ ବ୍ୟାଙ୍କ ଆଗେଇ ଆସିଥିବାବେଳେ ଭାରତୀୟ ଷ୍ଟେଟବ୍ୟାଙ୍କ୍ ସର୍ବାଧିକ ଆଉଟଲେଟ୍ ପ୍ରତିଷ୍ଠା କରିବ । ମୋଟ୍ ୪୩୭୩ ଆଉଟଲେଟ୍ ମଧ୍ୟରୁ ଷ୍ଟେଟ୍‌ବ୍ୟାଙ୍କ୍ ୧୪୮୭ଟି ପ୍ରତିଷ୍ଠା କରିବାକୁ ଥିବାବେଳେ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୩୬୩ଟି ବ୍ୟାଙ୍କିଙ୍ଗ୍ ଆଉଟଲେଟ ଖୋଲିବ। ସିଏସ୍‌ସି ପ୍ଲସ୍ ବ୍ୟାଙ୍କିଙ୍ଗ୍ ଆଉଟଲେଟ୍ ଖୋଲିବା ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିବାପରେ ୬ଟି ରାଷ୍ଟ୍ରାୟତ ବ୍ୟାଙ୍କ୍ ଯଥା ଭାରତୀୟ ଷ୍ଟେଟବ୍ୟାଙ୍କ୍ (ଏସ୍ବିଆଇ), ପଞ୍ଜାବ ନେସନାଲ୍ ବ୍ୟାଙ୍କ୍ (ପିଏନବି), ୟୁକୋବ୍ୟାଙ୍କ୍, ୟୁନିଅନ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ବ୍ୟାଙ୍କ୍ ଅଫ୍ ବରୋଦା ଏବଂ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଏଥିପାଇଁ ତାଲିକାଭୁକ୍ତ ହୋଇଛନ୍ତି। ରାଜ୍ୟର ମୋଟ୍ ୬୭୯୮ ପଞ୍ଚାୟତ ମଧ୍ୟରୁ ୬୫% ଅର୍ଥାତ୍ ୪୩୭୩ ପଞ୍ଚାୟତରେ ବ୍ୟାଙ୍କ୍ ଶାଖା ନାହିଁ। ବର୍ତ୍ତମାନ ଆର୍ଥିକ କାରବାର ପାଇଁ ବ୍ୟାଙ୍କ୍ ଶାଖା ଜରୁରୀ ହୋଇପଡିଥିବାବେଳେ ସମସ୍ତ ପଞ୍ଚାୟତରେ ବ୍ୟାଙ୍କ୍ ଶାଖା ଖୋଲିବା ଉପରେ ଗୁରୁତ୍ୱ ଦିଆଯାଉଛି। ତେବେ ମିଳିଥିବା ସୂଚନା ଅନୁଯାୟୀ ଏସ୍ବିଆଇ ରାଜ୍ୟରେ ୧୪୮୭ ଆଉଟ୍ଲେଟ୍ ଖୋଲିବାକୁ ଥିବାବେଳେ ପିଏନବି, ୭୭୭, ୟୁବିଆଇ ୭୭୫, ୟୁକୋ ୭୬୦, ବିଓଆଇ ୫୨୫ ଏବଂ ବିଓବି ୨୩୪ଟି ଆଉଟଲେଟ ଖୋଲିବ। ତେବେ ଅବଶିଷ୍ଟ ଆଉଟଲେଟ ଖୋଲିବାପାଇଁ ନିଷ୍ପତ୍ତି ଚୂଡାନ୍ତ ହେବ।







## ରାଜଗାଙ୍ଗପୁରରେ ରେଲ୍ ଓଭରବ୍ରିଜ ନିର୍ମାଣ ତ୍ୱରାନ୍ୱିତ ହେବ

# ଅଧିଗ୍ରହଣ ପରିବର୍ତ୍ତେ ଜମି କିଣିବେ ସରକାର

**ଭୁବନେଶ୍ୱର :** ସୁନ୍ଦରଗଡ ଜିଲ୍ଲାର ରାଜଗାଙ୍ଗପୁର ଠାରେ ଏକ ରେଲ ଓଭରବ୍ରିଜ ନିର୍ମାଣ ପାଇଁ ଜମି ଅଧିଗ୍ରହଣ କରା ନ ଯାଇ ସିଧା ସଳଖ ଲୋକଙ୍କ ଠାରୁ ରାଜ୍ୟ ସରକାର ସିଧାସଳଖ ଜମି କିଣିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ମାର୍ଚ୍ଚ ମାସ ୧୧, ୧୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ ଭି.କେ. ପାଣ୍ଡିଆନ ସୁନ୍ଦରଗଡ ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମୀକ୍ଷା କରିବା ସହିତ ଲୋକଙ୍କ ଅଭିଯୋଗ ମଧ୍ୟ ଶୁଣିଥିଲେ। ଏହି ଗସ୍ତ ସମୟରେ ଜିଲ୍ଲାର ରାଜଗାଙ୍ଗପୁର ଠାରେ ଏକ ରେଲ ଓଭରବ୍ରିଜ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ସମସ୍ୟା ସଂପର୍କରେ ସେ ଅବଗତ ହୋଇଥିଲେ। ଏହା ସଂପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିବା ପରେ, ଜଙ୍ଗଲ ପାଇଁ ଆବଶ୍ୟକ ଜମିକୁ ସିଧାସଳଖ ରାଜ୍ୟ ସରକାର କିଣିନେଇ ନିର୍ମାଣ କାମକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଥିଲେ। ଏହି ରେଲ ଓଭରବ୍ରିଜଟି ସୁନ୍ଦରଗଡ ଜିଲ୍ଲାର ସୋନାଖାନ୍ ଓ କାଂଶବାହାଲ ଷ୍ଟେସନ ମଧ୍ୟରେ ରାଜଗାଙ୍ଗପୁର ମୌଜାରେ ନିର୍ମାଣ କରାଯିବ।









# ଲକ୍ଷ୍ମୀ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ

**ଭୁବନେଶ୍ୱର :** ନୀଳାଦ୍ରି ବିହାର ସେକ୍ଟର-୧ ଛକ ଠାରେ ଲକ୍ଷ୍ମୀ ବଜାର ବ୍ୟବସାୟୀ ସଂଘ ଟ୍ରଷ୍ଟ ପକ୍ଷରୁ ୭୭ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ସଂଘର ସଭାପତି ତାରକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ କର୍ପୋରେଟର ମୋନାଲିସା ସାହୁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ନେତା ମନୋଜ କୁମାର ସାହୁ ଯୋଗଦେଇ ସ୍ୱାଧୀନତା ଦିବସର ମହାନତା ଉପରେ କହିଥିଲେ। ଏହି ଅବସରରେ ସଂଘର ସଭାପତି ଦେଶ ସ୍ୱାଧୀନତାରେ ପ୍ରାଣବଳୀ ଦେଇଥିବା ସଂଗ୍ରାମୀମାନଙ୍କୁ ସ୍ମରଣ କରି ସେମାନଙ୍କ ତ୍ୟାଗର ପଟ୍ଟାନ୍ତର ନାହିଁ ବୋଲି କହିଥିଲେ। ଏଥିରେ ବଜାର କମିଟିର ସଦସ୍ୟ ପ୍ରଭାତ କୁମାର ପଟ୍ଟନାୟକ, ଦ୍ୱିତୀକୃଷ୍ଣ ପଣ୍ଡା, ସୁଶାନ୍ତ ରଥ, ସୁଶାନ୍ତ କୁମାର ନାୟକ, କାଳନ୍ଦୀ ଚରଣ ଦାଶ, ଅକ୍ଷୟ ନାୟକ, ଭଜହରି ଜେନା, ରାମକୃଷ୍ଣ ବେହେରା, ନିମାଇଁ ନାୟକ, ହିମାଂଶୁ ଶେଖର ସାହୁ, ବାବୁଲ ନାୟକ, ଶଙ୍ଖାଳି ମହାନ୍ତ, କୈଳାସ ସାହୁ, ଶିଶୁରଞ୍ଜନ ସାହୁ, ପ୍ରଫୁଲ୍ଲ କୁମାର ମହାରଣା, ସୁରେଶ ବାରିକ, ଅଲେଖ ପ୍ରକାଶ ଦାସ, ଦିଲ୍ଲୀପ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସଂଘର ସମ୍ପାଦକ ତାପସ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**
Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**